# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 255 | ଭାଗ ୩୩ | ସଂଖ୍ୟା ୨୫୫ | Monday 8 December 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର୮ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ବିଜୁଳି ବିଲ୍ ଦେଇନାହାନ୍ତି ତେଜପ୍ରତାପ ପୃଷ୍ଠା ୫


ପାର୍ଟି ଚାଲିଥିବା ବେଳେ ଗୋଆରେ ହୃଦୟ ବିଦାରକ ଘଟଣା

# ନାଇଟ୍ କ୍ଲବ୍‌ରେ ନିଆଁ ଜଳିଗଲେ ୨୫




**୫୦ ଆହତ, ମାଲିକ ଗିରଫ**

**ମୃତକଙ୍କ ମଧ୍ୟରେ ୪ ପର୍ଯ୍ୟଟକ ସାମିଲ**

**୩ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ**

**ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଶୋକ**

**ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା ଘୋଷଣା**

ନୂଆଦିଲ୍ଲୀ, ୭।୧୨ ; ଗୋଆରେ ଏକ ଲୋକପ୍ରିୟ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହ ୫୦ରୁ ଅଧିକ ଲୋକ ଆହତ ମଧ୍ୟ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ରୁ ୧୯ ଜଣ କର୍ମଚାରୀ ଥିବା ଜଣାପଡ଼ିଛି। ୪ ପର୍ଯ୍ୟଟକ ବି ଏହି ଅଘଟଣରେ ପ୍ରାଣ ହରାଇବା ସହ ଗୁରୁତର ଭାବେ ଆହତ ହୋଇଛନ୍ତି। ଏବେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପ୍ରାରମ୍ଭିକ ତଦନ୍ତ ପରେ, କ୍ଲବ୍ ମାଲିକଙ୍କୁ ଗିରଫ କରାଯିବା ସହ ମୋଟ ତିନି ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି।

ଗୋଆ ପୁଲିସ କହିଛି ଯେ, ଦୁର୍ଘଟଣାର କାରଣ ଅବହେଳା ଯୋଗୁଁ ହୋଇଛି। ଏବେ ନାଇଟ୍ କ୍ଲବକୁ ସିଲ୍ କରାଯାଇଛି ଏବଂ ଅନେକ ଲୋକଙ୍କୁ ପଚରାଉଚରା କରାଯାଉଛି। ଅଧିକାରୀମାନେ କହିଛନ୍ତି ଯେ, ଯଦି ଅଗ୍ନି ନିରାପତ୍ତା ମାନଦଣ୍ଡ ପାଳନ କରାଯାଇ ନଥାଏ, ତେବେ କ୍ଲବ ମାଲିକମାନଙ୍କ ବିରୁଦ୍ଧରେ ଗମ୍ଭୀର ମାମଲା ରୁଜୁ କରାଯିବ। ତଦନ୍ତରୁ ଜଣାପଡିଛି ଯେ, ଅନେକ ଅଗ୍ନି ନିରାପତ୍ତା ନିୟମ ପାଳନ କରାଯାଇନାହିଁ। ଜରୁରୀକାଳୀନ ପ୍ରସ୍ଥାନ, ଭେଣ୍ଟିଲେସନ୍ ଏବଂ ଆଲାର୍ମ ସିଷ୍ଟମ ଭଳି ମୌଳିକ ସୁରକ୍ଷା ମାନଦଣ୍ଡ ମଧ୍ୟ ସନ୍ଦେହଜନକ ବୋଲି ଜଣାପଡିଛି। ଅଗ୍ନିଶମ ବିଭାଗ ଏବଂ ପୁଲିସର ଏକ ମିଳିତ ଦଳ ଏହି ଘଟଣାର ତଦନ୍ତ କରୁଛନ୍ତି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରାରମ୍ଭିକ ସୂଚନା ଅନୁଯାୟୀ ରୋଷେଇ ଘର କିମ୍ବା ବିଦ୍ୟୁତ୍ ➪ପୃଷ୍ଠା-୬

ଆରମ୍ଭ ହେଲା ମା’ ତାରିଣୀ ପୀଠର କାୟାକଳ୍ପ

ମୋଦି-ମୋହନ ଗ୍ୟାରେଣ୍ଟି

# ବିକାଶର ଶିଖର ଛୁଇଁବ କେନ୍ଦୁଝର

**୩୧୨ କୋଟି ପ୍ରକଳ୍ପର ଶିଳାନ୍ୟାସ**

**ମନ୍ଦିର ସେବକଙ୍କ ପାଇଁ ହେବ ଗୃହ ନିର୍ମାଣ**

**ବର୍ଷେ ଭିତରେ ଶେଷ ହେବ ଉନ୍ନତିକରଣ କାର୍ଯ୍ୟ**

**କେନ୍ଦୁଝରରେ ମେଗା ଇସ୍ପାତ କାରଖାନା ଘୋଷଣା**

**ଜିଲ୍ଲା ହେବ ରାଜ୍ୟର ତୃତୀୟ ଇସ୍ପାତ ନଗରୀ**

**ବିକାଶ ପାଇଁ ୩୫ ହଜାର କୋଟି ମହଜୁଦ**

**ସୁନାର କେନ୍ଦୁଝର ଗଢ଼ିବା ପ୍ରକ୍ରିୟା ଆରମ୍ଭ: ମୁଖ୍ୟମନ୍ତ୍ରୀ**




ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ମା’ଙ୍କ ଡୋରି ଲାଗିଲା, ମା’ଙ୍କ ସେବା ପାଇଁ ସୁଯୋଗ ମିଳିଲା। ଆଜି କେନ୍ଦୁଝର ଘଟ ଗାଁ ମା’ ତାରିଣୀଙ୍କ ପୀଠରେ ସମନ୍ୱିତ ବିକାଶ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ଆଜି ଘଟଗାଁଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ମା’ ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ସମୁଦାୟ ୩୧୩ କୋଟି ଟଙ୍କା ବ୍ୟୟ ବରାଦରେ ଆଜି ମା’ ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ଓ ଆଗାମୀ ବର୍ଷେ ମଧ୍ୟରେ ଏହି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୮ ମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଥିବାରୁ ସେ ଭାବବିହ୍ୱଳ। ମା’ ତାରିଣୀଙ୍କ ପୀଠକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସକାଶେ ସରକାର ସବୁ କିଛି କରିବେ। ଅର୍ଥାତ୍ ମା’ଙ୍କ ପୀଠର ➪ପୃଷ୍ଠା-୬

ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

**ସାମ୍ନାକୁ ଆସିଲା ଆନ୍ତଃରାଜ୍ୟ ଲିଙ୍କ୍**

ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ରାଜ୍ୟ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ଆଜି ସିବିଆଇକୁ ଆଉ ଏକ ସଫଳତା ମିଳିଛି। ସିବିଆଇ ଟିମ୍ ଏହି ମାମଲା ସହ ଜଡ଼ିତ ଅନ୍ୟ ଜଣେ ଅଭିଯୁକ୍ତକୁ ବିହାରରୁ ଗିରଫ କରିଛି। ଉକ୍ତ ଅଭିଯୁକ୍ତ ଜଣଙ୍କ ମାମଲା ସାମ୍ନାକୁ ଆସିବା ପରେ ବିହାରରେ ଲୁଚିଥିଲେ ହେଁ ସିବିଆଇ ନଜରରୁ ଖସିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ପୁଲିସ ଏସ୍ଆଇ ଦୁର୍ନୀତି ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ଜଣାପଡ଼ିଛି। ରାଜ୍ୟର ପ୍ରମୁଖ ଦଲାଲଙ୍କ ସମେତ ଅନ୍ୟ ରାଜ୍ୟର ଲୋକ ମଧ୍ୟ ଏହି କେଳେଙ୍କାରୀରେ ସଂପୃକ୍ତ ଅଛନ୍ତି। ସିବିଆଇ ଗିରଫ ଅଭିଯୁକ୍ତକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି। ପଚରାଉଚୁରା




ସମୟରେ ଅଧିକ ତଥ୍ୟ ମିଳିବ ବୋଲି ଜଣାପଡ଼ିଛି। ଏଥିସହ ଏହି ମାମଲାରେ ସିବିଆଇ ଅଦ୍ୟାବଧି ୪ ଜଣଙ୍କୁ ଗିରଫ କରିଛି। ସେହିପରି ସିବିଆଇ ପକ୍ଷରୁ ଅଦ୍ୟାବଧି ଅନେକ ଆଶାୟୀ ପରୀକ୍ଷାର୍ଥୀଙ୍କୁ ବି ମାରାଥନ୍ ଜେରା କରାଯାଇଥିବା ଜଣାପଡ଼ିଛି। ➪ପୃଷ୍ଠା-୬

ଏନ୍ଇପି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ

# ଉପଯୁକ୍ତ ପୋଷଣ ସୁନିଶ୍ଚିତ ଶିକ୍ଷା ସଂସ୍କାରର ଆଧାର



**ଔପନିବେଶିକ ମାନସିକତାରୁ ମୁକ୍ତି ଚିନ୍ତା ପାଇଁ ଆହ୍ୱାନ**

ଭୋପାଳ,୭।୧୨(ସଂଚାର ବ୍ୟୁରୋ): ‘ପୋଷଣ ଅଭିଯାନ’ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ତୁଳିତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଉତ୍ତମ ପୋଷଣ ପିଲାମାନଙ୍କର ଏକାଗ୍ରତା ଓ ଶିଖାଇବାର କ୍ଷମତା ବଢ଼ାଇବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବାନ, ଆତ୍ମବିଶ୍ୱାସୀ ଓ ସକ୍ଷମ ନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ, ଯାହା ‘ବିକଶିତ ଭାରତ’ର ସ୍ୱପ୍ନକୁ ସାକାର କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ଏଠାରେ ଆୟୋଜିତ ‘ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦- କ୍ରିୟାନ୍ୱୟନ, ଆହ୍ୱାନ ଓ ସମ୍ଭାବନା’ ସଂକ୍ରାନ୍ତ ଏକଦିବସୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ମଧ୍ୟପ୍ରଦେଶ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଓ ଭାରତୀୟ ସଂସ୍କୃତି ଉଭୟକୁ ସମାନ ଗତିରେ ଆଗକୁ ବଢ଼ାଇବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଔପନିବେଶିକ ମାନସିକତାରୁ ମୁକ୍ତ ଏକ ଆତ୍ମଗୌରବରେ ପରିପୂର୍ଣ୍ଣ ଶିକ୍ଷା ପ୍ରଣାଳୀ ➪ପୃଷ୍ଠା-୬

ଥମୁନି ଇଣ୍ଡିଗୋର ଯାତ୍ରୀ ଯନ୍ତ୍ରଣା

# ପୁଣି ୬୫୦ ବିମାନ ବାତିଲ୍




**ଯାତ୍ରୀଙ୍କୁ ୬୧୦ କୋଟି ଫେରାଇଲାଣି କମ୍ପାନୀ**

**ହସ୍ତାନ୍ତର କଲା ୩୦୦୦ରୁ ଅଧିକ ବ୍ୟାଗ୍**

**୧୦ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବ: କର୍ତ୍ତୃପକ୍ଷ**

**ତୁରନ୍ତ ସମସ୍ୟାର ସମାଧାନ ଲାଗି ଚାଲିଛି ପ୍ରୟାସ**

ନୂଆଦିଲ୍ଲୀ,୭।୧୨: ଲଗାତାର ୬ ଦିନ ହେଲା ଇଣ୍ଡିଗୋ ସଂକଟ ଜାରି ରହିଛି। ଦେଶର ସର୍ବବୃହତ୍ତ ବିମାନ କମ୍ପାନୀ ଇଣ୍ଡିଗୋ ରବିବାର ୬୫୦ଟି ବିମାନ ବାତିଲ କରିଛି। ନିର୍ଦ୍ଧାରିତ ୨୩୦୦ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ମଧ୍ୟରୁ କମ୍ପାନୀ ୧୬୫୦ଟି ଉଡ଼ାଣ ପରିଚାଳନା କରୁଛି। ଏହି ସମୟରେ, ରବିବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ, ଏପର୍ଯ୍ୟନ୍ତ ଇଣ୍ଡିଗୋ ଯାତ୍ରୀମାନଙ୍କୁ ମୋଟ ୬୧୦ କୋଟି ଟଙ୍କା ଫେରସ୍ତ କରିଛି। ଏହା ବ୍ୟତୀତ, ଇଣ୍ଡିଗୋ ଦେଶବ୍ୟାପୀ ଯାତ୍ରୀମାନଙ୍କୁ ୩୦୦୦ ରୁ ଅଧିକ ବ୍ୟାଗ ମଧ୍ୟ ହସ୍ତାନ୍ତର କରିଛି। ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ରବିବାର କହିଛନ୍ତି ଯେ, ଆଜି ଏହାର ସିଷ୍ଟମରେ ଆହୁରି ଉନ୍ନତି ଆଣିଛି। ସିଇଓ କହିଛନ୍ତି, ‘ଆମେ ଏବେ ପ୍ରଥମ ପର୍ଯ୍ୟାୟରେ ହିଁ ବିମାନ ଚଳାଚଳ ବାତିଲ କରୁଛୁ। ତେଣୁ ଯେଉଁ ➪ପୃଷ୍ଠା-୬

ରାୟପୁର-ଭାଇଜାଗ୍ କରିଡର ପାଇଁ ୧୬,୪୮୨ କୋଟି

# ଓଡ଼ିଶା ବିକାଶକୁ ମିଳିବ ଗତି



**ରାଜ୍ୟ ଭିତର ଦେଇ ଯିବ ୨୪୦ କିମି ରାସ୍ତା**

**ଭାଇଜାଗ୍ ପୋର୍ଟକୁ ସୁଗମ ହେବ ଖଣିଜ ପରିବହନ**

**ଛତିଶଗଡ଼ ଓ ଆନ୍ଧ୍ର ବି ପାଇବେ ଫାଇଦା**

ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): କେନ୍ଦ୍ର ସଡ଼କ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ବିକଶିତ ହେଉଥିବା ରାୟପୁର-ଭାଇଜାଗ୍ ଆର୍ଥିକ କରିଡର୍‌ରୁ ଓଡ଼ିଶାକୁ ମିଳିବ ଫାଇଦା। ଏହି ନିର୍ମାଣାଧୀନ ପ୍ରାୟ ୪୬୫ କିମି ରାସ୍ତା ମଧ୍ୟରୁ ଓଡ଼ିଶା ଦେଇ ୨୪୦ କିମି ରାସ୍ତା ଅତିକ୍ରମ କରିବ। ଫଳରେ ରାଜ୍ୟ ବିକାଶକୁ ସ୍ୱତନ୍ତ୍ର ଗତି ମିଳିବ। ବିଶେଷକରି ଖଣିଜ ସମ୍ପଦଭରା ରାଜ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭାଇଜାଗ୍ ପୋର୍ଟକୁ ଖଣିଜ ପଦାର୍ଥ ପରିବହନ ସହଜ ଓ ସୁଗମ ହୋଇପାରିବ। ରାୟପୁର-ଭାଇଜାଗ୍ ଆର୍ଥିକ କରିଡର ଏହି ଦୁଇଟି ସହର ଉପରେ ନିର୍ଭର କରୁଥିବା କୋଟି କୋଟି ଲୋକଙ୍କୁ ବହୁପ୍ରତୀକ୍ଷିତ ଜୀବିକା ସମାଧାନ ଯୋଗାଇ ଦେଇପାରିବ। ଏଥିସହ ଏହି ଆର୍ଥିକ କରିଡରର ଫାଇଦା ଛତିଶଗଡ଼ର ବନାଞ୍ଚଳ ଓ ଆନ୍ଧ୍ରପ୍ରଦେଶର ପାର୍ବତ୍ୟାଞ୍ଚଳକୁ ବି ସଂଯୋଗ ➪ପୃଷ୍ଠା-୬

# ଟିକଟ ନେଇଗଲେ ଆଇପିଏସ୍ ବାବୁ

ଭୁବନେଶ୍ୱର,୭।୧୨: ବାରବାଟୀରେ କ୍ରିକେଟ ଖେଳ ଦେଖିବାକୁ ଲୋକେ ଟିକଟଟିଏ ପାଇଁ ତହଲବିକଳ ହେଉଥିବା ବେଳେ ଜଣେ ଆଇପିଏସ୍ ବାବୁଙ୍କ ଟିକଟ ହଡ଼ପ ଏବେ ଆଲୋଚନାର ବିଷୟ ପାଲଟିଛି। ବାବୁ ଜଣଙ୍କ କାଇଦା କରି ଉଚ୍ଚା ଦରର ୪୦ଟି ଟିକଟ ହାତେଇ ନେଇଛନ୍ତି। ତେବେ ବାବୁ ଟିକଟ ନେବାର ଖବର ପାଇଲା ପରେ ତାଙ୍କ ଚିହ୍ନାପରିଚିତ ଲୋକେ ଫୋନ୍ ଘୂରାଇବାରେ ବ୍ୟସ୍ତ। ହେଲେ ବାବୁ କିନ୍ତୁ କାହାରିକୁ ଧରାଛୁଆଁ ଦେଉନାହାନ୍ତି। କହୁଛନ୍ତି ଆଉ ଟିକଟ ନାହିଁ। ସବୁ ସରିଗଲାଣି। ଆଗରୁ ଟିକେ କହିଲନି। ବାବୁଙ୍କୁ ଜାଣିଥିବା ସାନ ବାବୁମାନେ କହୁଛନ୍ତି ଏ କରିତ୍‌କର୍ମା ବାବୁ ହାତେଇଥିବା ଟିକଟ ମଧ୍ୟରୁ କିଛି ନିଜ ପସନ୍ଦର ବାବୁଆଣିମାନଙ୍କୁ ଧରେଇବା ପରେ ଆଉ ପ୍ରାୟ ଅଧା ଟିକଟରେ ବେପାର କରିଦେଇଛନ୍ତି। ତାଙ୍କର ତ ଚିହ୍ନାମୁହାଁ। ପିଲାଛୁଆ ଧରି ଗଲେ ବି କେହି ଅଟକେଇବେ ନାହିଁ। ତେଣୁ ଟିକଟତକ କାମରେ ଲଗାଇଛନ୍ତି। କ୍ରିକେଟ ସଂଘବାଲା ବି ନାଚାର। କୌଣସି ପ୍ରକାରେ ଆଇପିଏସ୍ ବାବୁଙ୍କ ଟିକଟ ହାତେଇବା ଘଟଣାକୁ ଚାପିକି ରଖିଥିଲେ। ହେଲେ ଏବେ ଖୋଦ୍ ଖାକି ମହଲରୁ କଥାଟା ଫୁଟି ବାହାରକୁ ଆସିବା ପରେ ସଂଘବାଲା ବି ଚୁପୁରୁଚାପୁରୁ ହେଉଛନ୍ତି। ଆଇପିଏସ୍ ବାବୁ ବି ଆଉ କାହା ଫୋନ୍ ଉଠାଉନାହାନ୍ତି। ହେଲେ ବାବୁ ଯେଉଁ କ୍ରମିକ ନମ୍ବରର ଟିକଟତକ ପକେଟସ୍ଥ କରିଛନ୍ତି, ସେଥିରେ କେଉଁମାନେ ଆସି ଖେଳ ଦେଖୁଛନ୍ତି ତାହା ଉପରେ କିଛି କ୍ରିକେଟ୍ ବାବୁ ବି ନଜର ରଖିଛନ୍ତି।





**କାନ ଡେରିଥା**

ବିମାନ ଯାତରା ଯନ୍ତ୍ରଣା ଦେଲାଣି
ଭରଷା ଆଉ ପାଉନି
ଲକ୍ଷଲକ୍ଷ ଟଙ୍କା ପାଣିରେ ପଡୁଛି
ତଥାପି କାମ ହେଉନି
ଯାତ୍ରୀଟି କାନ୍ଦେ ବାହୁନି...
ବିଦେଶ ଘରକୁ ପ୍ରତିଷ୍ଠା ପାଇଁକି
ଯିବାକୁ ଆଉ ପଡୁନି

■ ଦେବାଶିଷ

# ପ୍ରତିଷ୍ଠା ଦିବସ ପୂର୍ବରୁ ବିଜେଡିରେ ପତିଆରା ଲଢ଼େଇ



**ଉତ୍ସବ ଆକାରକୁ ନେଇ ଦଳ ଦୁଇ ଫାଳ**

**ହାରିବା ପରେ ବି ପୁରୁଣା ରୋଗ ଛାଡୁନି**

ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ଚଳିତ ମାସ ୨୬ ତାରିଖରେ ବିଜେଡି ତା’ର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏବେଠାରୁ ଏହାକୁ ନେଇ ଦଳ ଭିତରେ ପତିଆରା ଲଢ଼େଇ ଆରମ୍ଭ ହୋଇଗଲାଣି। ଗୋଟିଏ ଗୋଷ୍ଠୀ ପ୍ରତିଷ୍ଠା ଦିବସକୁ ଧୂମଧାମରେ ପାଳନ କରିବାକୁ ମତ ଦେଉଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ କାମଚଳା ଭାବେ ଏହାକୁ ପାଳନ ପାଇଁ ଅଡ଼ି ବସିଛନ୍ତି। ଏଭଳି ସ୍ଥିତିରେ ଶଙ୍ଖ ଭବନରେ କିଭଳି ଭାବେ ଶଙ୍ଖ ବାଜିବ, ତାହାକୁ ନେଇ ଏବେଠାରୁ କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି।

ପ୍ରତିବର୍ଷ ଭଳି ଚଳିତବର୍ଷ ବିଜେଡି ତାହାର ପ୍ରତିଷ୍ଠା ଦିବସ ଡିସେମ୍ବର ୨୬ ତାରିଖରେ ପାଳନ କରିବ। ଶଙ୍ଖଭବନରେ ଏହି ଉତ୍ସବରେ ଦଳ ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ। ତେବେ ଉତ୍ସବଟି କିଭଳି ପାଳନ ହେବ ତାହାକୁ ନେଇ ଦଳ ଭିତରେ ଏବେ ଦୁଇ ଗୋଷ୍ଠୀ। ଗୋଟିଏ ଗୋଷ୍ଠୀ ଚାହୁଁଛନ୍ତି ପ୍ରତିଷ୍ଠା ଦିବସ ଧୂମ୍ ଧାମରେ ପାଳନ ହେବ। ସାରା ରାଜ୍ୟବାସୀ ଯେଭଳି ପ୍ରତିଷ୍ଠା ଦିବସକୁ ଉପଭୋଗ କରିବେ। ବିଜେଡିର ଶଙ୍ଖନାଦ ରାଜ୍ୟର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଶୁଣାଯିବ। ଏହାରି ଭିତରେ ନୂଆପଡା ପରାଜୟର ଦୁଃଖକୁ ହଜେଇ ଦେବାକୁ ଏହି ଗୋଷ୍ଠୀ ମତ ଦେଉଛନ୍ତି। ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ହାରିବାର ଦୁଃଖ ଦୂରେଇବା ସହିତ କର୍ମୀଙ୍କ ମନୋବଳ ବି ବଢ଼ିବ। ହେଲେ ଅନ୍ୟ ➪ପୃଷ୍ଠା-୬

ରାଜଧାନୀରେ ବଢୁଛି ଜମି କିଣାବିକା

# ଖୋଲିବ ଆଉ ୨ ନୂଆ ତହସିଲ

**ରସୁଲଗଡ଼ରେ ୯ ଓ ଖଣ୍ଡଗିରିରେ ୧୦ ଆର୍ଆଇ ସର୍କଲ୍**

ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଜମି କିଣାବିକା ବଢୁଥିବାରୁ ଏହାକୁ ସୁଗମ କରିବା ସକାଶେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜଧାନୀରେ ଖୁବ୍ ଶୀଘ୍ର ଆଉ ଦୁଇଟି ତହସିଲ୍ ଖୋଲାଯିବ। ଏହି ତହସିଲ ଦୁଇଟି ମଧ୍ୟରୁ ଗୋଟିଏ ରସୁଲଗଡ଼ ଓ ଅନ୍ୟଟି ଖଣ୍ଡଗିରିରେ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ଏଥିସହ ବିଜ୍ଞପ୍ତି ପ୍ରକାଶ ପରେ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଦେଇଛି। ମିଳିଥିବା ସୂଚନାନୁସାରେ, ରସୁଲଗଡ଼ ଓ ଖଣ୍ଡଗିରି ପଟେ ଜମି କିଣାବିକା ଘଟଣା କ୍ରମାଗତ ଭାବେ ବଢ଼ିଚାଲିଛି। ଜମି କିଣାବିକା, ମାଲିକାନା ହସ୍ତାନ୍ତର, ପଟ୍ଟା ପ୍ରସ୍ତୁତି, ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ସମସ୍ୟା ହେଲେ ଲୋକଙ୍କୁ କଳ୍ପନାରେ ଥିବା ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ତେଣୁ ନୂଆ ତହସିଲ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପରେ ଜମି କିଣାବିକା କାର୍ଯ୍ୟ ଅଧିକ ସୁଗମ ଓ ସହଜ ହୋଇପାରିବ ବୋଲି ଆଶା କରାଯାଉଛି। ଭୁବନେଶ୍ୱର ତହସିଲ ଅଧୀନରେ ➪ପୃଷ୍ଠା-୬

# କର୍ମର ଫଳ



ଜୟଶ୍ରୀ ପଟ୍ଟନାୟକ

ଯେପରି କର୍ମ କରିବ ସେପରି ଫଳ ପାଇବ ଏହା ବିଧିର ବିଧାନ। ଶ୍ରୀମଦ ଭାଗବତରେ ପ୍ରବାଦ ଅଛି ଆପଣା କଲା କର୍ମମାନ ଆଗୁଁ ହୋଇବ ସାବଧାନ। କର୍ମ କରିବ ନାନା ମତେ ଫଳିବ କର୍ମର ଆୟତେ। ମଣିଷର ଦୁଇଟି କର୍ମ ଥାଏ ଗୋଟିଏ ନକାରାତ୍ମକ ଓ ଅନ୍ୟଟି ସକାରାତ୍ମକ, ଗୋଟିଏ ପାପ ଓ ଅନ୍ୟଟି ପୁଣ୍ୟ। ଯେତେବେଳେ ପାପ ଭାର ଅଧିକ ହୁଏ ମଣିଷ କୁକର୍ମ,କୁସଂଗତି, କୁଗୁଣ ଗୁଡିକ ସହିତ ରହିବାକୁ ଶ୍ରେୟ ମଣେ ଆଉ ଯେତେବେଳେ ତା ଭାବନାରେ ଲଗାମ ଲାଗେ ସେତେବେଳେ ସେ ଅନୁତାପ କରେ ନିଜକୁ ମାର୍ଜିତ ଓ ସଂଯତ କରି ଶୃଙ୍ଖଳିତ ଜୀବନ ଜିଇଁବାକୁ ଆରମ୍ଭ କରେ। ସେତେବେଳେ ତା ମନରେ ଖୁସିର ଉଦ୍ରେକ ଥାଏ।

ସହରର ଗୋଟିଏ କୋଣରେ ଗୋଟିଏ ଛୋଟ ବଖରାରେ ସ୍ୱାମୀ ସ୍ତ୍ରୀ ଉଭୟେ ରହୁଥାନ୍ତି। ସ୍ୱାମୀ ଛୋଟ ମୋଟ କାମ କରି ଯାହା ଟଙ୍କା ରୋଜଗାର କରେ ସେଥିରେ ଦୁଇ ପ୍ରାଣୀ ଦୁଃଖେ ସୁଖେ ଚଳି ଯାଉଥାନ୍ତି। କିଛିଦିନ ପରେ ସେମାନଙ୍କ କୋଳ ମଣ୍ଡନ କରି ପୁଅଟିଏ ଜନ୍ମ ନିଏ। ବହୁତ ଖୁସି ଥାଏ ପରିବାରରେ। ପୁଅଟିକୁ ଦୁଃଖ କଷ୍ଟରେ ଗରିବୀ ଭିତରେ ପାଳି ବଡ଼ କରାଏ। ଛୋଟ ବଖରା ଘରେ ଜାଗା ନ ଥିବାରୁ ପୁଅର ମାମୁଁଘର ତାଙ୍କ ଘରକୁ ନେଇଯାଆନ୍ତି ତାର ଲାଳନପାଳନ ଓ ପାଠପଢା ସେଇଠି ସମ୍ପନ୍ନ ହୁଏ। ଯା ଭିତରେ ବିତିଯାଏ ପାଞ୍ଚ ବର୍ଷ। ସେମାନଙ୍କ କୋଳକୁ ଆସିଥାଏ ଦ୍ୱିତୀୟ ପୁତ୍ର ସନ୍ତାନ। ଖୁସିରେ ମନ କୁରୁଳେଇଥାଏ। ଯା ଭିତରେ ପୂର୍ବଜନ୍ମର ପୁଣ୍ୟ ଥିଲା ବୋଲି ପ୍ରାରବ୍ଧରେ ଖୁସି ସାଉଁଟିଲେ ବୋଲି ସ୍ୱାମୀ ସ୍ତ୍ରୀ ଖୁସିରେ ଥାନ୍ତି। ସ୍ୱାମୀ ଛୋଟ ମୋଟ କାମରୁ ବାହାରି ବଡ଼କାମ କଲେ। ଗୋଟିଏ ଆପାର୍ଟମେଣ୍ଟରେ ଲଗାଯାଇଥିବା ସୁନ୍ଦର ସୁନ୍ଦର ଫୁଲଗଛ ର ଯତ୍ନ ନେବା ସହିତ ସୁରକ୍ଷା କର୍ମୀ ଭାବରେ ଦାୟିତ୍ୱ ନେବା ଦୁଇଟି କାମ ସମ୍ଭାଳୁ ଥିଲେ। ଭଲ ଦୁଇ ପଇସା ଉନ୍ନତ ହେବାରୁ ସାଙ୍ଗ ମାନଙ୍କ ସହିତ ମିଶି ପୁନେଇଁ ପର୍ବରେ ମଦ ପିଇବା ଅଭ୍ୟାସ କଲା। ସ୍ତ୍ରୀ ଏହା ଦେଖି ଅନେକ ଥର ଗାଳିଗୁଲଜ କରେ କହେ,

ଆମର ପରିବାର ବଡ଼ ହେଲାଣି, ଦୁଇରୁ ଚାରି ପ୍ରାଣୀ ହେଲେ। ଖାଲି ଯେ ସନ୍ତାନ ଜନ୍ମ କରିଦେଲେ ବାପା ମା ଙ୍କର ସାର୍ଥକତା ନ ଥାଏ ବରଂ ସାର୍ଥକତା ଥାଏ ସେମାନଙ୍କୁ ପାଳି ପୋଷି ବଡ଼ ମଣିଷ କରିବାରେ।



ଆମର ଘର ନାହିଁ ବଖରେ ଘରଟିରେ ମୁଣ୍ଡଗୁଞ୍ଜି ସମୟ ବିତିଲା ପିଲା ବଡ଼ ହେଲେ ପାଠ ପଢିବାକୁ ଗୋଟିକରୁ ଦୁଇଟି ବଖରା ଘର ଦରକାର ଏ ନେଇ ଚିନ୍ତା ଥିଲା ସ୍ତ୍ରୀ ର ହେଲେ ସ୍ୱାମୀ ମଦ ନିଶାରୁ ନିଜକୁ ମୁକୁଳାଇ ପାରୁ ନ ଥାଏ. ମଦ ପିଇବା ଧିରେ ଧିରେ ପ୍ରତିଦିନର ଅଭ୍ୟାସରେ ପରିଣତ ହୋଇଗଲା। ପ୍ରତିଦିନ ପିଇବା ଫଳରେ ପଇସା ପତ୍ରର ଅଭାବ ଧରିଲା ଘର ଚଳିବାରେ ଖୁବ ଅସୁବିଧା ହେବାରୁ ସ୍ତ୍ରୀ ଯାଇ ପର ଦୂଆରେ କାମ କଲା। ସ୍ୱାମୀ ମଦ ପିଇବାକୁ ପଇସା ମାଗିଲେ ନ ଦେବାରୁ ତାକୁ ବାଡିଆ ବାଡେଇ କରେ। ଦିନେ ସାନପୁଅ ଦୁଇଜଣଙ୍କର ଝଗଡା ସମାଧାନ କରିବାକୁ ଗଲାବେଳେ ବାପା ମଦ ନିଶାରେ ତାର କାନ ଦୁଇଟି ଧରି ଉପରକୁ ଉଠାଇ ତଳେ କଚାଡିଦେଲା। ଏହା ଦେଖି ସ୍ତ୍ରୀ ଦିନେ ସାନ ପୁଅକୁ ଧରି ବାପଘରକୁ ପଳାଇବାକୁ ସ୍ଥିର କଲା ସେଇଠି ମୁଲ ଲାଗି ପିଲାଙ୍କୁ ମଣିଷ କରିବ ପଛକେ ମଦୁଆ ବାପା ପାଖରେ ରଖିବନି ଏହି ସିଦ୍ଧାନ୍ତରେ। ମଦୁଆର ଘର ନା ସଂସାର, ସ୍ତ୍ରୀ ନା ପିଲା କାହାପ୍ରତି ଆଦର ନଥାଏ କି ସମ୍ମାନ। ଘରକୁ ଆସିଲେ ଭଲ ଜିନିଷ ଖାଇବି ଆଉ ପିଇବି ଏହି ଚିନ୍ତାରେ ଥାଏ। ତା ଜୀବନ ସହିତ ସ୍ତ୍ରୀ ପିଲାଙ୍କର ଜୀବନ ବନ୍ଧା ଥାଏ ବୋଲି କେବେ ଭାବେ ନାହିଁ। ଯେତେ ବୁଝାଇଲେ ବି ମଦ ତାଙ୍କର ସବୁକିଛି ସ୍ତ୍ରୀ ପିଲା ସମ୍ପୂର୍ଣ୍ଣ ଅର୍ଥହୀନ। ବେଳେବେଳେ ପଚାରିଦିଏ ସ୍ତ୍ରୀ ସ୍ୱାମୀକୁ.. କାହିଁକି ଏତେ ପିଉଛ, କଣ ମିଳୁଛି ସେ ପିଇବାରେ ହେଲେ ଉତ୍ତର ମିଳେ ମୁଁ ମୋ ନିଜ ରୋଜଗାରରୁ ପିଉଛି ତୋ ବାପଘର ପଇସାରେ ପିଉନି। ମୋ ସହିତ ରହିବାକୁ ଭଲ ନ ଲାଗିଲେ ପୁଅକୁ ନେଇକି ପଳା ବାପଘରକୁ। ବହୁତ ବାଧିଲା ସ୍ତ୍ରୀ କୁ ଏକଥା ଶୁଣିକି। ଯୋଉଘରେ ଭଲ ପାଇବା ନାହିଁ ସ୍ତ୍ରୀ ପିଲାଙ୍କୁ ସମ୍ମାନ ନାହିଁ ସେ ଘରେ ଗୋଟେ ଚେଇନରେ ବନ୍ଧା କୁକୁର ପରି ଜୀବନ ଜିଇଁବା ଅପେକ୍ଷା ସ୍ୱାଧୀନ ଭାବରେ ବଂଚିବାରେ ବରଂ ବହୁତ ଖୁସି ଥାଏ କହି ଛୁଆ ଦୁଇଟିଙ୍କୁ ଧରି ବାପଘରକୁ ପଳାଇଲା।ଏବେ ଏକା ହୋଇଗଲେ ସ୍ୱାମୀ। ତା ସାଙ୍ଗକୁ କରୋନା ସଂକ୍ରମଣ ରେ ପୀଡିତ ହେଲାପରେ ଚାକିରି ହରାଇ ଘରେ ବସି ରହିଲେ। ଦେହ ଅସୁସ୍ଥ ହେବାରେ ଲାଗିଲା। ହସ୍ପିଟାଲରେ ଟେଷ୍ଟ ରିପୋର୍ଟ ଦେଖି ଡାକ୍ତର କହିଲେ ଲିଭର ସିରୋସିସ ହେଲାଣି। ଏଣିକି ମଦ ପିଇବା ବନ୍ଦ କରି ତେଲ ରାଗ, ଲୁଣ, ଛଣା ଛଣି ଜିନିଷ ବର୍ଜନ କରି ସଂଯମିତ ଶୃଙ୍ଖଳିତ ଜୀବନ ଆପଣାନ୍ତୁ ନଚେତ ମରଣକୁ ଅଚିରେ ବରଣ କରିବେ। ତାପରେ ପରିବାର କଥା କିଏ ବୁଝିବ? ପିଲା ସ୍ତ୍ରୀ ଙ୍କର ଜୀବନ କଣ ହେବ? ସେକଥା ଭାବି ପାରୁଛନ୍ତି ତ?

ଡାକ୍ତରଙ୍କଠାରୁ ଏତକ ଉପଦେଶ ଶୁଣି ଲେଖିଥିବା ଔଷଧ କିଣି ଘରକୁ ଫେରିଲା ସ୍ୱାମୀ। ଏଥର ଅନୁତାପ ନିଆଁରେ ନିଜେ ଦଗଧିଭୂତ ହେଲା। ଏସବୁ ନିଜ ନକରାତ୍ମକ ଓ ପାପ କର୍ମର ଫଳ ଭାବି ନିଜେ ନିଜକୁ ଦୋଷୀ ସାବ୍ୟସ୍ତ କଲା। ପୁଣି ଥରେ ଔଷଧ ଖାଇ କାମ କରିବାକୁ ଅଣ୍ଟା ଭିଡ଼ିଲା ଅନ୍ୟ ଏକ ସଂସ୍ଥାରେ ଯାଇ ସୁରକ୍ଷାକର୍ମୀ ଭାବରେ ନିଯୁକ୍ତି ପାଇଲା। ମଦ ଛାଡ଼ି ନିଜ ପରିବାରକୁ ଖୋଜିଲା। ନିଜ ଭୁଲ ବୁଝିପାରି ଦିନେ ସ୍ତ୍ରୀ ଓ ପିଲାଙ୍କ ପାଖରେ ପହଂଚି ନିଜ ଭୁଲକୁ ସ୍ୱୀକାର କରି ଭୁଲ ମାଗିଲା ଏବଂ ଫେରାଇଆଣିଲା ସ୍ତ୍ରୀ ପିଲାଙ୍କୁ। ସ୍ତ୍ରୀ ସେବା ପାଇ ପୁଣି ଥରେ ସୁସ୍ଥ ହୋଇଉଠିଲା ସ୍ୱାମୀ। ସ୍ତ୍ରୀ କୁ ପାଖକୁ ଡାକି କହିଲା ମୁଁ ମୋ କର୍ମର ଫଳ ପାଇଲି। ଏବେଠାରୁ ଯଦି ସତର୍କ ନ ହେବି ତେବେ ମୋ ପରିବାରର ଭାର କାହା ଉପରେ ଲଦିବି? କିଏ ବା କାହିଁକି ସମ୍ଭାଳିବ ମୋ ପରିବାରକୁ? ମୋର ଦୋଷ କ୍ଷମା କରିଦେବୁ। ତୋତେ ସ୍ତ୍ରୀ କରି ଆଣି ଯେଉଁ ଦୁଃଖ ତୋ ମନରେ ଦେଇଛି ସେକଥା ଧରିବୁନାହିଁ। ଏଣିକି ପଇସା ସଂଚୟ କରି ମୁଁ ପିଲା ମାନଙ୍କର ପାଠ ପଢ଼ା ଦେଖିବି। ଆଉ ଗୋଟିଏ ଭଲ ଘର ଦେଖି ଭଡ଼ା ନେଲେ ଆମେ ସମସ୍ତେ ଖୁସିରେ ଚଳି ପାରିବା। ଏଥର ସ୍ତ୍ରୀ ପ୍ରସ୍ତୁତ କରି ଦେବା ଖାଦ୍ୟରେ ମନୋନିବେଶ କରି ବୁଝିପାରିଲା ମଣିଷର ସ୍ୱର୍ଗ ନର୍କ ସବୁ ଏଇଠି। ଚଳଚିତ୍ର ପରି ଲାଗୁଥିବା କାହାଣୀକୁ ଦେଖି ଓଢଣା ଫାଙ୍କରୁ ଜହ୍ନ ପରି ଦିଶୁଥିବା ମୁହଁରେ ସ୍ତ୍ରୀ ର ଝଲସି ଉଠୁଥିଲା ଖୁସି। ସ୍ୱାମୀର ଅନୁତାପ ଭରା କଥା ଶୁଣି କଣ କହିବ ନ କହିବ ଭାବି ହସି ଦେଉଥିଲା। ବୋଧହୁଏ ଭଗବାନ କୋଉ ଜନ୍ମର ସଞ୍ଚିତ ପୁଣ୍ୟ ଟିକକ ତା ଭାଗ୍ୟରେ ଲେଖି ଦେଇଛନ୍ତି ଭାବି ମନେ ମନେ ଖୁବ ଖୁସି ହେଉଥିଲା।

**ଗଙ୍ଗନଗର, ଭୁବନେଶ୍ୱର**
**ମୋବାଇଲ୍: ୭୯୭୮୧୧୦୪୭୪**



# ମହନୀୟତା

ଶୋଭାମୟୀ ପାତ୍ରୀ

ସେହି ବିଶାଳକାୟ ମଣିଷଟା ଯାହାର ଚେହେରା ଦେଖିଲେ ଶତ୍ରୁ ଶଙ୍କି ଯାଉଥିଲା, ଯାହା ଆଗରେ ଖଣ୍ଡମଣ୍ଡଳରେ କେହି ଛିଡା ହେବାକୁ ବି ସଂକୋଚ କରୁଥିଲେ,ମିଛୁଆ ଖଞ୍ଜୁଆ, ଦଲାଲ ଯାହାକୁ ଦେଖି ଭୟରେ ଥରୁଥିଲେ, ଯେ ଉଡିଲାପିକ୍ଷୀର ପର ଗଣିଦେଉଥିଲା, ଉପରେ ଭଲେଇ ହେଉଥିବା ଲୋକର ମନର ଖଳକୁ ପଢି ଶାସ୍ତିର ଦ୍ୱାର ଦେଖୁଥିଲା, ଯାହାର କଥା ବେଦର ଗାର ଥିଲା, ଯାହାର ବାକ୍ୟ ଶେଷ ନିଷ୍ପତ୍ତି, ଯାହା ଘର କୁବେର ଭଣ୍ଡାର, ବାଉନବାଟି ଦେଖି ଲୋକେ ମୁଣ୍ଡ ତଳକୁ କରି ଚାଲୁଥିଲେ, ଯାହା ଦୁଆରେ ଥରେ ପାଦ ଦେଲାପରେ ଯୋଗୀ ଭିକାରି ଧନ୍ଦା ଛାଡି ଦେଉଥିଲେ, ଯାହା ହାତଟେକାରେ ପେଜମରା ଜାଉଖିଆ ହାଣ୍ଡିରେ ନିଇତି ଭାତ ଉଛୁଳୁ ଥିଲା, ସେ ଆଜି ଅଥର୍ବ ପରି ବିଛଣାରେ ପଡି ରହିଛି, ହାତଗୋଡ଼ ନିସ୍ତେଜ। ପୁଅବୋହୁ ନାତିନାତୁଣୀର ଭରପୁର ପରିବାର ସହରରେ, ବୁଢାର ପୂର୍ବ ପାଦୁଭାବକୁ ଆକ୍ଷେପ କରି ଆଧୁନିକିଆ ବୋହୂ, ସ୍ୱାଧୀନତା ହରେଇବା ଭୟରେ ପୁଅ ଚାକିରୀର ନାଜିର ଆଉ ମଫସଲ ଗାଁର ଅଳିଆ ପରିବେଶ ବାହାନା ଦେଇନାତିନାତୁଣୀ ପାଖ ମାଡିଲେନି। ପଡିଶା ଘରର ପୁତୁରା ବୋହୁ ଖୁବ୍ ମହାନ ଥିଲା। ତା ଶାଶୁ, ଶ୍ୱଶୁର, ସ୍ୱାମୀଙ୍କୁ ବେଖାତିର କରି ଅଇଲା କାଳରୁ ତାଙ୍କ ଘର ସହ ଅପଡ଼ ଥିବା ଦେଠାଶ୍ୱଶୁରଙ୍କ ସେବା ନେବାରେ ତତ୍ପର ଥିଲା। ଧୀରେ ଧୀରେ ତା ନିଷ୍ଠାପର ସେବାରେ ଦେଠାଶୁର ସୁସ୍ଥ ଆଡ଼କୁ ଗତି କରୁଥିଲେ। ସାଇପଡିଶା ତଥା ପାଞ୍ଚଖଣ୍ଡି ମଉଜାରେ ଭୁରି ଭୁରି ପ୍ରଂଶସା ପୁତୁରାବୋହୁ ନୁହେଁ ତ ଗର୍ଭଧାରୀ ମାଆ କିମ୍ବା ଜନ୍ମତ ଝିଅ ସେ। ତାଙ୍କ ମନ ଜାଣି ମାଛ ମାଉଁସ ଭଲ ମନ୍ଦ ପାଟିରେ ଦେବା ସହ ତାଙ୍କ ପାଖରେ ବସି ଗପସପ ହେବା, ଖବର କାଗଜ ପଢି ଶୁଣେଇବା, ଚିତ୍ର ଆଙ୍କେଇବା, ଛକିଶୂନ ଖେଳେଇବା ଭଳି ମାନସିକ ସୁସ୍ଥତାର ସେବା ନିତ୍ୟକ୍ରମରେ ଥିଲା। ତାଙ୍କର ଏପରି ସୁସ୍ଥତାରେ ସାରା ଗାଁ ସହିତ ସହରର ପୁଅ ବୋହୁବି ଚିର ଉପକୃତ ଥିଲେ ପଡିଶାର ଦେବୀ ପ୍ରତିମା ଭଳି ବୋହୂଟି ଉପରେ। କିଛି ଦିନ ପରେ ଆଚାନକ ଦୁଃସମ୍ବାଦ ପାଇ ସହରରୁ ତାଙ୍କ ପରିବାର ଗାଁକୁ ଆସି ଜାକ ଜମକରେ ଯଥା ୱିଧି ଶେଷକୃତ୍ୟ ସାରି ଫେରି ଗଲା ବେଳେ ପଡିଶାର ଭାଉଜଙ୍କ ନିସ୍ୱାର୍ଥ ଉପକାର ତଳେ ଦବି ଯାଉଥିଲେ, କୁଢ଼ କୁଢ଼ ପ୍ରଶଂସା ସହ ସମ୍ମାନ ଲଦି ଦେଉଥିଲେ ତାଙ୍କ ଉପରେ। ସତରେ ଖୁବ୍ ମହାନ ଥିଲେ ସେହି ସ୍ତ୍ରୀଲୋକ, ଦେୱୀ ପ୍ରତିମା। ବହୁ ଶ୍ରମ ଓ ଆପ୍ରାଣ ଚେଷ୍ଟା ସେବାରେ ବଞ୍ଚେଇ ରଖିଥିଲେ ତାଙ୍କ ବାପାଙ୍କୁ ହେଲେ ଯାହାର ଯେତିକି ଆୟୁଷ କହି କାନ୍ଦି ପକେଇଲା ବେଳେ ଭାଉଜ ନିଜ ପନତକାନିରେ ଜାଆ ଦିଅରଙ୍କ ଆଖି ପୋଛି ଦେଉଁ ଦେଉ ତାଙ୍କ ବାପାଙ୍କ ଦେହର ବାସ୍ନା ଝରି ପଡିଲା ଭଳି ଅନୁଭବ କରୁଥିଲେ ସେମାନେ। ସହରକୁ ଫେରିବାର ଅଳ୍ପ କିଛିଦିନ ପରେ ଗାଁ ସମ୍ପତିର ଥଇଥାନ କଥା ପାଇଁ ଗାଁକୁ ଆସିଥିବା ଦିଅରକୁ ଛପନ ଭୋଗ ନିଜ ହାତରେ ରାନ୍ଧି ପରସି ଦେଲାବେଳେ ହାତରେ ଧରିଥିବା ଦଲିଲିଟା ଡାଇନିଂ ଟେବୁଲ ଉପରେ ଥୋଇ ଦେଲେ ପ୍ରିୟ ଭାଉଜ। ଯେଉଁଥିରେ ରୋଗଗ୍ରସ୍ତ ଦେଠାଶୁରର ସେବାନେବା ବାବଦରେ ଦିଅରଙ୍କ ପରାମର୍ଶରେ ସ୍ୱଇଛାରେ ଅଧେକ ସମ୍ପତି ପୁତୁରାବୋହୁକୁ ଦାନ କରିଛନ୍ତି ବୋଲି ଲିଖିତ ଏବଂ ଅଚଳ ଅବସ୍ଥାରେ ଥିବା ଦେଠାଶୁରଙ୍କୁ ଟିପ ଚିହ୍ନ ଥିଲା। ଏବେ ପୁଅ ବୁଝି ସିନା ପାରୁଥିଲା କି ଭାଉଜର ଅନଧିକାର ଚର୍ଚ୍ଚା ଓ ନିସ୍ୱାର୍ଥ ମହତ ସେବା ଆଉ ମହନୀୟତାର ଗୁମର ହେଲେ କାହାକୁ ବୁଝେଇବାକୁ ନଥିଲା ଶବ୍ଦ କି ସାହସ।

କେନ୍ଦ୍ରାପଡ଼ା

# ଜୀବନ ପ୍ରବାହ: ଏକ ସମତୁଳ ଯାତ୍ରା



ଡକ୍ଟର ଲକ୍ଷ୍ମଣ ସାହୁ

ଆମେ ଯନ୍ତ୍ରଣାରେ ଭାଙ୍ଗିପଡୁନାହୁଁ, ବରଂ ଉଦ୍ଦେଶ୍ୟହୀନ ଯନ୍ତ୍ରଣାରେ ଭାଙ୍ଗିପଡୁ। ଯେତେବେଳେ ଆମେ ଜାଣିପାରୁ ଯେ ଆମେ କାହିଁକି ବଞ୍ଚୁଛୁ, ସେତେବେଳେ ବଞ୍ଚିବାର ପଥ ସ୍ପଷ୍ଟ ହୋଇଯାଏ। କହିବାକୁ ଗଲେ ପ୍ରକୃତ ଯୁଦ୍ଧ ଭିତରେ ଥିବା ଝଡ଼ ବିରୁଦ୍ଧରେ ଲଢ଼ାଯାଏ।

ବାସ୍ତବରେ ମଣିଷ ଜୀବନର ସବୁଠାରୁ ବଡ଼ ଯୁଦ୍ଧ ବାହ୍ୟ ଜଗତର କଷ୍ଟ ସହିତ ନୁହେଁ, ବରଂ ଭିତରେ ଉଠୁଥିବା ଝଡ଼ ସହିତ। ବାହ୍ୟ ଜଗତ ଏହାର ଘଟଣା, ଏହାର ପରିସ୍ଥିତି ପ୍ରାୟତଃ ଆମ ନିୟନ୍ତ୍ରଣ ବାହାରେ ରହୁଥିବା ବେଳେ ଜୀବନ ଆମକୁ ବାରମ୍ବାର ଏପରି ପରିସ୍ଥିତିରେ ନେଇ ପକାଇ ଦିଏ। ଯେଉଁଠି ଆମର ଶକ୍ତି, ଆମର ସମ୍ବଳ ଓ ଆମର ଧୈର୍ଯ୍ୟ ମଧ୍ୟ ବିଫଳ ହୋଇଥାଏ। କିନ୍ତୁ ମଣିଷ ହେବା ଅର୍ଥ ହେଉଛି ଆମ ପାଖରେ ଜୀବନର ସବୁଠାରୁ ଚ୍ୟାଲେଞ୍ଜିଂ ପରିସ୍ଥିତିରୁ ମଧ୍ୟ ଉପରକୁ ଉଠିବାର କ୍ଷମତା ଅଛି। କେତେବେଳେ ବାହ୍ୟ ପରିସ୍ଥିତି ଆମର ସୀମା ସ୍ଥିର କରିପାରେ, କିନ୍ତୁ ଆମେ ସେହି ପରିସ୍ଥିତିଗୁଡ଼ିକୁ କିପରି ସାମ୍ନା କରିବା ତାହା ନିଷ୍ପତ୍ତି ସର୍ବଦା ଆମ ପାଖରେ ଥାଏ।

ଯେତେବେଳେ ମୋ ଜୀବନରେ ଏପରି ଏକ ସମୟ ଥିଲା , ସେତେବେଳେ ପ୍ରତ୍ୟେକ ସକାଳେ ମୁଁ ନିଶ୍ଚିତ ଥିଲି ଯେ ମୁଁ ପରବର୍ତ୍ତୀ ସୂର୍ଯ୍ୟୋଦୟ ଦେଖିବି କି ନାହିଁ। କିନ୍ତୁ ସେହି ଅନ୍ଧାରରେ ଏକ ଅନନ୍ୟ ଆଲୋକ ଉଭା ହେଲା, ଯାହା ମୋର ଭିତରେ ଥିବା ଭୟକୁ ଭାଙ୍ଗି ଦେଲା। ମୁଁ ଅନୁଭବ କଲି ଯେ ଜଣେ ବ୍ୟକ୍ତିର ସବୁଠାରୁ ବଡ଼ ସ୍ୱାଧୀନତା ହେଉଛି ନିଜ ପ୍ରତିକ୍ରିୟା ବାଛିବାର ସ୍ୱାଧୀନତା। ଯେତେ ଛୋଟ କାର୍ଯ୍ୟ ହେଉନା କାହିଁକି, ଏହାର ଗଭୀର ପ୍ରଭାବ ପଡ଼ିପାରେ। ଏହା ପ୍ରତ୍ୟେକ ପରିସ୍ଥିତିରେ ଅର୍ଥ ଖୋଜିପାରେ। ଏହି ସନ୍ଧାନରେ ହିଁ ଜଣେ ବ୍ୟକ୍ତିର ସାହସ କଷ୍ଟ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଯାଏ।

ମୁଁ ଶିଖିଛି ଯେ ଦୁଃଖ ଜଣେ ବ୍ୟକ୍ତିର ଗଭୀରତାକୁ ମଧ୍ୟ ପ୍ରକାଶ କରେ। ଯେତେବେଳେ ବାହ୍ୟ ଜଗତ ଆମ ହାତରୁ ଖସିଯାଏ, ସେତେବେଳେ ଆମ ଭିତରେ ଏକ ନୂତନ ଜଗତ ଜନ୍ମ ନିଏ। ଯେଉଁଠାରେ ଅର୍ଥ, ଉଦ୍ଦେଶ୍ୟ ଓ ସ୍ୱାଧୀନତାର ସନ୍ଧାନ ଆରମ୍ଭ ହୁଏ। କଷ୍ଟକର ସମୟରେ ଏଭଳି ଏକ ମୁହୂର୍ତ୍ତ ଆସେ ଯେତେବେଳେ ଆମେ ଅନୁଭବ କରୁ ଯେ କିଛି ସମ୍ଭବ ନୁହେଁ। କିନ୍ତୁ ସେହି ମୁହୂର୍ତ୍ତରେ ଆଉ ଏକ ସ୍ୱର ଉଠିଥାଏ। ଯାହା କହୁଥାଏ ଯେ ଏହା ତୁମର ପରିସ୍ଥିତି ନୁହେଁ, ବରଂ ତୁମର ପସନ୍ଦ ଯାହା ତୁମକୁ ପରିଭାଷିତ କରିବ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ, ମୁଁ କେବେ ମୋର ଆନ୍ତରିକ ବିଶ୍ୱାସ ହରାଇ ନାହିଁ, କାରଣ ଜୀବନ ଆମକୁ "ତୁମେ କ'ଣ ଚାହୁଁଛ ?" ସେହି ବିଷୟରେ ବାରମ୍ବାର ଅଧିକ ପ୍ରଶ୍ନ ପଚାରେ, "ତୁମେ ଏହା ପାଇବା ପରେ ତୁମେ କଣ ହେବ ?"

ହୁଏତ ଅନ୍ଧାରରେ ଜଳୁଥିବା ଏକ ଛୋଟ ଅଗ୍ନିଶିଖା ସମ୍ପୂର୍ଣ୍ଣ କୋଠରୀକୁ ଆଲୋକିତ କରିନପାରେ , ହେଲେ ଆଲୋକ ସମ୍ଭବ ବୋଲି ବିଶ୍ୱାସ ସୃଷ୍ଟି କରେ। ସେହିପରି ପରିସ୍ଥିତି ପରିବର୍ତ୍ତନ ସମ୍ଭବ ହୋଇପାରେ କିମ୍ବା ନ ହୋଇପାରେ, କିନ୍ତୁ ଜଣଙ୍କ ଚିନ୍ତାଧାରା, ଦିଗ ଓ ଶକ୍ତି ପରିବର୍ତ୍ତନ ସର୍ବଦା ସମ୍ଭବ। ଯେଉଁ ବ୍ୟକ୍ତି ନିଜ ଦୁଃଖକୁ ଅର୍ଥ ଦେବା ଶିଖେ ସେ ଏହାକୁ ଦୂର କରିବା ପାଇଁ ମଧ୍ୟ ଶକ୍ତି ପାଇଥାଏ। ଆମେ ଯନ୍ତ୍ରଣା ଦ୍ୱାରା ଭାଙ୍ଗି ପଡ଼ିନାହୁଁ , ବରଂ ଉଦ୍ଦେଶ୍ୟହୀନ ଯନ୍ତ୍ରଣା ଦ୍ୱାରା ଭାଙ୍ଗି ପଡ଼ିଥାଉ। ଯେତେବେଳେ ଆମେ କାହିଁକି ବଞ୍ଚିବା ଜାଣିବା, ସେତେବେଳେ କିପରି ବଞ୍ଚିବା ତାହାର ପଥ ସ୍ପଷ୍ଟ ହୋଇଯାଏ।

ବାସ୍ତବରେ ଯେଉଁ ବ୍ୟକ୍ତି ଜୀବନର ଅର୍ଥ ପାଆନ୍ତି ନାହିଁ, ସେ କ୍ଷଣସ୍ଥାୟୀ ସୁଖରେ ଫସି ରହନ୍ତି। କିନ୍ତୁ ଯିଏ ଉଦ୍ଦେଶ୍ୟ ପାଆନ୍ତି, ସେ କଷ୍ଟକର ରାସ୍ତାରେ ମଧ୍ୟ ଅଟଳ ରୁହନ୍ତି। କାରଣ ଉଦ୍ଦେଶ୍ୟ ହିଁ ଜଣେ ବ୍ୟକ୍ତିକୁ ସହ୍ୟ କରିବାର ଶକ୍ତି ଦିଏ ଓ ସଂଘର୍ଷକୁ ଅର୍ଥପୂର୍ଣ୍ଣ କରିଥାଏ। ତେଣୁ ପରିସ୍ଥିତି ନୁହେଁ, ତୁମର ଚିନ୍ତାଧାରା ବଦଳାଇ ଦେବାକୁ ହେବ। ଯେତେବେଳେ ଆମେ ଆମର ଦୁଃଖ ଓ ଚ୍ୟାଲେଞ୍ଜକୁ ଅର୍ଥ ଦେଇଥାଉ, ସେତେବେଳେ ଆମେ ଆମର ପ୍ରକୃତ ଶକ୍ତିକୁ ଚିହ୍ନି ପାରିବା । ଜୀବନ ହେଉଛି ପ୍ରତ୍ୟେକ ପରିସ୍ଥିତିରେ ଅର୍ଥ ଖୋଜିବାର ଏକ ଯାତ୍ରା ଓ ଏହା ଆମକୁ ପ୍ରେରଣା ଦିଏ। କହିବାକୁ ଗଲେ ଯେଉଁମାନେ ଜୀବନରେ ଅର୍ଥ ଖୋଜନ୍ତି, ସେମାନେ ଯେକୌଣସି ଚ୍ୟାଲେଞ୍ଜକୁ ସହଜରେ ସାମ୍ନା କରିପାରନ୍ତି। ତେଣୁ ପରିସ୍ଥିତିକୁ ଅଭିଶାପ ଦେବା ପରିବର୍ତ୍ତେ, ନିଜର ଚିନ୍ତାଧାରା ପରିବର୍ତ୍ତନ କରିବା ଉଚିତ୍।

କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତା ମନେପଡେ.

"ଜୀବନ ପାତ୍ର ମୋ ଭରିଛ କେତେ ମତେ, ନ ଦେଲ କିଛି ବୋଲି କହିବି କି ହେ ଆଉ "। ଏହି ମାତ୍ର ଗୋଟିଏ ଧାଡ଼ି ଶୁଣିଦେଲେ, ସବୁ କିଛି ବୁଝି ହୋଇଯାଏ। ଅନେକ ସମୟରେ ଭାବିବାକୁ ଭାରି ଇଚ୍ଛାହୁଏ, ତାଙ୍କ କବିତାରେ ଏତେ ସମ୍ମୋହନ ଭରି ରହିଛି କେମିତି ? ସତରେ ପୂର୍ଣ୍ଣତାକୁ ଅନୁଭବ କରିବା ପାଇଁ ନୀଳ ଆକାଶ ଛାତିରେ ତାଙ୍କ ଆତ୍ମାପକ୍ଷୀ ଡେଣାମେଲି ଦେଉଛି। କହୁଛି ଯେତେ ଦୂରରେ ତୁ ଥା', ମୁଁ ଉଡିଯିବି। ପାଣି, ପବନ, ପର୍ବତ, ସମୁଦ୍ର, ମାୟାମୟ ସଂସାର-କେହି ମୋର ଗତିକୁ ଆକଟ କରିପାରିବେ ନାହିଁ। ତୋର ଡାକ ଥରେ ଯାହା କାନରେ ବାଜିଛି, ସେ କ'ଣ ସ୍ଥିର ହୋଇ ରହିପାରିବ। ପୂର୍ଣ୍ଣତମ ସହିତ ମିଳିତ ହେବା ପାଇଁ ବ୍ୟାକୁଳତା। ମୋ ଶୂନ୍ୟତାର ତୁ ତ ଏକମାତ୍ର ପୂର୍ଣ୍ଣତା। ମୋ ମୁକ୍ତ ରୂପ ଓ ଯାତ୍ରାକୁ ଆଉ କିଏ ବା ଆକଟ କରିପାରିବ। ବୈକୁଣ୍ଠ ପଟ୍ଟନାୟକ ଏଭଳି କବିତାରେ ସମ୍ମୋହିତ ହେବାର କାରଣ କ'ଣ ବା ହୋଇପାରେ ?




କାରଣ ସେମାନେ ସବୁ ଆମ ଭିତରେ , ଅନୁଭବରେ। ସେମାନେ ଆମ ଚାରିପାଖର ସଂସାର ଭିତରେ ଥାଇ, ତଥାପି ସୀମାହୀନ ସ୍ୱଚ୍ଛ ନିରବ ଆକାଶରେ ଡେଣାମେଲି ଦେଇଥିବା ମୁକ୍ତ ଆତ୍ମା ପକ୍ଷୀଟି।

ସଚରାଚର ପୃଥିବୀରେ ପରଂବ୍ରହ୍ମ ଆମକୁ ଜନ୍ମ ଦେଇଛନ୍ତି। ଆମ ଜୀବନ ବଞ୍ଚିବା ପାଇଁ ସକଳ ଆବଶ୍ୟକତା ଖଞ୍ଜି ଦେଇଛନ୍ତି। ଗଛ, ଲତା , ନଦ ନଦୀ , ବଣ ପାହାଡ଼ ସର୍ଜନା କରିଛନ୍ତି। ଫୁଲରେ ସୁଗନ୍ଧ, ଫଳରେ ଖାଦ୍ୟ। ପାଣି, ପବନ, ଆକାଶ, ମାଟି, ପଶୁ, ପକ୍ଷୀ, ସରୀସୃପ, କୀଟ, ପତଙ୍ଗ- ପ୍ରତ୍ୟେକ ଆମର ଆବଶ୍ୟକତା। ଆମେ ପ୍ରତ୍ୟେକ ପରସ୍ପରର ପରିପୂରକ। କିନ୍ତୁ ପ୍ରତ୍ୟେକଙ୍କର ରୂପ ଓ ଆଚରଣ ବିଚିତ୍ର, ତାରି ମଧ୍ୟରେ ପ୍ରେମ ରହିଛି। ଆମେ କାହିଁକି ଏକଥା ଭୁଲିଯାଉ।

ଅତଏବ କବି ବୈକୁଣ୍ଠନାଥ 'ଜୀବନ'କୁ ଏକ ପାତ୍ର ବୋଲି କହିଛନ୍ତି ଓ ତାକୁ ନାନାମତେ ପୂର୍ଣ୍ଣ କରିଥିବାରୁ ପରମେଶ୍ୱରଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇଛନ୍ତି। ଅବଶ୍ୟ ଜୀବନର ତରୀକୁ ଈଶ୍ୱରଙ୍କ ମହାପାରାବାରରେ ଲକ୍ଷ୍ୟହୀନ ଭାବରେ ଭସେଇ ଦେବାବେଳେ କୂଳର ଜନମାନସଙ୍କ ସହ ବିଷୟାବିଷରେ ଛନ୍ଦି ହେବା, ପୁଣି ଅତିକ୍ରମ କରି ଅନନ୍ତରେ ଲୀନ ହୋଇଯିବା କଥା ମଧ୍ୟ ଶୁଣାଇ ଦେଇଛନ୍ତି।

ଅପ୍ରାପ୍ତିଜନିତ ଅସନ୍ତୋଷକୁ ସହଜରେ ସ୍ୱୀକାର କରି ପାରୁନଥିବା ମଣିଷ ଦେବତା ପାଖକୁ ଯାଏ। ଆବଶ୍ୟକତା ପୂରଣ ପାଇଁ ସଂସାର ଯାକର ସମ୍ପଦ ମାଗିବସେ। ଛୋଟରୁ ଆରମ୍ଭ। ପଦାର୍ଥର ସଂଖ୍ୟା, ଆକାର ଓ ପ୍ରକାର ବଢି ଚାଲେ। ସେସବୁ ଶେଷ ହୁଏନି। ନ ପାଇଲେ ବା ପାଇବାରେ ଡେରି ହେଲେ, ବାହୁନି ବାହୁନି କାନ୍ଦେ। ଭୋଗ ଲାଞ୍ଚ ସ୍ୱରୂପ ଅଜାଡ଼ି ଦିଏ। ଶେଷକୁ ରାଗରେ ଗାଳିଦିଏ। ଠିକ୍ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଳି , ସବୁଠାରୁ ବଞ୍ଚିତ କରି କେଉଁ ଯଶ ବାନା ଉଡାଇବହେ...। ଅନ୍ୟମାନଙ୍କୁ ଏତେକଥା ଦେଲ, ମୋତେ କାହିଁକି ଦଉନ ବୋଲି ଅଭିଯୋଗ, କଳି କରେ, ଅଭିମାନ ବି କରେ। ଜୀବନସାରା ଅନ୍ୟମାନଙ୍କ ଆଡକୁ ଚାହିଁ, ସେ ନିଜକୁ ଚାହିଁବାକୁ ଭୁଲିଯାଇଥାଏ। ଅନ୍ୟମାନଙ୍କ କଥା ଭାବିଭାବି, ନିଜ ଭାବନାର ଶକ୍ତିକୁ ହରେଇ ଦେଇଥାଏ। କ'ଣ ପାଇଁ ଏ ସୁନ୍ଦର ପୃଥିବୀରେ ପୁଣି ମଣିଷ ପରି ଏକ ଚମତ୍କାର ଜୀବନ ବଞ୍ଚି ଥାଇ ମଧ୍ୟ ସେ ନିଜକୁ ଅସାର ଅସହାୟ କରିପାରେ ? ନିଜକୁ ବୁଝିପାରେନାହିଁ ? କାହିଁକି ଏକ ସୁନ୍ଦରତମ, ସୁଖତମ, ଆନନ୍ଦମୟ, ପ୍ରେମମୟ ପ୍ରାପ୍ତିକୁ ମଣିଷ ଏଡ଼ାଇ ଦେଇ ମିଥ୍ୟା ଓ ପ୍ରହେଳିକା ପଛରେ ଦୌଡି ଦୌଡି ଅଣନିଃଶ୍ୱାସୀ ହୁଏ ? କାହିଁକି ନିଜ ପାଖରେ ଥିବା କସ୍ତୁରୀର ସୁଗନ୍ଧରେ ସେ ବିମୋହିତ ନ ହୋଇ, କୃତ୍ରିମ ବାସ୍ନା ପଛରେ ଗୋଡ଼ାଏ ? କ'ଣ ପାଇଁ ତା'ର ମାନସ-ହଂସ ଉଡିବାକୁ ଇଚ୍ଛା କରୁଥିବା ଦିଗକୁ ସେ କେବେ ଥରେ ବୁଝି ପାରେନାହିଁ ?

ଯେଉଁ ଚରଣ ବନ୍ଦନା ପାଇଁ ଜୀବନର ବୀଣାରେ ମୂର୍ଚ୍ଛନା ଦେଇଛନ୍ତି ପରମେଶ୍ୱର। ପାଖରେ ଅନନ୍ତ ସୁଖର ପାରାବାର ଖଞ୍ଜିଛନ୍ତି। ପରାଣକୁଞ୍ଜରେ ଶୁଣାଉଛନ୍ତି ବଂଶୀର ନିତ୍ୟରାସ ଝଙ୍କାର। ତଥାପି ବିଷୟାବିଷରେ ଆକ୍ରାନ୍ତ ମନ ସେଥିପ୍ରତି ଆକୃଷ୍ଟ ହୋଇପାରୁନାହିଁ କାହିଁକି। ଏହି ଅନନ୍ତ ଆନନ୍ଦପାଇଁ ମଣିଷକୁ ଘୋର ବନସ୍ତରେ ତପସ୍ୟା କରିବାକୁ ପଡିବ ନାହିଁ। ବନ୍ଧୁ, ସୋଦର, ଆତ୍ମୀୟ, ଜ୍ଞାତି, ପରିଜନବେଷ୍ଟିତ ସଂସାର ଭିତରେ ହିଁ ତାକୁ ଏହି ଆନନ୍ଦ ଉତ୍ସର ସନ୍ଧାନ କରିବାକୁ ପଡିବ। ଜୀବନର ଆଲୋକରେ, ବିଜୟ ପଥରେ ନିତ୍ୟ ବୃନ୍ଦାବନ ଦେଖିବାର ଯେଭଳି କାବ୍ୟିକ ଉଚ୍ଛ୍ୱାସ କବି ବୈକୁଣ୍ଠନାଥ ପ୍ରଦର୍ଶିତ କରିଛନ୍ତି, ତାହା ସକଳ ମାନବ ଜାତି ପାଇଁ ମୁକ୍ତି ମଶାଲର ଅନିର୍ବାଣ ଆଲୋକ ଶିଖା ହୋଇ ସେମିତି ଅନନ୍ତକାଳ ଯାଏ ପ୍ରଜ୍ୱଳିତ ହୋଇ ରହିଛି। କବି ବୈକୁଣ୍ଠନାଥଙ୍କ ସନେଟ୍‌ରେ 'ତୁମରି ଆଲୋକେ ବିକାଶୁ ଜୀବନ ଶୁଭ୍ର କମଳସମ/ତୁମ ବିଶ୍ୱାସେ ଦୈନ୍ୟ ଦୁଃଖ ସହିବାରେ ହୁଏ କ୍ଷମ'। ବାସ୍ତବରେ କବି ଅତି ଚମତ୍କାର ଢଙ୍ଗରେ ବ୍ୟକ୍ତି ଜୀବନର ଏହି ସତ୍ୟକୁ ଅନୁଭବ କରିଛନ୍ତି। ତାଙ୍କ ଦେହ ଦ୍ୱାରର କବାଟ, ଝରକା ଖୋଲି ଦେଇଛନ୍ତି। ଅନୁଭବ କରିଛନ୍ତି ଏ ଶରୀର ତାଙ୍କର ନୁହେଁ, ପରମର , ପରମେଶ୍ୱରଙ୍କର। ଏକ ଅଭାବହୀନ, ପରିପୂର୍ଣ୍ଣ ପାତ୍ର। ଏ ପାତ୍ର ମିଛ ନୁହେଁ, ନିଃସଙ୍ଗ ବି ନୁହେଁ। ପ୍ରତ୍ୟେକ ପଦାର୍ଥ ଓ ଅନୁଭବରେ ସେ ଅଛନ୍ତି। ତାଙ୍କ ଅଶ୍ରୁତସ୍ୱର, ଅଶ୍ରାବ୍ୟ କଥା, ଅରୂପ ରୂପ- ସବୁକିଛି ସ୍ପଷ୍ଟ ହୋଇଯାଇଛି। ଯିଏ ପୂର୍ଣ୍ଣ, ସିଏ ପୁଣି ମାଗିବ କ'ଣ ? ବାସ୍ତବରେ ମଣିଷର ମାନସ-ହଂସଟି ବିଚାର ଭ୍ରମରେ ପଡି ଏହି ଚରମ ସତ୍ୟକୁ ବୁଝିପାରେ ନାହିଁ କାହିଁକି ସତେ।

ଜୀବନ ପ୍ରବାହ ଏକ ସମତୁଲ ଯାତ୍ରା। ଯାହାପାଖରୁ ଆସିଥିଲା, ତା'ରି ପାଖକୁ; ଯାହା ଭିତରୁ ଆସିଥିଲା, ତା' ସହିତ ଏକୀଭୂତ ହେବାକୁ। ଜୀବନ ଏକ ପୂର୍ଣ୍ଣ ଶୂନ୍ୟତା। ଜୀବନପାତ୍ର ତେଣୁ ଆଉ ପୂର୍ଣ୍ଣ ହୋଇ ପାରେନାହିଁ। ଯେତେ ପୂର୍ଣ୍ଣ କଲେ ବି ସେମିତି ଅଧା ଲାଗେ। ଟିକିଏ ତଳେଇ ଦେଖିଲେ ଏହା ଶବ୍ଦ କି ଗୀତ ନୁହେଁ ! କବି ବୈକୁଣ୍ଠନାଥଙ୍କ ଅନୁଭବ। ଏହା କେତେ ଅନ୍ତରଙ୍ଗ।

ସାଧାରଣ ମାନବ ପରମଙ୍କ ସେବାରେ ଜୀବନ ବିତାଇ ଦିଅନ୍ତି, ଯେପରି ଦିବ୍ୟ ସତ୍ୟ କେବଳ ଶବ୍ଦରେ ଲୁଚି ରହିଛି। କିନ୍ତୁ ସବୁଠାରୁ ଶ୍ରେଷ୍ଠ ପୁସ୍ତକ ହେଉଛି ଏହି ସମଗ୍ର ବ୍ରହ୍ମାଣ୍ଡ। ଯାହା ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସମ୍ମୁଖରେ ଖୋଲା ରହିଥାଏ। ଆକାଶକୁ ଉପରକୁ ଦେଖନ୍ତୁ, ପୃଥିବୀକୁ ଦେଖନ୍ତୁ, ତା'ପରେ ନିଜ ଭିତରେ ଦେଖନ୍ତୁ। କାରଣ ଯେତେବେଳେ ଆପଣ ନିଜ ଭିତରେ ଅନୁସନ୍ଧାନ କରିବେ, ସେତେବେଳେ ଆପଣ ବାହାରେ କ'ଣ ଅଛି ତାହାର ଅର୍ଥ ବୁଝିପାରିବେ। ମଣିଷ ପ୍ରାୟତଃ ନିଜକୁ ଭୁଲିଯାଏ ଓ ଜଗତ ଅଧ୍ୟୟନ କରିବାକୁ ବାହାରିପଡ଼େ। କିନ୍ତୁ ଯେତେବେଳେ ଆତ୍ମା ନିଜେ ଅନ୍ଧକାରରେ ପଡ଼ିଯାଏ, ସେତେବେଳେ କୌଣସି ପୁସ୍ତକକୁ କିପରି ସ୍ପଷ୍ଟ ଭାବରେ ବୁଝିହେବ ? ଏପରି ବ୍ୟକ୍ତି ପାଇଁ, ଆଲୋକ ମଧ୍ୟ ଅନ୍ଧକାର ପରି ଦେଖାଯାଏ। ଆମେ ସମସ୍ତେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟଜନକ ସୃଷ୍ଟିର ଜୀବନ୍ତ ପୃଷ୍ଠା। ତୁମେ ଧର୍ମଗ୍ରନ୍ଥରେ ଯେଉଁ ଉତ୍ତର ଖୋଜୁଛ ତାହା କେବଳ କାଳି ଓ କାଗଜ ଦ୍ୱାରା ଆବଦ୍ଧ ନୁହେଁ, ବରଂ ପର୍ବତଗୁଡ଼ିକର ନୀରବତା, ନଦୀର ପ୍ରବାହ, ତାରାମାନଙ୍କର ଆଲୋକ, ଗଛର ନିଶ୍ୱାସରେ ମିଳିଥାଏ।

ସେହିପରି, ଭଲ ଲୋକଙ୍କଠାରେ ସମାନ ଗମ୍ଭୀରତା ସଙ୍କଟ ଦେଖାଯାଏ ନାହିଁ। ଏହା ଲୋକଙ୍କୁ ପରୀକ୍ଷା କରେ, ଶୁଦ୍ଧ କରେ ଓ ପରିଷ୍କାର କରେ, ଯେତେବେଳେ ଦୁଷ୍ଟମାନଙ୍କୁ ବିନାଶ ଓ ଉନ୍ନତି କରେ। ନଷ୍ଟ କରେ। ଯଦି ତୁମେ ଈଶ୍ୱରଙ୍କୁ ଖୋଜିବାକୁ ଚାହୁଁଛ, ପ୍ରଥମେ ନିଜକୁ ବୁଝିବାର ସାହସ ରଖ। କାରଣ ଯେତେବେଳେ ଆତ୍ମା ନିଜକୁ ବୁଝିଥାଏ , ସେତେବେଳେ ସମଗ୍ର ବ୍ରହ୍ମାଣ୍ଡ ତାଙ୍କୁ ସତ୍ୟର ପଥ ଦେଖାଇବା ଆରମ୍ଭ କରିଥାଏ। ଏହା ମଣିଷର ହୃଦୟର ସ୍ପନ୍ଦନରେ ମୁଦ୍ରିତ। ଏହି ଜଗତ, ଯଦିଓ ନୀରବ, ନିରନ୍ତର କଥା କହେ ଓ ଯେଉଁମାନେ ଶୁଣିବାକୁ ଚାହାଁନ୍ତି ସେମାନେ ଶବ୍ଦ ବିନା ଏହାର ବାର୍ତ୍ତା ବୁଝନ୍ତି। ହୃଦୟର ଗଣ୍ଠି ଖୋଲିବାର ଶକ୍ତି କେବଳ ତୁମ ଭିତରେ ବାସ କରେ। ବିବେକର ଶାନ୍ତିରେ ଈଶ୍ୱରଙ୍କ ସ୍ୱର ସବୁଠାରୁ ଉଚ୍ଚ। ଯେତେବେଳେ ଜଣେ ବ୍ୟକ୍ତି ନିଜ ମନକୁ ଚିହ୍ନିଥାଏ, ଏହି ଜଗତ ତାଙ୍କ ପାଇଁ ନୂତନ ଦେଖାଯାଏ। ଯେପରି ପ୍ରତ୍ୟେକ ଦୃଶ୍ୟ ସତ୍ୟକୁ ସୂଚିତ କରେ। ଜୀବନ ଯାତ୍ରା ଯେପରି ଅଗ୍ନି ସମାନ, କିନ୍ତୁ ସୁନାକୁ ଅଗ୍ନିରେ ପୋଡ଼ି ପାଉଁଶରେ ପରିଣତ କରିବାକୁ ଚେଷ୍ଟା କଲେ ମଧ୍ୟ ସୁନା ଚକମକ କରେ, ଯେପରି ସମାନ ଚାପ ତେଲ ଓ ଏହାର ଅଶୁଦ୍ଧତା ଉଭୟକୁ ବାହାର କରେ, କିନ୍ତୁ ତେଲ ସେହି ଅଶୁଦ୍ଧତାରୁ ପୃଥକ ହୁଏ ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**






କଟକ ଟି-୨୦ ପାଇଁ ଭୁବନେଶ୍ୱରରେ ମେ' ଫେୟାର୍ ହୋଟେଲ୍‌ରେ ଦୁଇ ଦଳର ଖେଳାଳି ପହଞ୍ଚିଛନ୍ତି।

ବାମରୁ ଭାରତୀୟ ସ୍ପିନର୍ କୁଳଦୀପ ଯାଦବ, ଦକ୍ଷିଣ ଆଫ୍ରିକା ବ୍ୟାଟର୍ ଟେମ୍ବା ବାଭୁମା, ପେସର୍ ଲୁଙ୍ଗି ଏନ୍‌ଗିଡି ଓ ଭାରତୀୟ ପେସର୍ ଅର୍ଶଦୀପ ସିଂହ।

# ପ୍ରଥମ ଗ୍ଲୋବାଲ ଧର୍ମ ଅଧ୍ୟୟନ ସମ୍ମିଳନୀ ଆରମ୍ଭ

## ଅନୁଶାସନମୂଳକ ଗବେଷଣାକୁ ନୂଆ ଗତି



**ଭୁବନେଶ୍ୱର,୬।୧୨(ସଂଚାର ବ୍ୟୁରୋ):** ଆଇଆଇଟି ଭୁବନେଶ୍ୱରରେ ଶୁକ୍ରବାରଠାରୁ 'ପ୍ରଥମ ବାର୍ଷିକ ଧର୍ମ ଅଧ୍ୟୟନ ସମ୍ମିଳନୀ' (ଡିଏସ୍‌ସି-୨୦୨୫)' ଆରମ୍ଭ ହୋଇଛି। ଧର୍ମ ଅଧ୍ୟୟନକୁ ଗବେଷଣାମୂଳକ ଓ ଅନ୍ତରବିଷୟକ ଏକାଡେମିକ ଶାଖା ଭାବେ ସୁସଂଗଠିତ କରିବାରେ ଏହାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏହି ସମ୍ମିଳନୀକୁ ଦେଶ ଓ ବିଦେଶର ଅନେକ ପ୍ରତିଷ୍ଠିତ ସଂସ୍ଥା ଯଥା ବିଏଚ୍‌ୟୁର ଇଂରାଜୀ ବିଭାଗ, ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ (ଭୁବନେଶ୍ୱର), ଆଇଆଇଟି ରୁର୍କିର ହ୍ୟୁମାନିଟିଜ ବିଭାଗ, ଭକ୍ତିବେଦାନ୍ତ ରିସର୍ଚ୍ଚ ସେଣ୍ଟର (କୋଲକାତା), ସମ୍ମକା ସରକା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ, ଦି ଇଣ୍ଡିଆ ସେଣ୍ଟର (ଫ୍ଲେମ୍ ୟୁନିଭର୍ସିଟି) ଓ ଇଂଲିଶ ଏଣ୍ଡ ଫରେନ୍ ଲାଙ୍ଗୁଏଜେସ୍ ୟୁନିଭର୍ସିଟି (ଇଏଫ୍‌ଏଲ୍‌ୟୁ), ହାଇଦ୍ରାବାଦ ସହଯୋଗରେ ଆୟୋଜିତ ହେଉଛି। ଏହି ତିନିଦିନିଆ ସମ୍ମିଳନୀରେ ଦେଶବିଦେଶର ଗବେଷକ, ବିଦ୍ୱାନ ଓ ପ୍ରାକ୍ଟିଶନରମାନେ ଧର୍ମର ଆଧୁନିକ ଅର୍ଥ, ପ୍ରୟୋଗ ଓ ସାମାଜିକ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନ ଇକୋଭିଲେଜ୍‌ର ନିର୍ଦ୍ଦେଶକ ଗୌରାଙ୍ଗ ଦାସ ଓ ଇସ୍କନ ଗଭର୍ଣ୍ଣିଂ ବଡି କମିଶନ୍‌ର ସଦସ୍ୟ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମଲକର। ସମ୍ମିଳନର ସଂଯୋଜକ ଡ. ଅକ୍ଷୟ କେ. ରଥ ଧର୍ମ ଅଧ୍ୟୟନକୁ ଏକ ବହୁମାତ୍ରିକ ଓ ଅନ୍ତର ସାଂସ୍କୃତିକ କ୍ଷେତ୍ର ଭାବେ ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ।

## ସର୍ଟସର୍କିଟରେ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ନୂଆପଡ଼ା, ୭।୧୨ (ସଂଚାର ବ୍ୟୁରୋ):** ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତର ଚଚରା ଭଟା ଗ୍ରାମର ଗୋମୟ ଟାହାଣି, ପତ୍ନୀ ବୁଇ ଟାହାଣୀ ଓ ପୁତ୍ର, ପୁତ୍ର ବଧୂଙ୍କ ସହ ଦୁଇ ବଖରିଆ ଘରେ ରହନ୍ତି। ଗତ ରାତିରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ବିଦ୍ୟୁତ ଉପକରଣ ସହ ଧାନ, ଚାଉଳ, ଆସବାବପତ୍ର ଆଦି ପୋଡ଼ି ଯାଇଥିଲା। ବର୍ତ୍ତମାନ ତାଙ୍କ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ତାଙ୍କୁ ସରକାରୀ ସହଯୋଗ ଜରୁରୀ ହୋଇପଡ଼ିଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ବିଶ୍ୱ ଶକ୍ତି ସମ୍ମିଳନୀ-୨୦୨୫ ଉଦ୍‌ଯାପିତ

# ଶକ୍ତି ପରିବର୍ତ୍ତନ ସୁଦୃଢ଼ ପାଇଁ ୪ ଚୁକ୍ତି ସ୍ୱାକ୍ଷରିତ

**ପୁରୀ,୭।୧୨(ସଂଚାର ବ୍ୟୁରୋ):** ଆନ୍ତଃରାଜ୍ୟ ସମନ୍ୱୟ ପାଇଁ ଭାରତର ପ୍ରଥମ କୋଅପରେସନ ଅଫ ପାର୍ଟିଜ୍ (ସିଓପି)-ଶୈଳୀ ପ୍ଲାଟଫର୍ମ ଭାବେ ଡିଜାଇନ୍ ହୋଇଥିବା ବିଶ୍ୱ ଶକ୍ତି ନେତାଙ୍କ ସମ୍ମିଳନୀ-୨୦୨୫ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ କନକ ବର୍ଦ୍ଧନ ସିଂହଦେଓ, ଶକ୍ତି ଓ ଇଲେକ୍ଟ୍ରୋନିକ୍ସ ଓ ଆଇଟିର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଓ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ଚେଞ୍ଜ୍‌ର ଭାରତ ମୁଖ୍ୟ ବିବେକ ଅଗ୍ରୱାଲଙ୍କ ସମେତ ପ୍ରମୁଖ ପ୍ରତିନିଧି ଭାଗ ନେଇଥିବା ଏହି ସମ୍ମିଳନୀ ଏକ ଉଚ୍ଚସ୍ତରୀୟ ସାମ୍ବାଦିକ ସମ୍ମିଳନୀ ସହ ଆଜି ଉଦ୍‌ଯାପିତ ହୋଇଛି।

ଦୁଇ ଦିନ ଧରି ବିଶ୍ୱ ଶକ୍ତିନେତା, ନୀତି ନିର୍ଦ୍ଧାରକ, ଶିଳ୍ପ ସିଇଓ, ବିଶ୍ୱ ବିଶେଷଜ୍ଞ ଏବଂ ଗବେଷକଙ୍କ ଏକ ବିଶିଷ୍ଟ ଗୋଷ୍ଠୀଙ୍କ ରୁଦ୍ଧଦ୍ୱାର ଆଲୋଚନା, ବିଷୟବସ୍ତୁ ସଂଶ୍ଲିଷ୍ଟ ପ୍ୟାନେଲ୍ ଆଲୋଚନା, ବୈଷୟିକ ଗଭୀର ଅନୁଧ୍ୟାନ ଓ ଜ୍ଞାନ-ଆଦାନ ସମ୍ବନ୍ଧୀୟ ଅଧିବେଶନ ଚାଲିଥିଲା। ଅଧିବେଶନରେ କୃତ୍ରିମ ବୁଦ୍ଧିମତା-ସକ୍ଷମ ଗ୍ରୀଡ୍ ସୁରକ୍ଷା, କାର୍ବନ ମାର୍କେଟ, ଉନ୍ନତ ଆର୍ଥିକ ସହାୟତା, କ୍ଲିନ୍-ଟେକ୍ ନବସୃଜନ ଏବଂ ସଂସ୍ଥାଗତ ସଂସ୍କାର ଭଳି ସୀମାନ୍ତ ପ୍ରସଙ୍ଗଗୁଡ଼ିକରେ ଅନୁସନ୍ଧାନ କରାଯାଇଛି। ସାମୂହିକ ଭାବରେ, ଏହି ଆଲୋଚନାଗୁଡ଼ିକ ଏକ ଦୀର୍ଘକାଳୀନ, ସହଯୋଗପୂର୍ଣ୍ଣ ପ୍ଲାଟଫର୍ମ ପାଇଁ ଭିତ୍ତିଭୂମି ସ୍ଥାପନ କରିଛି ଯାହା ଭାରତର ଶକ୍ତି କ୍ଷେତ୍ରକୁ ଏକ ସ୍ୱଚ୍ଛ, ସ୍ଥିର ଏବଂ ନବସୃଜନ-ଚାଳିତ ଭବିଷ୍ୟତ ଆଡକୁ ମାର୍ଗଦର୍ଶନ କରିବ। ଏହି ଅବସରରେ ରାଜ୍ୟରେ ଗବେଷଣା, ପାଇଲଟ୍ ପ୍ରକଳ୍ପ ଓ ସ୍ୱଚ୍ଛ-ଶକ୍ତି ନିୟୋଜନକୁ ତ୍ୱରାନ୍ୱିତ କରିବା ପାଇଁ ୪ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ନବୀକରଣୀୟ ଶକ୍ତି ପାଇଲଟ୍ ପ୍ରକଳ୍ପ ପାଇଁ ଏନ୍‌ଟିୟୁ ସିଙ୍ଗାପୁର ସହ ଗ୍ରୀଡ୍‌କୋ ଓ ଆଇଆଇଟି ଭୁବନେଶ୍ୱରର ଏକ ତ୍ରିପାକ୍ଷିକ ଚୁକ୍ତି ମଧ୍ୟ ସାମିଲ୍। ଏହାଛଡ଼ା ଗ୍ରୀନ୍ ହାଇଡ୍ରୋଜେନ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ସହ ଗ୍ରୀଡ୍‌କୋ, ରିନ୍ୟୁ ଓ ଆଇଆଇଟି, ଭୁବନେଶ୍ୱର ଓ ଏବଂ ଅଭାଡା ମଧ୍ୟରେ ଏକ ଚୁକ୍ତି ହୋଇଥିବା ବେଳେ ନବୀକରଣୀୟ-ଶକ୍ତି ବିକାଶ ସହଭାଗିତା ଏନ୍‌ଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍‌ସ ଲିମିଟେଡ୍, ଓରେଡା, ଗେଡ୍‌କୋଲ୍ ମଧ୍ୟରେ ବୁଝାମଣା ହୋଇଛି। ଆହୁରି ସ୍ୱଚ୍ଛ-ଶକ୍ତି ନିୟୋଜନ ଢାଞ୍ଚା ପାଇଁ ଏସ୍‌ଇସିଆଇ, ଓଏଚ୍‌ପିସି, ଗେଡ୍‌କୋଲ୍ ଓ ଓରେଡା ମଧ୍ୟରେ ଅନ୍ୟ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।



### ୧୩ରୁ କୋଣାର୍କ ଇକୋ ରିଟ୍ରିଟ

# ବେଳାଭୂମିରେ ୭୦ ତମ୍ବୁ ଘର ପ୍ରସ୍ତୁତି ଜାରି

**କୋଣାର୍କ,୭।୧୨(ସଂଚାର ବ୍ୟୁରୋ):** ଆସନ୍ତା ୧୩ରୁ କୋଣାର୍କ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଏବେଠାରୁ ରାମଚଣ୍ଡୀ ମୁହାଣ ଇକୋ ରିଟ୍ରିଟ ନିକଟରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ସମୁଦ୍ର ବେଳାଭୂମି ଚଳଚଞ୍ଚଳ ହୋଇଉଠିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ କୋଣାର୍କ ଇକୋ ରିଟ୍ରିଟ ସପ୍ତମ ସଂସ୍କରଣ ଆରମ୍ଭ ହେବ। ଏଥିପାଇଁ ପ୍ରବେଶ ତୋରଣ, ସେଲ୍ଫି ପଏଣ୍ଟ, କନଫରେନ୍ସ ଓ ରିସେପସନ ପାଇଁ ଦୁଇଟି ବଡ଼ ହଲ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ସଂଯୋଗ ଆଦି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଳାଭୂମିରେ ୭୦ ତମ୍ବୁଘର ଓ ବିଚ୍ ବାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପର୍ଯ୍ୟଟକଙ୍କ ପାଇଁ ତମ୍ବୁ ଘରେ ତାରକା ହୋଟେଲ ଭଳି ସମସ୍ତ ସୁବିଧା ଉପଲବ୍ଧ ହେବ। ଏଥିସହ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯିବ। ପର୍ଯ୍ୟଟକମାନେ ବେଳାଭୂମିରେ ଅବସ୍ଥାନ କରିବା ସହ ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିପାରିବେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱର୍ଣ୍ଣାଭ ବେଳାଭୂମିରେ ଜଳକ୍ରୀଡ଼ା, ପାରାସେଲିଂ, ସାଇକେଲ ଚାଳନା, ସଙ୍ଗୀତ ଓ ଯୋଗଭିତ୍ତିକ କାର୍ଯ୍ୟକ୍ରମ ରହିଛି। କୋଣାର୍କ ଇକୋ ରିଟ୍ରିଟର ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ନନ୍ଦନକାନନରେ ନୂଆ ରୂପରେ ନୌକା ବିହାର ମଜା

### ।ଚାଲିଛି କାଞ୍ଜିଆ ହ୍ରଦ ସଫେଇ, ଆସିଛି ୧୨ ବୋଟ୍।



**ବାରଙ୍ଗ,୭।୧୨(ସଂଚାର ବ୍ୟୁରୋ):** ପ୍ରଖ୍ୟାତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏଣିକି ସୁରକ୍ଷିତ ଭାବେ ନୌକା ବିହାରର ମଜା ନେଇପାରିବେ ପର୍ଯ୍ୟଟକ। ଘରୋଇକରଣ ଯୋଗୁ ଏଠାରେ ନୌକା ବିହାର ବନ୍ଦ ରହିଥିବା ବେଳେ ଏବେ ଏହାକୁ ଚଳାଇବା ଦାୟିତ୍ୱ ନନ୍ଦନକାନନ କର୍ତ୍ତୃପକ୍ଷ ନିଜ ହାତକୁ ନେଇଛନ୍ତି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୨ଟି ବୋଟ୍ ଅଣାଯାଇଛି। ସେଥିରେ ୬ଟି ଦୁଇ ଜଣିଆ ଓ ୬ଟି ୪ ଜଣିଆ ବୋଟ୍ ରହିଛି। କାଞ୍ଜିଆ ହ୍ରଦ ସଫେଇ କାର୍ଯ୍ୟ ମଧ୍ୟ ଚାଲିଛି। ତେଣୁ ନନ୍ଦନକାନନ ପ୍ରତିଷ୍ଠା ଦିବସ ପୂର୍ବରୁ ନୌକା ବିହାର ସୁବିଧା ମିଳିବ ବୋଲି ସୂଚନା ମିଳିଛି। ଘରୋଇକରଣ ଯୋଗୁ ସମ୍ପୃକ୍ତ ସଂସ୍ଥା ମନମାନୀ ଚଳାଇଥିଲା। ପର୍ଯ୍ୟଟକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ବିନା ସୁରକ୍ଷା ଜ୍ୟାକେଟ୍‌ରେ ବୁଲିବାକୁ ବାଧ୍ୟ ହେଉଥିଲେ। ଏପରିକି ଛୋଟ ଛୋଟ ପିଲାଙ୍କୁ ବି ନୌକା ବିହାରରୁ ବାରଣ କରାଯାଉନଥିଲା। ଘରୋଇ କମ୍ପାନିମାନେ ଟଙ୍କା ରୋଜଗାର ପାଇଁ ନିୟମ ମାନୁନଥିଲେ। କିନ୍ତୁ ଏବେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ନୌକା ବିହାରର ମଜା ନେଇପାରିବେ। ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ମଧ୍ୟରେ କାଞ୍ଜିଆ ହ୍ରଦରେ ନୌକା ବିହାର ସ୍ଥଳ ରହିଛି। ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଦୀର୍ଘଦିନ ହେବ ନୌକା ବିହାର ବନ୍ଦ ଥିବାରୁ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କ ଉଦ୍ୟମରେ ନୌକା ବିହାର ଘରୋଇକରଣରୁ ମୁକ୍ତ ହୋଇଛି।

# ବିଜେପି ଏକ ବଡ଼ ୱାଶିଂ ମେସିନ୍: କଂଗ୍ରେସ

## ନେତାଙ୍କୁ ଭୟଭୀତ କରାଇ ଦଳରେ ସାମିଲ୍ କରାଯାଉଛି

**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ଭଦ୍ରକସ୍ଥିତ ବରପଦା ଇଞ୍ଜିନିୟରିଂ କଲେଜରେ ବ୍ୟାପକ ତଞ୍ଚକତା ହୋଇଥିବା ନେଇ ଆଜି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ବିଜେପି ଏକ ବଡ଼ ୱାଶିଂ ମେସିନ୍ ବୋଲି ଦଳର ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ମତ ଦେଇଛନ୍ତି। ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ ଘଟିଥିବା ଦୁର୍ନୀତିର ସୂଚନା ଦେଇଥିଲେ।

ଶ୍ରୀ ସେଠୀ କହିଛନ୍ତି ଯେ ବିରୋଧୀ ଦଳର ନେତାମାନଙ୍କୁ ଭୟଭୀତ କରାଇ ବିଜେପି ସେମାନଙ୍କୁ ଦଳରେ ସାମିଲ୍ କରୁଛି। ବିରୋଧୀ ଦଳରେ ଥିବା ବେଳେ ନେତାମାନଙ୍କ ବିରୋଧରେ ତଦନ୍ତକାରୀ ସଂସ୍ଥାଙ୍କୁ ଲଗାଇ ସେମାନଙ୍କୁ ମାନସିକ ଭାବେ ଦୁର୍ବଳ କରିଦିଆଯାଉଛି। ଏହାପରେ ସେମାନେ ବିଜେପିରେ ସାମିଲ୍ ହେବା ପରେ ପୂରାପୂରି ଦୁର୍ନୀତିମୁକ୍ତ ହୋଇଯାଉଛନ୍ତି। ଗତକାଲି ଭଦ୍ରକ ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଏବଂ ବିଜେଡି ନେତାଙ୍କ ବିଜେପିରେ



ଯୋଗଦାନ ବିଜେପିର ଏକ ରଣନୀତି ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଶ୍ରୀ ସେଠୀ କହିଛନ୍ତି।

ସେହିପରି ଶ୍ରୀ ପଟ୍ଟନାୟକ ବରପଦା ଇଞ୍ଜିନିୟରିଂ କଲେଜ କେଲେଙ୍କାରୀର ସମସ୍ତ ଚିଠା ତଥ୍ୟ ପ୍ରମାଣ ଦେଇ କହିଛନ୍ତି ଯେ ୧୯୫୬ରେ ଡ. ହରେକୃଷ୍ଣ ମହତାବଙ୍କ ପରାମର୍ଶ କ୍ରମେ ଶିକ୍ଷାବିତ୍ ନରେନ୍ଦ୍ର ଦାଶ ଓ ବରପଦା ଅଞ୍ଚଳରେ ସାଧାରଣ ଜନତାଙ୍କ ଦାନ ଜମି ଉପରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ସେଠାରେ ୧୯୮୨ରେ କଂଗ୍ରେସର ତତ୍କାଳୀନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଉଦ୍ୟମରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ରେ ଏହା ସରକାରୀ ସ୍ୱୀକୃତି ପାଇଲା। ୨୦୦୦ରେ ବିଜେଡି କ୍ଷମତାକୁ ଆସିବା ପରେ ଶ୍ରୀ ସାମଲ ପରିଚାଳନା କମିଟି ମୁଖ୍ୟ ହେବା ସହ ପରେ ତାଙ୍କ ପୁଅ, ବନ୍ଧୁବାନ୍ଧବ, ଚାକରବାକରଙ୍କୁ ସୋସାଇଟି ପରିଚାଳନା କମିଟିର ସଭ୍ୟ କରି ୨୦୦୯ରେ ପୁଅ ପ୍ରୟାସକାନ୍ତଙ୍କୁ ପରିଚାଳନା କମିଟିର ସଭାପତି କରିଥିଲେ। ଏହାପରେ ଏହି ଅନୁଷ୍ଠାନ କୋଟି କୋଟି ଟଙ୍କା ହଡ଼ପ କରିବା ସହ ପ୍ରୟାସକାନ୍ତି ଭୁବନେଶ୍ୱର କଣ୍ଟାବାଡ଼ଠାରେ ବେଷ୍ଟେ ଟଙ୍କାରେ ପ୍ରତିଷ୍ଠା ହୋଇଥିବା ଏକ ଇଞ୍ଜିନିୟରିଂ କଲେଜର ଭଦ୍ରକ ଏକାଡେମି ଅଫ ଟେକ୍ନୋଲୋଜିର ୪୦ ଏକର ଜମି ଓ କୋଠାବାଡ଼ି ବିକି ଚଳୁ କରିବା ସହ କିଛି ଜମିବାଡ଼ି ନିଜ ନାମରେ କରିନେଲେ ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏଥିସହ ପ୍ରୟାସକାନ୍ତି, ବୋହୂ ଅର୍ପିତା ଜେନା କର୍ମଚାରୀଙ୍କ ଦରମା, ଇପିଏଫ, ବ୍ୟାଙ୍କ ଲୋନ, ଏଲଆଇସି ନଦେବାରୁ କର୍ମଚାରୀମାନେ ପ୍ରତିବାଦ କଲେ। ଏପରିକି ଗତ ଅଗଷ୍ଟରେ କର୍ମଚାରୀମାନଙ୍କୁ ଦମନ କରିବା ସକାଶେ ପାଖାପାଖି ୩୦୦ ଗୁଣ୍ଡାଙ୍କ ମାଧ୍ୟମରେ ବୋମାମାଡ଼ କରାଇଥିଲେ। ଏପରି ଅବ୍ୟବସ୍ଥା ମଧ୍ୟରେ କଲେଜର ଦୁଇ ଜଣ କର୍ମଚାରୀ ଆତ୍ମହତ୍ୟା ମଧ୍ୟ କରିଥିଲେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ପ୍ରେମିକକୁ ଲଗାଇ ସ୍ୱାମୀକୁ ଛୁରାମାଡ଼

**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ) :** ଧଉଳି ଥାନା ଅଞ୍ଚଳରେ ପ୍ରେମିକକୁ ଲଗାଇ ସ୍ୱାମୀକୁ ଛୁରାମାଡ଼। ଲହୁଲୁହାଣ ହେଲେ ସ୍ୱାମୀ। ଗୁରୁତର ଆହତ ଶେଖ ହମିଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, କଟକର ଶେଖ ହମିଦଙ୍କର ତାଙ୍କ ପତ୍ନୀଙ୍କ ସହ ୩ ବର୍ଷ ତଳେ ମନୋମାଳିନ୍ୟ ହୋଇଥିଲା। ଏହା ପରେ ଉଭୟ ପରସ୍ପର ଠାରୁ ଅଲଗା ରହୁଥିଲେ। ଶେଖ ହମିଦ କଟକରେ ରହୁଥିବା ବେଳେ ପତ୍ନୀ ଧଉଳି ଅଞ୍ଚଳରେ ରହୁଛନ୍ତି । ତେବେ ଏହାକୁ ନେଇ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ, ହମିଦଙ୍କ ପତ୍ନୀ ଏଥିପାଇଁ ପ୍ରେମିକ ରାଜା ଖାନ ସହ ମିଶି କରିଥିଲେ ହମିଦଙ୍କ ହତ୍ୟା ଯୋଜନା। ଆଉ ଯୋଜନା ମୁତାବକ ହମିଦଙ୍କୁ ସମାଧାନ ପାଇଁ ଧଉଳି ନିକଟକୁ ଡାକିଥିଲେ। ତେବେ ଶେଖ ହମିଦ୍ ଧଉଳି ନିକଟରେ ପହଞ୍ଚିବା ପରେ କାର ଭିତରେ ଛୁରାମାଡ଼ କରିଥିଲା ରାଜା ଖାନ୍। ଏଥିରେ ଗୁରୁତର ଆହତ ହୋଇପଡ଼ିଥିଲେ ହମିଦ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ବିଜେଡିର ବିଭୀଷଣଙ୍କ ପାଇଁ ବିଜେପିରେ ମିଶିଲି: ଉର୍ମିଳା



**ଭଦ୍ରକ, ୭।୧୨ (ସଂଚାର ବ୍ୟୁରୋ) :** ବିଜେଡି ଦଳର ବିଭୀଷଣଙ୍କ ପାଇଁ ଦଳ ଛାଡ଼ିଲି । ମୋ ବିରୋଧରେ ଅନାସ୍ଥା ଆଣିବା ପାଇଁ ବିଜେପି ସହ ସାଲିସ କରିଥିଲେ ବିଜେଡି ଦଳର ବିଭୀଷଣ । ବରିଷ୍ଠ ନେତୃତ୍ୱଙ୍କୁ ଅବଗତ କରିବା ପରେ ମଧ୍ୟ କେହି ବୁଝିଲେ ନାହିଁ । ସେଥିପାଇଁ ବିଜେପିରେ ସାମିଲ ହେଲେ ବୋଲି ବିସ୍ଫୋରକ ବୟାନ ଦେଇଛନ୍ତି ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ । ଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି । ବିଜେପିରେ ସାମିଲ ପରେ ବିଜେଡି ବିରୋଧରେ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ବିଭୀଷଣ ଜଣକ ବିଜେପି ସହ ରହି ଅନାସ୍ଥା ପାଇଁ ଲାଗିଲେ ବୋଲି ଖବର ମିଳିଥିଲା । ମୋ ବିରୋଧରେ ନିର୍ବାଚନମଣ୍ଡଳୀର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମନ୍ତ୍ରଣା ଦେଉଥିଲେ ବୋଲି ଅଭିଯୋଗ ଆଣିଛନ୍ତି । ଏ ବିଷୟରେ ବିଜେଡି ଦଳର ବରିଷ୍ଠ ନେତୃତ୍ୱଙ୍କୁ ଅବଗତ କରିଥିଲୁ । କିନ୍ତୁ କେହି କିଛି ବୁଝିଲେ ନାହିଁ। ଏମିତି ସେ ଡକାଇଥିବା ବୈଠକକୁ ମୋତେ ଡାକିଲେ ନାହିଁ କ'ଣ ପାଇଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

### ● ମାତିଲେ ଶତାଧିକ ଆଦିବାସୀ

# ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେ, ନିଆଁ ଲଗାଇଲେ

**ମାଲକାନଗିରି,୭।୧୨(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୋରକୋଣ୍ଡା ବ୍ଲକର ମାରିୱାଡା ପଞ୍ଚାୟତର ଏମଭି-୨୬ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଆଦିବାସୀ ଲୋକେ ଗାଁରେ ପଶି ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ନିଆଁ ଲଗାଇ ଦେଇଛନ୍ତି। ଏଥିସହ ଦୋକାନ ଲୁଟିବା ସହ ଅଟୋ, ମଟର ସାଇକେଲକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ପୁଲିସ ଉପସ୍ଥିତ ଥିଲେ ମଧ୍ୟ ଦେଖଣାହାରି ସାଜିଥିଲା। ଏତେ ଲୋକଙ୍କୁ ଅଟକାଇବାରେ ଅସଫଳ ହୋଇଥିଲା ପୁଲିସ। ଘଟଣା ଅନୁଯାୟୀ କୋରକୋଣ୍ଡା ବ୍ଲକର ରାଖାଲଗୁଡା ଗ୍ରାମର ମହିଳା ଲାକେ ପଡିଆମିଙ୍କ ମୁଣ୍ଡ ବିହୀନ ଶବ ଗତ ୪ ତାରିଖ ଦିନ ଡୁଡାମେଟଲା ନଦୀ କୂଳରେ ମିଳିଥିଲା। ଏହା ପରେ ଗ୍ରାମବାସୀ ଏବଂ ଆଦିବାସୀ ମହାସଂଘ ପକ୍ଷରୁ ପୁଲିସକୁ ତୁରନ୍ତ ମୁଣ୍ଡ ଏବଂ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରାଯାଉଥିଲା। ଶନିବାର ମଧ୍ୟ ଶତାଧିକ ଆଦିବାସୀ ରାଖାଲଗୁଡା ଗ୍ରାମରେ ଏକତ୍ର ହୋଇ ମେଳି କରି ପୁଲିସକୁ ଚେତାବନୀ ଦେଇଥିଲେ। ଏହା ପରେ ଆଜି ଶହ ଶହ ଆଦିବାସୀ ପୁରୁଷ ଓ ମହିଳା ଏକତ୍ର ହୋଇ ଏମଭି-୨୬ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଏକ ବୈଠକ କରିଥିଲେ। ସମସ୍ତ ଆଦିବାସୀ ହାତରେ ଆସ୍ତ୍ରଶସ୍ତ୍ର ଧରିଥିଲେ। କୋରକୋଣ୍ଡା ପୁଲିସ ଖବର ପାଇବା ପରେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲା। କିନ୍ତୁ ଲୋକେ ପୁଲିସ କଥାକୁ ଶୁଣିନଥିଲେ। ପରେ ଅପରାହ୍ନ ୪ଟା ବେଳେ ହଠାତ୍ ଲୋକେ ଉଗ୍ର ରୂପ୍ ଧାରଣ କରିଥିଲେ। ଶହଶହ ଲୋକେ ଗ୍ରାମବାସୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଲୁଟପାଟ କରିଥିଲେ। ଲୋକଙ୍କର ଉଗ୍ର ରୂପ ଆଗରେ ପୁଲିସ ହାର ମାନିଥିଲା।

### ପିହୁ ମା'ଙ୍କୁ ହତ୍ୟା ଧମକ, ଶୋଇଛି ପୁଲିସ୍

# ନ୍ୟାୟ ଦାବିରେ ଧାରଣାରେ ବସିଲେ



**ଯାଜପୁର,୭।୧୨(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ନିଖୋଜ ଥିବା କୋମଳମତି ପିହୁର ସନ୍ଧାନ ଅଦ୍ୟାବଧି ମିଳିନଥିବା ବେଳେ ତାଙ୍କ ମା' ମୋନାଲିସା ନାୟକ ମାନସିକ ବିଷାଦ ମଧ୍ୟ ଦେଇ ଗତି କରୁଛନ୍ତି। ଏପରି ସ୍ଥିତିରେ ତାଙ୍କୁ ଗତ କିଛି ଦିନ ହେଲା ହତ୍ୟା ଧମକ ମିଳୁଥିବା ନେଇ ଅଭିଯୋଗ ହୋଇଥିଲା ପାଖାପାଖି ଦେଢ଼ ମାସ ହେଲା ଏକ ଅଜଣା ନମ୍ବରରୁ ତାଙ୍କୁ ହତ୍ୟା ଧମକ ଦିଆଯାଉଛି। ତାଙ୍କୁ ଅତି ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଉଥିବାରୁ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କା କରିଥିଲେ ଶ୍ରୀମତୀ ନାୟକ। ଏନେଇ ସେ ଗତ ୩ ତାରିଖରେ ସ୍ଥାନୀୟ ବିଞ୍ଝାରପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର୍ କରିଥିଲେ। ତେବେ ଇତିମଧ୍ୟରେ ଏହି ଏତଲାକୁ ୪ ଦିନ ବିତିଯାଇଥିଲେ ବି ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଶ୍ରୀମତୀ ନାୟକ ଏକ ଭିଡିଓ ବାର୍ତ୍ତାରେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ନ୍ୟାୟ ଦାବିରେ ଆଜିଠାରୁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅନ୍ୟ ପଟେ ପୁଲିସ ଏତଲା ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ସୁବର୍ଣ୍ଣପୁର,୭।୧୨ (ସଂଚାର ବ୍ୟୁରୋ):** ଆଜି ସକାଳୁ ବିନିକା ଥାନା ଅନ୍ତର୍ଗତ ଦାନୀପାଲି ଗ୍ରାମ ଚାଷ ଜମିରୁ ୭୦ ବର୍ଷ ବୟସ୍କା ଜନୈକା ବୃଦ୍ଧାଙ୍କ ମୃତଦେହ ବିନିକା ପୁଲିସ ଉଦ୍ଧାର କରିଛି। ଯଦିଓ ମହିଳା ଜଣକ ୮ ଦିନ ହେଲା ଘର ଛାଡି କୁଆଡେ ଚାଲି ଯାଇଥିଲେ ଘର ଲୋକେ ଏ ସମ୍ପର୍କରେ ପୁଲିସକୁ ଖବର ଦେଇ ନଥିଲେ କିମ୍ବା ଅଭିଯୋଗ କରି ନଥିଲେ। ଆଜି ଜମିରେ ମୃତଦେହ ମିଳିବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ବୋଲି ସୂଚନା ମିଳିଛି। ପୁଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି।

# କୁକୁର ଗଣତି, ବିଏମ୍‌ସି ନିରବ



**ଭୁବନେଶ୍ୱର,୭।୧୨:** ରାଜଧାନୀରେ କୁକୁରମାନଙ୍କ ଗଣତି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସେମାନଙ୍କର ସଂଖ୍ୟା ଜଣାଇ ତୁନି ହୋଇ ବସିଥିବା ବେଳେ କୁକୁରମାନଙ୍କ ଉତ୍ପାତରେ ଲୋକେ ଆତଙ୍କିତ ହେବାରେ ଲାଗିଛନ୍ତି। ଶୀତୁଆ ରାତିରେ ଦଳ ଦଳ କୁକୁର ଯାହାକୁ ଦେଖୁଛନ୍ତି ତାକୁ କାମୁଡ଼ିବାକୁ ଗୋଡ଼ାଇବାରେ ଲାଗିଛନ୍ତି। କୁକୁରମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ସର୍ବୋଚ୍ଚ ନ୍ୟାୟାଳୟ କଡା ଆଭିମୁଖ୍ୟ ଗ୍ରହଣ କରିବାରେ ବିଏମ୍‌ସି ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସହରରେ କେତେ କୁକୁର ରହିଛନ୍ତି, ତା'ର ଗଣତି ଆରମ୍ଭ ହୋଇଥିଲା। ଦଳ ଦଳ ହୋଇ ବିଏମସି କର୍ମଚାରୀ କୁକୁର ଗଣିବାରେ ଲାଗିଥିଲେ। ବହୁ କସରତ ପରେ ସହରରେ ୪୭ ହଜାର କୁକୁର ରହିଥିବା କୁହାଯାଇଥିଲା।

ହେଲେ ଏହାପରେ ସମସ୍ତେ ଚୁପ୍। ସହରରେ କୁକୁରଙ୍କ ସଂଖ୍ୟା ଧିରେ ଧିରେ ବଢିବାରେ ଲାଗିଛି। ବର୍ତ୍ତମାନ କୁକୁରମାନଙ୍କ ପ୍ରଜନନ ଋତୁ ଚାଲିଥିବାରୁ ବିଭିନ୍ନ ସ୍ଥାନରେ କୁକୁର ଛୁଆମାନେ ରାସ୍ତାଘାଟରେ ବୁଲିଲେଣି। ଏମାନଙ୍କ ନିକଟକୁ ଲୋକେ ଗଲେ ମା' କୁକୁରମାନେ କାମୁଡିବାକୁ ଗୋଡାଉଛନ୍ତି। ଏହାବାଦ୍ ସହରରେ ଦଳ ଦଳ ହୋଇ ବୁଲୁଥିବା କୁକୁରମାନେ ବି ଶୀତୁଆ ରାତିରେ ଦୁଇଚକିଆ ଆରୋହୀଙ୍କ ସମେତ ପାଦଚଲା ଲୋକଙ୍କୁ ବି କାମୁଡି ଗୋଡାଉଛନ୍ତି। ଏପରିକି କେତେ ସ୍ଥାନରେ ରାଗରେ କୁକୁରମାନେ ଚାରିଚକିଆ ଯାନକୁ ବି ଗୋଡ଼ାଉଥିବା ପରିଲକ୍ଷିତ ହେଉଛି। ସହରର ଗଳି କନ୍ଦିରେ ଏବେ ମାଳ ମାଳ କୁକୁର। କେତେକ ସ୍ଥାନରେ ଲୋକେ ଏମାନଙ୍କୁ ଖାଇବାକୁ ନିଜ ତରଫରୁ ଖାଇବାକୁ ଦେଉଥିବା ବେଳେ ବହୁ ସ୍ଥାନରେ କୁକୁରମାନେ ଭୋକିଲା ରହୁଛନ୍ତି। ଭୋକ ରାଗରେ ଲୋକଙ୍କୁ କାମୁଡି ଗୋଡାଉଛନ୍ତି। ପୂର୍ବରୁ ଲୋକେ ଫିଙ୍ଗୁଥିବା ଖାଦ୍ୟ ସାମଗ୍ରୀକୁ କୁକୁରମାନେ ଖାଉଥିବାବେଳେ ଏବେ ବିଏମ୍‌ସିର କର୍ମଚାରୀମାନେ ଘରକୁ ଘର ବୁଲି ଏହି ବର୍ଜ୍ୟ ଖାଦ୍ୟ ସାମଗ୍ରୀକୁ ସଂଗ୍ରହ କରି ନେଇଯାଉଛନ୍ତି। ଫଳରେ କୁକୁରମାନେ ଭୋକିଲା ରହିବା ସହ ପାଣି ଟୋପାଏ ବି ପିଇବାକୁ ପାଉନାହାନ୍ତି। କେତେକ ସ୍ଥାନରେ କୁକୁରମାନଙ୍କୁ ଧରିବା ପାଇଁ ଗାଡ଼ି ବୁଲୁଥିବା ବେଳେ ଧରୁଥିବା କୁକୁରମାନଙ୍କୁ ନେଇ ବିଏମସି କର୍ମଚାରୀମାନେ କେଉଁଠାରେ ଛାଡୁଛନ୍ତି, ତାହା କେହିହେଲେ ଜାଣିପାରୁନାହାନ୍ତି। ସହରରେ ଚାଲିଥିବା କୁକୁର ବନ୍ଧ୍ୟାକରଣ ଏକପ୍ରକାର ବିଫଳ ହୋଇଥିବା ବେଳେ ଏବେ ବିଏମସି ପାଇଁ କୁକୁର ଚିନ୍ତା ବଢ଼ିବାରେ ଲାଗିଛି। ହରରେ କୁକୁରମାନଙ୍କ ସଂଖ୍ୟା ଏଭଳି ଭାବେ ବୃଦ୍ଧି ପାଉଛି ଯେ ସେମାନେ ଗଳି କନ୍ଦି ଠାରୁ ଆରମ୍ଭକରି ଡାକ୍ତରଖାନା, ରେଳଷ୍ଟେସନ ଆଦିରେ ଯାଇ ବେଧଡକ ଭାବେ ବୁଲୁଛନ୍ତି। ଏମାନଙ୍କ ଯୋଗୁଁ ରୋଗୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆତଙ୍କିତ ହୋଇପଡୁଛନ୍ତି। ବିଏମସି ଯେଉଁ ଭଳି ଭାବେ କୁକୁର ଗଣନା ପାଇଁ ପଦକ୍ଷେପ ଗ୍ରହଣ କଲା ଅନୁରୂପ ଭାବେ ସେମାନଙ୍କୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୮ ଡିସେମ୍ବର ୨୦୨୫, ଭୁବନେଶ୍ୱର

Monday 8 December 2025, Bhubaneswar

# ପୁଟିନ୍‌ଙ୍କ ଭାରତ ଗସ୍ତର ପ୍ରଭାବ

ଭାରତର ବୈଦେଶିକ ନୀତିରେ ରୁଷର ସହିତ ସମ୍ପର୍କ ସର୍ବଦା ଏକ ମଜବୁତ୍ ସ୍ତମ୍ଭ ରହିଆସିଛି। ଡିସେମ୍ବର ୪-୫, ୨୦୨୫ରେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଭାରତ ଗସ୍ତ ଏହି ସମ୍ପର୍କକୁ ଆହୁରି ମଜବୁତ୍ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ହୋଇଥିବା ଆଲୋଚନାରେ ଅର୍ଥନୈତିକ, ପ୍ରତିରକ୍ଷା, ଶକ୍ତି ଏବଂ ଭୂ-ରାଜନୀତିକ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନିଆଯାଇଛି। ଏହି ଗସ୍ତର ପ୍ରଭାବ କେବଳ ଦ୍ୱିପାକ୍ଷିକ ସମ୍ପର୍କରେ ନୁହେଁ, ବରଂ ବିଶ୍ୱ ରାଜନୀତିରେ ଭାରତର ସ୍ଥିତିକୁ ମଧ୍ୟ ପ୍ରଭାବିତ କରିବ।



ପ୍ରଥମେ ଅର୍ଥନୈତିକ ପ୍ରଭାବ ବିଷୟରେ କହିବାକୁ ଗଲେ, ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ବ୍ୟାପାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଦ୍ୱିପାକ୍ଷିକ ବ୍ୟାପାର ୬୮.୭୨ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି, ଯାହା ୨୦୨୦ରେ ମାତ୍ର ୮.୧ ବିଲିୟନ୍ ଥିଲା। ଏହାର ମୁଖ୍ୟ କାରଣ ହେଉଛି ଭାରତର ରୁଷରୁ ତୈଳ ଆମଦାନୀର ବୃଦ୍ଧି। ପୁଟିନ୍ ସଂଯୁକ୍ତ ରାଷ୍ଟ୍ର ଏବଂ ପଶ୍ଚିମ ଦେଶମାନଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଭାରତକୁ ଅବିରତ ଇନ୍ଧନ ଯୋଗାଣ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଭାରତର ଶକ୍ତି ସୁରକ୍ଷାକୁ ମଜବୁତ୍ କରିବ ଏବଂ ଅର୍ଥନୀତିରେ ସ୍ଥିରତା ଆଣିବ। ଏହା ବ୍ୟତୀତ, ୨୦୩୦ ସୁଦ୍ଧା ବ୍ୟାପାରକୁ ୧୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜାତୀୟ ମୁଦ୍ରାରେ ବ୍ୟାପାର ନିପଟାରା ଏବଂ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ଇଷ୍ଟର୍ଣ୍ଣ ମାରିଟାଇମ୍ କରିଡର୍ ଭଳି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଗସ୍ତରେ ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକ ମଧ୍ୟରେ ଲେବର୍ ମୋବିଲିଟି ଏଗ୍ରିମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ଭାରତୀୟ ଦକ୍ଷ କର୍ମଚାରୀମାନେ ରୁଷରେ କାର୍ଯ୍ୟ କରିପାରିବେ, ଯେଉଁଠାରେ ଦଶକର ଶେଷ ସୁଦ୍ଧା ତିନି ମିଲିୟନ୍ ଚାକିରିର ଅଭାବ ଅନୁମାନ କରାଯାଉଛି। ଏହା ଭାରତର ଯୁବକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ ଏବଂ ରେମିଟାନ୍ସ ମାଧ୍ୟମରେ ଅର୍ଥନୀତିକୁ ବଳିଷ୍ଠ କରିବ। ଏହା ବ୍ୟତୀତ, ରୁଷରେ ଏକ ଇଉରିଆ ପ୍ଲାଣ୍ଟ୍ ନିର୍ମାଣ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି, ଯାହା ଭାରତର କୃଷି କ୍ଷେତ୍ରକୁ ଉପକୃତ କରିବ। ମାରିଟାଇମ୍ ସହଯୋଗ, ବନ୍ଦର ଏବଂ କଷ୍ଟମ୍‌ସ୍ ଚୁକ୍ତିଗୁଡ଼ିକ ବ୍ୟାପାରକୁ ଆହୁରି ସରଳ କରିବ।

ପ୍ରତିରକ୍ଷା କ୍ଷେତ୍ରରେ ଯଦିଓ କୌଣସି ନୂତନ ଘୋଷଣା ହୋଇନାହିଁ, ତଥାପି ଏହି ଗସ୍ତ ଦୁଇ ଦେଶର ପାରମ୍ପରିକ ସହଯୋଗକୁ ପୁନଃନିର୍ଦ୍ଧାରିତ କରିଛି। ପୂର୍ବରୁ ଆଲୋଚନା ହୋଇଥିବା ବିମାନ, ଏୟାର୍ ଡିଫେନ୍ସ ସିଷ୍ଟମ୍, ଡ୍ରୋନ୍ ଏବଂ ମିସାଇଲ୍ ଭଳି ବିଷୟରେ କୌଣସି ପ୍ରଗତି ଘୋଷଣା ନହେବାର କାରଣ ହୁଏତ ଆମେରିକାର କାଟ୍‌ସା ପ୍ରତିବନ୍ଧକ। ତଥାପି, ଏହା ଭାରତର ପ୍ରତିରକ୍ଷା ଆଧୁନିକୀକରଣରେ ରୁଷର ଭୂମିକାକୁ ଆହୁରି ଦୃଢ଼ କରିବ।

ଭୂ-ରାଜନୀତିକ ଦୃଷ୍ଟିରୁ ଏହି ଗସ୍ତର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇଉକ୍ରେନ୍ ଯୁଦ୍ଧ ଉପରେ ଆଲୋଚନାରେ ମୋଦୀ ଶାନ୍ତିର ପକ୍ଷରେ ରହିବାକୁ କହିଛନ୍ତି ଏବଂ ପୁଟିନ୍ ଆମେରିକା ନେତୃତ୍ୱରେ ଶାନ୍ତି ପ୍ରସ୍ତାବକୁ ସ୍ୱାଗତ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ପ୍ରତିଫଳିତ କରୁଛି, ଯାହା ରୁଷ ସହିତ ସମ୍ପର୍କ ବଜାୟ ରଖିବା ସହିତ ପଶ୍ଚିମ ଦେଶମାନଙ୍କ ସହିତ ମଧ୍ୟ ସନ୍ତୁଳନ ରକ୍ଷା କରୁଛି। ତଥାପି, ଏହି ଗସ୍ତ ପଶ୍ଚିମ ଦେଶମାନଙ୍କ ସହିତ ଭାରତର ସମ୍ପର୍କକୁ କିଛି ପରିମାଣରେ ପ୍ରଭାବିତ କରିପାରେ, ଯେପରିକି ଇଉରୋପୀୟ ସଂଘ ଏବଂ ଆମେରିକାର ପ୍ରତିବନ୍ଧକଗୁଡ଼ିକ। ଭାରତୀୟ କମ୍ପାନୀଗୁଡ଼ିକ ଉପରେ ଆମେରିକାର ୨୫% ତାରିଫ ଏବଂ ରୁଷୀୟ କମ୍ପାନୀଗୁଡ଼ିକ ଉପରେ ପ୍ରତିବନ୍ଧକ ଏହି ସନ୍ତୁଳନକୁ ଆହ୍ୱାନ ଦେଉଛି।

ସାରାଂଶରେ କହିବାକୁ ଗଲେ, ପୁଟିନ୍‌ଙ୍କ ଭାରତ ଗସ୍ତ ଦୁଇ ଦେଶର ମଧ୍ୟରେ ଏକ ବିଶେଷ ଏବଂ ସୁରକ୍ଷିତ ସମ୍ପର୍କକୁ ପୁନଃସ୍ଥାପିତ କରିଛି। ମୋଦୀ ଏହାକୁ "ଧ୍ରୁବ ତାରା" ଭଳି ସ୍ଥିର ବୋଲି ବର୍ଣ୍ଣନା କରିଛନ୍ତି। ଏହା ଭାରତର ଅର୍ଥନୀତି, ଶକ୍ତି ସୁରକ୍ଷା ଏବଂ ବୈଶ୍ୱିକ ସ୍ଥିତିକୁ ମଜବୁତ୍ କରିବ। ତଥାପି, ବିଶ୍ୱର ବିଭାଜିତ ରାଜନୀତିରେ ଭାରତକୁ ଆହୁରି ସତର୍କତାର ସହିତ ଚାଲିବାକୁ ପଡ଼ିବ। ଏହି ଗସ୍ତ ଏକ ବହୁଧ୍ରୁବୀୟ ବିଶ୍ୱର ନିର୍ମାଣରେ ଭାରତର ଭୂମିକାକୁ ଆହୁରି ଉଜ୍ଜ୍ୱଳ କରିବ।

# ରାଜଭବନରୁ ଲୋକଭବନ ଗଣତନ୍ତ୍ରର ନୂଆ ସନ୍ଦେଶ

ଡ଼ ସୁଶାନ୍ତ କୁମାର ପରିଡା



ଆମ ରାଜ୍ୟ ଓଡ଼ିଶାର ରାଜଭବନର ନାମ ପରିବର୍ତ୍ତନ କେବଳ ଗୋଟିଏ ସାଧାରଣ ସୂଚନା ନୁହେଁ। ଏହା ଭାରତୀୟ ଗଣତନ୍ତ୍ରର ମୂଳ ଧାରଣା, ସଂବିଧାନୀୟ ସଂସ୍ଥାମାନଙ୍କ ପରିଚୟ ଓ ଲୋକ-ଶାସନର ସମ୍ବନ୍ଧକୁ ନୂଆ ଭାବେରେ ଭାବିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଏହା ଗଣତନ୍ତ୍ରୀୟ ମୂଲ୍ୟବୋଧକୁ ଆଗକୁ ଆଣିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। 'ରାଜଭବନ' ରୁ 'ଲୋକଭବନ'— ଏହି ପରିବର୍ତ୍ତନର ଭିନ୍ନତା କେବଳ ଶବ୍ଦରେ ନୁହେଁ; ଏହା ଚିନ୍ତାଧାରା, ମୂଲ୍ୟବୋଧ ଓ ଶାସନ-ଦର୍ଶନର ଏକ ବିସ୍ତୃତ ରୂପାନ୍ତର। ଗୋଟେ ପଟେ 'ରାଜ' ଶକ୍ତି ଓ ପ୍ରଭୁତ୍ୱର ପ୍ରତୀକ, ଅନ୍ୟପଟେ 'ଲୋକ' ସମାନତା, ଅଧିକାର ଓ ଗଣତାନ୍ତ୍ରିକ ଆତ୍ମସ୍ୱାମିତ୍ୱର ପ୍ରତିନିଧି। ସେଥିପାଇଁ ଏହି ନାମପରିବର୍ତ୍ତନ ରାଜ ଓ ଲୋକ ସମ୍ବନ୍ଧକୁ ଅଧିକ ସ୍ପଷ୍ଟ, ଆଧୁନିକ ଓ ଲୋକାଭିମୁଖୀ କରିବାର ଚେଷ୍ଟାକୁ ପ୍ରତିନିଧିତ୍ୱ କରେ।

ଭାରତୀୟ ରାଜଭବନମାନଙ୍କର ଇତିହାସ ଉପନିବେଶବାଦର ଛାୟାରେ ଗଢ଼ା। ବ୍ରିଟିଶ ଯୁଗରେ 'ଗଭର୍ନର୍' ଥିଲେ କ୍ରାଉନ୍‌ଙ୍କ ପ୍ରତିନିଧି। ସେଥିପାଇଁ ତାଙ୍କର ନିବାସ 'ରାଜ' ଭବନ, ରାଜ୍ୟ ଓ ପ୍ରଜାର ମଧ୍ୟରେ ଏକ ଉଚ୍ଚ, ଅସ୍ପର୍ଶନୀୟ ଦ୍ୱାର ଥିଲା। ସ୍ୱାଧୀନତା ପରେ ଗଣତନ୍ତ୍ରର ଶାସନ ଆସିଲା, ସଂବିଧାନର ଯୁଗ ଆସିଲା, କିନ୍ତୁ ନାମ ଓ ଗଢ଼ଣାରେ ଉପନିବେଶୀ ଅନୁସ୍ମୃତି ରହିଗଲା। ଏହି ନାମ ପରିବର୍ତ୍ତନ ଆଜି ଏକ ସ୍ପଷ୍ଟ ସନ୍ଦେଶ ଦେଇଛି ରାଜ ଯୁଗ ଶେଷ; ଏବେ ଲୋକ ଯୁଗ। କିନ୍ତୁ ପ୍ରଶ୍ନ ଆସେ "ନାମ ବଦଳିଲେ କ'ଣ ପରିବର୍ତ୍ତନ ହୁଏ?" ଏହି ପ୍ରଶ୍ନ ନ୍ୟାୟସଙ୍ଗତ ହେଲେ ମଧ୍ୟ, ରାଜନୀତିରେ ପ୍ରତୀକର ଶକ୍ତିକୁ ଅବହେଳା କରିବାଠାରୁ ଭୁଲ କେଉଁଠି। ବିଶ୍ୱର ଯେକୌଣସି ଗଣତନ୍ତ୍ରୀୟ ପରିବର୍ତ୍ତନରେ ପ୍ରତୀକ- ନାମ, ପତାକା, ସ୍ଥାପତ୍ୟ— ଏକ ଭାବନା ଓ ମୂଲ୍ୟବୋଧର ପ୍ରତିକ୍ରିୟା। ଦକ୍ଷିଣ ଆଫ୍ରିକାରୁ ନେଇ ଭିଏତନାମ ପର୍ଯ୍ୟନ୍ତ ଇତିହାସ ତାହାର ସାକ୍ଷୀ। "ଲୋକଭବନ" ନାମଟି କେବଳ ଏକ ଅନୁବାଦ ନୁହେଁ; ଏହା ଏକ ଘୋଷଣା, ଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ଲୋକ, ରାଜା ନୁହେଁ।

ଭାରତୀୟ ସଂବିଧାନର ପ୍ରସ୍ତାବନାରେ 'WE, THE PEOPLE OF INDIA'— ଏହି ଶବ୍ଦ ଆମର ଗଣତନ୍ତ୍ରୀୟ ପରିଚୟର ମୂଳ।

କିନ୍ତୁ ଏହି ଭାବନା ଅପରିଚିତ ନୁହେଁ; ପ୍ରାଚୀନ କଳିଙ୍ଗର ଗଣସଭା, ଗ୍ରାମପଞ୍ଚାୟତ ପ୍ରଥା, ଓ 'ସାର୍ବଜନୀନ ସମୃଦ୍ଧି'ର ଧାରଣା ଓଡ଼ିଆ ସଂସ୍କୃତିର ଭିତରେ ବହୁତ ପୂର୍ବରୁ ରହିଛି। ସେହି ଭାବନାକୁ ଆଜି ଏକ ନୂଆ ନାମ ଦିଆଯାଇଛି— ଲୋକଭବନ। ଯେଉଁଠାରେ ଭବନ ହେଉଛି, କିନ୍ତୁ ତାହାର ଅସ୍ତିତ୍ୱ ଲୋକଙ୍କ ପାଇଁ। କିନ୍ତୁ ଲୋକଭବନର ଭିତରେ କି ପରିବର୍ତ୍ତନ ହେବ? ଏହା ଏକ ନିହାତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ନାମ ପରିବର୍ତ୍ତନ ମାତ୍ର ବଡ କାମ ନୁହେଁ— ପ୍ରବେଶ ପ୍ରଣାଳୀ, ଜନସୁନାନୀ, ଅଭିଯୋଗ ନିରାକରଣ, ନୀତିରେ ଲୋକସହଭାଗ— ଏହା ହେବା ଆବଶ୍ୟକ।

ସତ୍ୟ ପରିବର୍ତ୍ତନ— ନାମରେ ନୁହେଁ, କାମରେ ଲୋକଭବନ ହେବ ଯେତେବେଳେ— ଗଭର୍ନରଙ୍କ କାର୍ଯ୍ୟାଳୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଅଧିକାର ନେଇ ଲୋକଙ୍କ ସହ କଥା ହେବ; ନୀତି ସମୀକ୍ଷା ସମାବେଶରେ ଯୁବ, ମହିଳା, ଗ୍ରାମପଞ୍ଚାୟତ ସଦସ୍ୟମାନେ ସାମିଲ୍ ହେବେ। ଯେପରି ଏହି ନୂଆ ଲୋକଭବନର ଦ୍ୱାର ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ, ସେହିପରି ଶାସନର ପଥମାନେ ମଧ୍ୟ ଅଧିକ ସୁଲଭ— ଅଧିକ ପହଞ୍ଚଗୋଚର, ଅଧିକ ସ୍ୱଚ୍ଛ— ହେବାର ଆଶା ଜନ୍ମ ନେଇଛି। ରାଜ୍ୟରେ ଶାସନ ମଧ୍ୟ ଅଧିକରୁ ଅଧିକ ଲୋକଙ୍କ ଅଭିମୁଖୀ ହେଉ— ଏହା ଏହି ପରିବର୍ତ୍ତନର ମୂଳ ସାର।"

ଓଡ଼ିଆ ମନୋଭାବରେ 'ରାଜ' ଶବ୍ଦରେ ଦୂରତ୍ୱ,ଆଜ୍ଞା,ଏବଂ ଅଧିକାରର ଭୟ। କିନ୍ତୁ 'ଲୋକ' ଶବ୍ଦରେ ନିକଟତା,ସମାନତା,ଓ ଶାସନର ସଂଯୋଗ। ଏହି ମାନସିକ ଭିନ୍ନତାକୁ ପରିବର୍ତ୍ତନ କରିବା ସରଳ କାମ ନୁହେଁ। ତଥାପି ପଦକ୍ଷେପଟି ଏକ ଶକ୍ତିଶାଳୀ ସନ୍ଦେଶ— ଓଡ଼ିଆ ଲୋକଙ୍କ ଶାସନ ଅଧିକାରକୁ ସମ୍ମାନ। ରାଜରୁ ଲୋକ— ଏକ ଐତିହାସିକ ଯାତ୍ରା। ଲୋକଭବନ କେବଳ ଏକ ଭବନର ନାମ ନୁହେଁ;ଏହା ଲୋକତନ୍ତ୍ରର ଦର୍ଶନ। ଏକ ଦେଶ ଯେଉଁଥିରେ ଲକ୍ଷ ଲକ୍ଷ ଲୋକ ନିଜ ଅଧିକାର ପାଇଁ ସଂଘର୍ଷ କରିଛନ୍ତି, ଯେଉଁଥିରେ ଗଣତନ୍ତ୍ର କେବଳ ମତଦାନ ନୁହେଁ, ବରଂ ଦିନିକିଆ ଜୀବନର ଅଂଶ— ସେଠାରେ ଏହି ପରିବର୍ତ୍ତନ ଏକ ନୂଆ ପଦକ୍ଷେପ। ଗଣତନ୍ତ୍ର ଯେତେବେଳେ ସଫଳ ହୁଏ— ସେତେବେଳେ ଶକ୍ତି ନାମରୁ ନୁହେଁ, ଲୋକଙ୍କଠାରୁ ଆସେ। ରାଜଭବନ ଯେତେବେଳେ ଲୋକଭବନ ହେଲା— ସେତେବେଳେ ଇତିହାସ କେବଳ ନାମ ଲେଖିଲା ତାହା ନୁହେଁ; ବରଂ ଗଣତନ୍ତ୍ରର ଅର୍ଥକୁ ନୂଆ ଦିଗରେ ଲେଖିଲା।

**ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ**
**ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା**
**ମୋବାଇଲ୍: ୯୪୩୭୨୧୦୪୫୮**

# ଶତାବ୍ଦୀ ପୁରୁଷ ପଦ୍ମଭୂଷଣ ଡ.ରାଧାନାଥ ରଥ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସମ୍ପାଦକ, ରାଜନେତା, ସାରସ୍ୱତ ସାଧକ ଓ ସମାଜ ସେବକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୀବନ ଶତାବ୍ଦୀର ଏକା ଶୀଖା। ବହୁ ସମସ୍ୟା ବଜଡ଼ିତ ଏକ ସନ୍ତ୍ରସ୍ତ ଜାତିକୁ ଆଶା ଆଶ୍ୱାସନାର ବାଣୀ ଶୁଣାଇବାକୁ ସେ ଶିଖା ଅଙ୍ଗୀକାରବଦ୍ଧ ହୋଇଥିଲା। ଉନ୍ନବିଂଶ ଶତାବ୍ଦୀର ଗତାୟୁ ଲଗ୍ନରେ ୧୮୯୭ ମସିହା ଡିସେମ୍ବର ୬ ତାରିଖରେ ସେ ଆଠଗଡ଼ରେ ଜନ୍ମ ହେଲାବେଳକୁ ବିଖଣ୍ଡିତ ଉତ୍କଳ ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଥାଏ। ତାଙ୍କର ପିତା ଜଗନ୍ନାଥ ଥିଲେ ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କର ରାଜପରିବାରର ପଣ୍ଡିତ। ଡ.ରାଧାନାଥ ରଥ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୈତିଜ୍ଞ ଓ ସାହିତ୍ୟିକ ଥିଲେ। ତାଙ୍କ ପ୍ରାଥମିକ ଶିକ୍ଷା ଆଠଗଡ଼ରେ ସେ କାଲା ମହାନ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲେ। ବାଲେଶ୍ୱର ଜୁବିଲୀ ସ୍କୁଲରୁ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା। ୧୯୧୬ରେ କଟକର ରେଭେନ୍ସା କଲିଜେଟ୍ ସ୍କୁଲରୁ ମାଟ୍ରିକ ଶେଷ କରି ସିଂହଭୂମ ଜିଲ୍ଲାର ଜଙ୍ଗଲ ବିଭାଗର କିରାଣୀ ଭାବେ ସେ କାମ କେଲ। ୧୯୧୯ରେ ଚାକିରି ଛାଡ଼ି ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ପ୍ରେସ୍‌ରେ ଯୋଗ ଦେଲେ। ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ ସାପ୍ତାହିକ ଓଡ଼ିଆ ଖବରକାଗଜ ସମାଜର ପ୍ରବନ୍ଧକ ଓ ସହ-ସମ୍ପାଦକ ଭାବେ ସେ ସାମ୍ବାଦିକତାରେ କ୍ୟାରିଅର ଆରମ୍ଭ କଲେ।



୧୯୧୯ରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ତୀର୍ଥସ୍ଥଳୀରେ ସମାଜକୁ ତାଙ୍କ ଧ୍ୟାନ ଓ ଧ୍ୟେୟ ଭାବେ ଗ୍ରହଣ କରିଥିଲେ। ସାପ୍ତାହିକ ପତ୍ର ଭାବରେ ଅକ୍ଟୋବର ୧୯୧୯ ମସିହା ଠାରୁ ସମାଜ ପ୍ରକାଶନ ଆରମ୍ଭ ହୋଇଥିଲା। ୧୯୨୫ରେ ସମାଜ ପୁରୀକୁ ସ୍ଥାନାନ୍ତରିତ ହୋଇ ଜାନୁଆରୀ ୩ ତାରିଖରେ ସେଠାରୁ ପ୍ରକାଶିତ ହେଲା ପରେ ୧୯୨୭ରେ ସମାଜ କଟକ ନିମ୍‌ଚୌଡ଼ିରୁ ଆରମ୍ଭ ହୋଇଥିଲା। ୧୯୨୮, ୧୭ ଜୁନ୍‌ରେ ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ସମାଜ ଲୋକସେବକ ମଣ୍ଡଳର ପରିଚାଳନାରେ ପ୍ରକାଶିତ ହେଲା। ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୩୦୦୦ଟଙ୍କା କଟକ ବ୍ୟାଙ୍କରୁ ଋଣ କରାଯାଇ ଏକ ପୁରୁଣା ଫ୍ଲାଟବେଡ଼ ମେସିନ କିଣାହେଲା ଓ ୧୯୩୧ରୁ ବିଧିବଦ୍ଧ ଭାବରେ ଦୈନିକ ପ୍ରକାଶ ହେଲା।

୧୯୪୨ ଅଗଷ୍ଟ ୨୨ ତାରିଖରେ ରାଧାନାଥ ରଥ ଜେଲ ଗଲାପରେ ଏକମାସ ସମାଜ ପ୍ରକାଶନ ବନ୍ଦ ହେଲା। ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଶିକ୍ଷାମନ୍ତ୍ରୀ ଭାବରେ ନିଯୁକ୍ତି ହେବା ଫଳରେ ରାଧାନାଥ ରଥ ସମାଜର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୬୧ରେ ରାଧାନାଥ ବାବୁ ମନ୍ତ୍ରୀମଣ୍ଡଳ ତ୍ୟାଗ କରି ସମ୍ପୂର୍ଣ୍ଣ ଭାବରେ ସମାଜ ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯାଇଥିଲା। ଓଡ଼ିଶା ବିଧାନସଭାକୁ ରାଧାନାଥ ୫ଥର ନିର୍ବାଚିତ ହୋଇଥିଲେ। ଲୋକ ସମାଜ ସେବକର ଓଡ଼ିଶା ଶାଖାର ସେ ଜୀବନବ୍ୟାପୀ ଅଧ୍ୟକ୍ଷ ଥିଲେ। ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ଼ ସଂସ୍ଥାର ମଧ୍ୟ ମୁଖ୍ୟ ଥିଲେ। ହିନ୍ଦ୍ କୁଷ୍ଠ ନିବାରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସଂଗଠନ ସହ ରାଧାନାଥ ରଥ ସାମିଲ ଥିଲେ। ନିଜର ସମ୍ପାଦକ ଜୀବନ କାଳରେ ସେ ଓଡ଼ିଶାର ଜନଜୀବନ ଧାରା ସହିତ ନିଜକୁ ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରିଥିଲେ। ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରି ବନ୍ୟା-ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଶାର ଅଧିବାସୀ ମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବା, ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରିବା, ଦରିଦ୍ର ନିସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ଅନେକ ମାନବହିତୈଷୀକର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ଜୀବନ ନିର୍ବାହ କରୁଥିଲେ। ଆଜିର ସମୟରେ ପୂଜ୍ୟ ସ୍ୱର୍ଗତଃ ଡକ୍ଟର ରାଧାନାଥ ରଥଙ୍କ ଅନୁପ୍ରେରଣା ଓ ଆଶୀର୍ବାଦରେ ଓଡ଼ିଶା ଜନଗଣଙ୍କ ଖବରକାଗଜ ବୁଝାଉଥିବା 'ସମାଜ' ଶହେ ବର୍ଷ ଅତିକ୍ରମ କରିସାରିଛି। ବର୍ତ୍ତମାନ ସମୟରେ ସୁଯୋଗ୍ୟ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀ ଦ୍ୱାରା ପ୍ରକାଶିତ ସମାଜ ତାର ନିରପେକ୍ଷତା ଓ ମୂଲ୍ୟବୋଧର ଆଦର୍ଶକୁ ବଜାୟ ରଖି ପ୍ରତିଟି ଓଡ଼ିଆଙ୍କ ପାଖରେ ନିଜ ଗୌରବର ଗାଥାକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମର୍ଥ ହୋଇଛି।

ଓଡ଼ିଶାରେ 'ବାବୁଜୀ' ନାମରେ ବେଶ ଲୋକପ୍ରିୟ ହୋଇପାରିଥିବା ଡକ୍ଟର ରାଧାନାଥ ରଥ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଯୁଗପୁରୁଷୋତ୍ତମ କଲ୍‌କୀ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ପାବନ କ୍ଷେତ୍ର ଦେଓଘର ଯାତ୍ରା କରିଥିଲେ। କରୁଣାମୟ ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ପବିତ୍ର ଲାଠି' ଦିବ୍ୟଆଶୀର୍ବାଦକ୍ରମେ ପ୍ରଦାନ କରିଥିଲେ। ତାଙ୍କ ସୁକନ୍ୟା ସମାଜର ପୂର୍ବତନ ସମ୍ପାଦିକା ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଡକ୍ଟର ମନୋରମା ମହାପାତ୍ର ଅନେକ କାର୍ଯ୍ୟକ୍ରମରେ କହିଛନ୍ତି ଯେ 'ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ଲାଠିକୁ ବାବୁଜୀ ପ୍ରତି ଦିନ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସମୟରେ ସ୍ପର୍ଶପୂର୍ବକ ପ୍ରଣିପାତ କରି ବାହାରକୁ ଯାଉଥିଲେ ଏବଂ ଫେରିବା ସମୟରେ ଏହି ପବିତ୍ର କୃପାକୁ ଦିବ୍ୟ ପ୍ରଣାମ ପୂର୍ବକ ଗୃହ ପ୍ରବେଶ କରୁଥିଲେ'। ଶ୍ରୀ ଶ୍ରୀ ଠାକୁର ଡକ୍ଟର ରାଧାନାଥ ରଥଙ୍କୁ ଜଣେ 'ଗୁଡ଼ସୋଲ' ବୋଲି ମନ୍ତବ୍ୟ ଦେଇଥିଲେ। ଆଜିବି ଦେଓଘରର ମ୍ୟୁଜିୟମରେ କୃପାମୟ ଶ୍ରୀ ଶ୍ରୀ ଠାକୁର ପବିତ୍ର ଲାଠି ପ୍ରଦାନ କରୁଥିବାର ଡକ୍ଟର ରାଧାନାଥ ରଥଙ୍କ ଫଟୋ ସ୍ଥାନିତ ହୋଇଛି। ଆଦର୍ଶବାଦୀ, ନିରାଡ଼ମ୍ବର ଏହି ଶତାବ୍ଦୀ ପୁରୁଷ ଅତ୍ୟନ୍ତ ସଶ୍ରଦ୍ଧ ଚିତ୍ତରେ ସମାଜର ପୃଷ୍ଠପୋଷକ ଭାବରେ ଦଣ୍ଡାୟମାନ ହୋଇ ଏବଂ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷାରେ ପ୍ରବୀଣତା ଲାଭ କରି ଓଡ଼ିଶାର ସାମ୍ବାଦିକତାକୁ ଏକ ବଳିଷ୍ଠ ତଥା ବିଶିଷ୍ଟ ଆସନରେ ପହଞ୍ଚାଇ ପାରିଥିଲେ। ନିରପେକ୍ଷ ଭାବରେ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବା ତାଙ୍କ ସମ୍ପାଦକ ଜୀବନର ସର୍ବଶ୍ରେଷ୍ଠ କର୍ମ ଥିଲା।

୧୯୬୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ। ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ୧୯୭୭ ମସିହାରେ ପ୍ରାଥମିକ ଶିକ୍ଷା ପୁର୍ନଗଠନ କମିଟିର ଚେୟାରମ୍ୟାନ ପଦରେ ସେ ନିଯୁକ୍ତି ପାଇଥିଲେ। ଓଡ଼ିଶା ଗୋମଙ୍ଗ ସମିତିର ସେ ସଭାପତି ଥିଲେ। ହିନ୍ଦୀ କୁଷ୍ଠ ନିବାରଣ ସଂଘର ସେ ଉପସଭାପତି ଭାବରେ ସେ ନିଯୁକ୍ତି ଲାଭ କରିଥିଲେ। ୧୯୮୨ ଠାରୁ ଉତ୍କଳ ରିଲିଫ୍ କମିଟିର ସେ ସଭାପତି ଥିଲେ। ୧୯୯୮ ମସିହା ଫେବୃଆରୀ ୧୨ ତାରିଖ ଅଗ୍ନିପୂର୍ଣ୍ଣିମା ରାତି ୧ଟା ବେଳେ ତାଙ୍କର ସୁଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା। ସମାଜ ପରିସର ତାଙ୍କର ବ୍ୟକ୍ତିତ୍ୱର ସୁରଭିତ ସଂସ୍ପର୍ଶରେ ଏକ ମନ୍ଦିରାଙ୍ଗନରେ ପରିଣତ ହୋଇଥିଲା। ତାଙ୍କ ସାହିତ୍ୟ କୃତି ଉଲ୍ଲେଖଯୋଗ୍ୟ। 'ମୋ ଜେଲ ସ୍ମୃତି ଲିପି' ତାଙ୍କର ପ୍ରସିଦ୍ଧ କୃତି। ସାହିତ୍ୟ ଏକାଡ଼େମୀ, ସମେତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ.ରାଧାନାଥ ରଥ ୧୮୯୬ ଡିସେମ୍ବର ୬ ଆଜିର ଦିନ ଆଠଗଡ଼ର ରାଧାନାଥପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ। ମାନବ ଚିତ୍ତ ଦୌର୍ବଲ୍ୟର ସସୀମ ପରିଧିର ପଙ୍କିଳ ଆବେଷ୍ଟନୀ ମଧ୍ୟରୁ ନିଜର ସଂକଳ୍ପ ଓ ସାଧନାଦ୍ୱାରା ମଣିଷ ଯେ ନିଜକୁ ଉଦ୍ଧାରକରିବାକୁ ସାମର୍ଥ୍ୟ ଲାଭ କରିପାରେ ପଦ୍ମଭୂଷଣ ରାଧାନାଥ ଏହାର ଅନ୍ୟତମ ଦୃଷ୍ଟାନ୍ତ।

**ପ୍ରତିରତ୍ୱିକ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଜୟୀ ରାଜଗୁରୁ

ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀଙ୍କ ମଧ୍ୟରେ ସହିଦ ଜୟୀ ରାଜଗୁରୁ ଅନ୍ୟତମ। ଗୋରା ଶାସକ ବିରୋଧରେ ଉତ୍କଳର ପ୍ରତିଟି ପ୍ରାଣରେ ସେ ବିପ୍ଳବର ବହ୍ନି ଜାଳିଥିଲେ। ୧୭୩୯ ଅକ୍ଟୋବର ୨୯ ଅଁଳା ନବମୀରେ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ରାଜଗୁରୁ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଜୟୀ ରାଜଗୁରୁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ-ପରମ୍ପରାର ରାଜ ପୁରୋହିତ ନଥିଲେ, ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲେ। ଉତ୍କଳର ତତ୍‌କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପାଙ୍କ ଅନ୍ତେ ଖୋରଧା ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ସେ ରାଜଗୁରୁ ତଥା ମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତା'ପରେ ସେ ରାଜଗୁରୁ ପାଲଟିଗଲେ। ଖୋରଧା ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ। ଖୋରଧା ପାଇକ ଜାଗରଣରେ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ।

୧୮୦୩ରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପରେ ଖୋରଧା ରାଜାଙ୍କ ଠାରୁ କର ମାଗିଲେ ଏବଂ ସେମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ୍ୟ କଲେ। ରାଜଗୁରୁଙ୍କ ସ୍ୱାଭିମାନକୁ ଏହା କଠୋର ଆଘାତ ଦେଲା। ଫିରିଙ୍ଗି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ପଣ କରି ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ସେ ନିଜ ସୈନ୍ୟବାହିନୀରେ ମିଶାଇଲେ। ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ବରୁଣେଇ ଗଡ଼କୁ ସୁଦୃଢ଼ କରିଥିଲେ। ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧକୌଶଳ ରାଜଗୁରୁ ଆରମ୍ଭ କରିଥିବା କୁହାଯାଏ। ଇଂରେଜମାନେ ଶେଷର ଦେଶଦ୍ରୋହୀଙ୍କୁ ପ୍ରଲୋଭିତ କରି ରାଜଗୁରୁଙ୍କୁ ବନ୍ଦୀ କରିବା ସହ ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଅକ୍ତିଆର କରିନେଲେ। ୧୮୦୬ରେ ତାଙ୍କୁ ବିଚାର ପାଇଁ ମେଦିନୀପୁର ପଠାଇ ଦିଆଗଲା। ବିଚାର ପରେ ଡିସେମ୍ବର ଆଜିର ଦିନ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଗଲା। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋରା ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇ ନଥିବା ଜୟୀ ରାଜଗୁରୁଙ୍କ ଅବଦାନକୁ ଓଡ଼ିଶା ମାଟି ଚିରକାଳ ଝୁରିବ, ଏଥିରେ ସନ୍ଦେହ ନାହିଁ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍'**
**ପୁରୁଣା ସୋନାରି, ଜାମସେଦପୁର**
**ମୋବାଇଲ୍: ୭୪୮୮୯୯୮୫୩୨**

# ଫୁଲର ମୂଲ

ଡ଼ ସୀତାକାନ୍ତ ତ୍ରିପାଠୀ



ଆମ ଦେଶର ଅର୍ଥନୀତିରେ ଫୁଲ ଚାଷର ଗୁରୁତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଫୁଲ ଏକ ମୁକ୍ତ ଦ୍ରବ୍ୟ ଭାବେ ପରିଚୟ ପାଇଥିବା ବେଳେ ବର୍ତ୍ତମାନ ଏହା ପ୍ରାୟତଃ ଅର୍ଥନୈତିକ ଦ୍ରବ୍ୟ ଭାବେ ପରିଗଣିତ ହେଉଛି। ତେବେ ଫୁଲକୁ ଅଧିକ ସମୟ ସଂରକ୍ଷିତ କରି ରଖିବା ଏବଂ ଏହାର ପ୍ରକ୍ରିୟା କରଣ ଶିଳ୍ପର ଅଭାବ ଯୋଗୁଁ ଫୁଲଚାଷ ଅଦ୍ୟାବଧି ଆଖିଦୃଶିଆ ସଫଳତା/ ଜନାଦୃତ ହୋଇ ପାରି ନାହିଁ। ଏସବୁ ସତ୍ତ୍ୱେ ଫୁଲ ବଜାରରେ ଦିନକୁ ଦିନ ଦେଶ ବିଦେଶର ବିଭିନ୍ନ ପ୍ରକାର ଏବଂ ପ୍ରଜାତିର ଫୁଲ ଉପଲବ୍ଧ ହେଲାଣି।

ସାଧାରଣ ଭାବେ ଦେଖିବାକୁ ଗଲେ ଫୁଲ ହେଉଛି ଶ୍ରଦ୍ଧା, ଭଲ ପାଇବା, କୃତଜ୍ଞତା ତଥା ସମ୍ମାନର ପ୍ରତୀକ। ସ୍ଥାନ, କାଳ ଓ ପାତ୍ର ଭେଦରେ ଫୁଲର ବ୍ୟବହାର ଭିନ୍ନ ଭିନ୍ନ ହୋଇଥାଏ। ପୂର୍ବରୁ କେବଳ ପୂଜା ପର୍ବାଣୀ ତଥା ରାଜା ମହାରାଜାଙ୍କ ସମ୍ମାନାର୍ଥେ ଏହାର ଉପଯୋଗ ହେଉଥିବା ବେଳେ ବର୍ତ୍ତମାନ ଏହା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ବିଭିନ୍ନ ପାହାଚରେ ଏବଂ ବିଭିନ୍ନ ଲକ୍ଷ୍ୟରେ ଏହା ବ୍ୟବହାର ହେଉଛି। ସବୁଠୁ ବଡ଼ କଥା ହେଉଛି ବଡି ଭୋରରୁ ଫୁଲ ତୋଳିବାର ପରମ୍ପରା। ଦିନଥିଲା ସର୍ବ ସାଧାରଣ ଜାଗା ମାନଙ୍କରେ ବିଭିନ୍ନ ଫୁଲ ଗଛ ଉଠୁଥିଲା। କିମ୍ବା ଲୋକମାନଙ୍କ ସାହାଯ୍ୟ ସହଯୋଗରେ ବିଭିନ୍ନ ଫୁଲ ଗଛ / ଚାରା ଲଗାଯାଉଥିଲା। ଯାହା ଫଳରେ ଲୋକମାନଙ୍କର ଦେବାର୍ଚ୍ଚନା ନିମିତ୍ତ ଦରକାର ପଡୁଥିବା ବିଭିନ୍ନ ଫୁଲ ଲୋକମାନଙ୍କୁ ଅନାୟାସରେ ପ୍ରାପ୍ତ ହେଉଥିଲା। ତା ଛଡ଼ା ବିଭିନ୍ନ ଦେବାଦେବୀଙ୍କ ସନ୍ତୁଷ୍ଟି ନିମିତ୍ତ ଦରକାର ପଡୁଥିବା ଫୁଲ ଗୁଡ଼ିକ ଅତ୍ୟନ୍ତ ସହଜ ଏବଂ ସରଳ ଭାବେ ଉପଲବ୍ଧ ହୋଇ ପାରୁଥିଲା। ବର୍ତ୍ତମାନର ବଜାରୀ କରଣର ସଭ୍ୟତାର ପ୍ରଭାବ ଯୋଗୁଁ ପ୍ରାୟ ସମସ୍ତ ପ୍ରକାର ଫୁଲ ଏବେ ହାଟ ବଜାରରେ ବିକ୍ରି ହେଲାଣି। ଯେଉଁମାନେ ଫୁଲ କିଣି ପୂଜା କରିବାକୁ ପସନ୍ଦ କରୁନାହାନ୍ତି ସେମାନେ ନିଜେ ଗଛ ଲଗାଇ ସେଗୁଡ଼ିକର ଯତ୍ନ ନେଇ ଫୁଲ ଫୁଟାଇବା ପାଇଁ ପ୍ରୟାସ କରି ସଫଳ ହେଉଛନ୍ତି। ଆଉ କିଛି ଲୋକ ସର୍ବସାଧାରଣ ଜାଗା ଯଥା ରାସ୍ତାକଡ଼, ଗୋଚର ଜମି, ଖେଳ ପଡ଼ିଆ, ମଣ୍ଡପ ପଡ଼ିଆ, ନଦୀକୂଳ, ପୋଖରୀ ଆଦି ସ୍ଥାନରୁ ଫୁଲ ତୋଳି ନିଜର ଚାହିଦା ମେଣ୍ଟାଇ ଥାଆନ୍ତି। ତୃତୀୟ ଶ୍ରେଣୀର ଲୋକମାନେ ନିଜେ ଗଛ ଲଗାଇ ନଥାଆନ୍ତି କିମ୍ବା ଲଗାଇବା ପ୍ରୟାସ କରି ନଥାଆନ୍ତି। ସେମାନେ ସର୍ବ ସାଧାରଣ ଜାଗାରୁ ଫୁଲ



ତୋଳିବା ଅପେକ୍ଷା ବିଭିନ୍ନ ଲୋକଙ୍କ ବାରି, ବଗିଚା, ଫୁଲ କୁଣ୍ଡ ଆଦିରୁ ଫୁଲ ତୋଳିବାକୁ ନିଜର ହକ କିମ୍ବା ଅଧିକାର ବୋଲି ଭାବି ଥାଆନ୍ତି। ଯାହା ଫଳରେ ପରିଶ୍ରମ ଏବଂ ଯତ୍ନରେ ଫୁଲ ଗଛକୁ ବଢ଼ାଇଥିବା ଲୋକମାନଙ୍କୁ ଅଯଥା ହଇରାଣ ଏବଂ ମନସ୍ତାପ ଭୋଗିବାକୁ ପଡ଼ିଥାଏ।

ସକାଳୁ ଉଠି ଫୁଲ ତୋଳିବାର ଅର୍ଥନୀତି ଅଲଗା। କିଏ ଅଧିକ ଫୁଲ ତୋଳି ସାହି ପଡ଼ିଶାଙ୍କ ମଧ୍ୟରେ ବାଣ୍ଟି ସମ୍ପର୍କର ସୁତାଖିଅକୁ ମଜବୁତ କରିବା ପାଇଁ ଚାହିଁଥାଏ ତ ଆଉ କେହି ଫୁଲ ବାଣ୍ଟି ନିଜ ବ୍ୟବସାୟକୁ ଆହୁରି ବଢ଼ାଇବାର ଏକ ମାଧ୍ୟମ ବୋଲି ଭାବିଥାଏ। ଏସବୁ ମଧ୍ୟରେ ଫୁଲ ତୋଳିବା ଗୋଟିଏ ଦୃଷ୍ଟି କୋଣରୁ ସ୍ୱାର୍ଥ ପରତା ବୋଲି ମନେ ହେଉଥିଲେ ମଧ୍ୟ ଅନ୍ୟ ଏକ ଦୃଷ୍ଟି କୋଣରୁ ଏହା ଭାଇଚାରାର ନିଦର୍ଶନ ବୋଲି ବିଚାର କରାଯାଇଥାଏ।

ଫୁଲକୁ ନେଇ ପୁଣି ଅନେକ ବିଭେଦତା। ଶାକ୍ତ, ବୈଷ୍ଣବ, ଶୈବ, ଗାଣପତ୍ୟ ତଥା ସୌର ବିଶ୍ୱାସୀଙ୍କ ପାଇଁ ବିଭିନ୍ନ ଫୁଲର ଆବଶ୍ୟକତା ରହିଛି। ତା ଭିତରେ ରଙ୍ଗର ଫରକ। କେଉଁ ଫୁଲ ପୁଣି ଦେଶୀ ଏବଂ ଅନ୍ୟ କେଉଁଟି ବିଦେଶୀ ତାର ବିଚାର କରିବା ଦରକାର। ଅନେକଙ୍କ ମତରେ ପ୍ରକୃତିକୁ ମନୋରମ କରିବାରେ ଫୁଲର ଅବଦାନ ଅନନ୍ୟ। ସେହି ଦୃଷ୍ଟି କୋଣରୁ ଗଛ, ଲତା, ପାହାଡ଼, ପର୍ବତ, ନଦୀ, ପୋଖରୀ ଆଦି ଜାଗା ମାନଙ୍କରେ ଫୁଲ ଫୁଟିଲେ ତାହା ଆମକୁ ମାନସିକ ଶାନ୍ତି ଦେଇଥାଏ। ଫୁଲ ତୋଳି ଆଣିବା ଦ୍ୱାରା କ'ଣ ଉକ୍ତ ସୌନ୍ଦର୍ଯ୍ୟ ବଜାୟ ରହି ପାରିବ? ଅନ୍ୟ ମାନଙ୍କ ମତରେ ସୌନ୍ଦର୍ଯ୍ୟ ଏବଂ ଭକ୍ତି ପରସ୍ପରର ପରିପୂରକ। ପ୍ରକୃତିର ସୌନ୍ଦର୍ଯ୍ୟକୁ ପ୍ରଭୁଙ୍କ ପାଖରେ ସମର୍ପଣ ହୋଇ ପାରିଲେ ଯାଇ ତାର ସାର୍ଥକତା ରହି ପାରିବ। ସେହି କ୍ରମରେ ଆମ ମାନଙ୍କ ଜୀବନର ବିଭିନ୍ନ ପାହାଚରେ ଫୁଲର ମୂଲ୍ୟ ଅଲଗା ଅଲଗା। ପିଲାଟିଏ ଜନ୍ମ ହେଲେ ତାର ପିତାମାତାଙ୍କ କିମ୍ବା ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଫୁଲ ଦେବାର ପରମ୍ପରା ରହିଛି। କାରଣ ଜନ୍ମ ହେବା ସମୟରେ ପରିବାରରେ ଆନନ୍ଦ କିନ୍ତୁ ମୃତ୍ୟୁ ସମୟରେ ମୃତକଙ୍କୁ ସମ୍ମାନ ତଥା ମାୟା ସଂସାରରୁ ମୁକ୍ତ ହୋଇ ଯିବାର ଆନନ୍ଦରେ ତାଙ୍କୁ ଫୁଲ ଦିଆଯାଇଥାଏ। ବାହାଘର ବେଳେ ପୁଣି ଉଭୟ ବର ଏବଂ କନ୍ୟା ଜଣେ ଆଉ ଜଣଙ୍କୁ ଫୁଲ ମାଳ ଦେଇ ନିଜ ନିଜର ସ୍ୱୀକାରୋକ୍ତି ଜଣାଇ ଥାଆନ୍ତି। ଜୀବନ ସାଥୀ ଜୀବନ ପଥରେ ଚାଲିବା ପାଇଁ ଏହି ଫୁଲରୁ ହିଁ ନିଜର ଯାତ୍ରା ଆରମ୍ଭ କରିଥାଆନ୍ତି ଯାହାକୁ ଅଧିକ ରସସିକ୍ତ କରିବା ପାଇଁ ମଧ୍ୟ ବାସର ରାତିରେ ଫୁଲର ବ୍ୟବହାର କରାଯାଇଥାଏ। ଆମର ଦୈନନ୍ଦିନ ଜୀବନରେ ଶୁଭେଚ୍ଛା ଜଣାଇବାର ମାଧ୍ୟମ, ତଥା ଶୁଭ କାର୍ଯ୍ୟ ମାନଙ୍କରେ ଫୁଲର ବ୍ୟବହାର ହେଉଥିଲେ ମଧ୍ୟ ଉଚ୍ଚ ପଦାଧିକାରୀ ମାନଙ୍କୁ ମଧ୍ୟ ସମ୍ମାନ ଜଣାଇବାର ଏହା ଏକ ପ୍ରମୁଖ ମାଧ୍ୟମ ବୋଲି ବିଚାର କରାଯାଏ। ତେଣୁ ଜନ୍ମ ଠାରୁ ମୃତ୍ୟୁ, କର୍ମ କ୍ଷେତ୍ରରୁ ଧର୍ମ କ୍ଷେତ୍ର, ଅର୍ଥନୀତିରୁ ରାଜନୀତି ସବୁଠି ଫୁଲର ନିଜସ୍ୱ ମର୍ଯ୍ୟାଦା ଏବଂ ମୂଲ୍ୟ ରହିଛି। ଲୋକ କଥା ଅନୁଯାୟୀ ଆମ ମାନଙ୍କର ଜୀବନ ପଥ ଫୁଲ ବିଛି ହୋଇଥିବା ରାସ୍ତା ନୁହେଁ ବରଂ ଏହା ସଦା କଣ୍ଟକିତ। ଅନେକ ସମୟରେ ଆମେ ଫୁଲ ତୋଳିବାକୁ ଯାଇ କଣ୍ଟାରେ ହାତ ଫୋଡ଼ି ହୋଇ ଯିବାର ଅନୁଭୂତି ପାଇଛନ୍ତି। ତେଣୁ ପରିବେଶ ପରିସ୍ଥିତି ଅନୁଯାୟୀ ଫୁଲର ଅର୍ଥନୀତି ବା ବିଚାର ବଦଳି ଯାଇପାରେ। ଫୁଲ ନରମ, ସହଜ ସରଳ ହୋଇପାରେ କିନ୍ତୁ ତାକୁ ହାସଲ କରିବା ପାଇଁ କଣ୍ଟକିତ ରାସ୍ତା ପ୍ରତି ପ୍ରସ୍ତୁତି ହେବାର ଅଛି।

**ଅର୍ଣ୍ଣପାଳ, ଭଦ୍ରକ,**
**ମୋବାଇଲ୍: ୯୭୭୮୭୬୪୩୯୪**

### ୟୁକ୍ରେନରେ ଋଷର ତାଣ୍ଡବ

# ମାଡ଼କଲା ୬୫୩ ଡ୍ରୋନ୍ ସହ ୫୧ ମିସାଇଲ୍



କିଭ୍, ୭।୧୨: ୟୁକ୍ରେନ ଉପରେ ଭୟଙ୍କର ଆକ୍ରମଣ କରିଛି ରୁଷ। ଘନ ଘନ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରାଯାଇଛି। ଶନିବାର ୟୁକ୍ରେନର ବିଭିନ୍ନ ଜାଗାରେ ଋଷ ବଡ଼ ଆକ୍ରମଣ କରିଛି। ୫୧ଟି ମିସାଇଲ ଏବଂ ୬୫୩ ଡ୍ରୋନ୍ ଆଟାକରେ ୟୁକ୍ରେନ୍ ଛିନଛତ୍ର ହୋଇଯାଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ, ଆକ୍ରମଣ ନେଇ ୟୁକ୍ରେନ ବାୟୁସେନା ପ୍ରଥମେ ସୂଚନା ଦେଇଛି। ବାୟୁସେନା କହିଛି ଯେ, ସେମାନେ ୩୦ଟି ମିସାଇଲ ଏବଂ ୫୮୫ଟି ଡ୍ରୋନକୁ ଖସାଇ ଦେଇଛନ୍ତି। କିନ୍ତୁ ୨୯ଟି ସ୍ଥାନରେ ଋଷିଆ ଆକ୍ରମଣ କରିଛି। ଦେଶରେ ଥିବା ଅନେକ ପାୱାର ପ୍ଲାଣ୍ଟକୁ ଋଷିଆ ଟାର୍ଗେଟ୍ କରିଥିଲା । କିଭ୍ ର ରାଷ୍ଟ୍ରୀୟ ଶକ୍ତି ମନ୍ତ୍ରାଳୟ କହିଛି ଯେ, ଆକ୍ରମଣ ଦ୍ୱାରା ଦେଶରେ ବିଦ୍ୟୁତ ସରବରାହ ବନ୍ଦ ପାଇଁ ଯୋଜନା ରହିଥିଲା। ଯାହା ଦେଶର ବିଦ୍ୟୁତ ବ୍ୟବସ୍ଥାକୁ ଅଚଳ କରିଦେବ। ଗତ ୪ ବର୍ଷ ଧରି ଋଷ ଏପରି କରୁଛି। ୟୁରୋପୀୟ ଦେଶମାନେ ମଧ୍ୟ ସମାନ ଅଭିଯୋଗ କରି ଆସୁଛନ୍ତି।

ଇଣ୍ଟରନ୍ୟାଶନାଲ ଆଟୋମିକ ଏନର୍ଜି ଏଜେନ୍ସି କହିଛି ଯେ, ଆକ୍ରମଣରେ ଜାପୋରିଝିଆରେ ଥିବା ପରମାଣୁ ସମ୍ପନ୍ନ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ଇନ୍ଧନକୁ ଥଣ୍ଡା ରଖିବା ପାଇଁ ଅଧିକ ବିଦ୍ୟୁତ ଦରକାର। ଯାହା ଏବେ ଉତ୍ପାଦନ ହୋଇପାରୁ ନାହିଁ। ଦେଶର ଆଭ୍ୟନ୍ତରୀଣ ମନ୍ତ୍ରୀ ଇହୋର କ୍ଲାଇମେନକୋ କହିଛନ୍ତି ଯେ, ଋଷ ଆକ୍ରମଣରେ ପ୍ରାୟ ୮ ଜଣ ଆହତ ହୋଇଛନ୍ତି। କିଭ୍ ଅଞ୍ଚଳରେ ତିନି ଜଣ ଆହତ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ସେହିପରି ୟୁକ୍ରେନ ମଧ୍ୟ ପାଲଟା ଜବାବ ଦେଇଛି। ଋଷର ରିୟାଜାନ ଅଏଲ ରିଫାଇନାରୀକୁ ଆକ୍ରଣଣ କରି ଧ୍ୱଂସ କରାଯାଇଥିବା ୟୁକ୍ରେନ୍ ଦାବି କରିଛି।

### ଚେର୍ଣ୍ଣୋବିଲ ନ୍ୟୁକ୍ଲିୟର ପ୍ଲାଣ୍ଟର ସୁରକ୍ଷା କାନ୍ଥ କ୍ଷତିଗ୍ରସ୍ତ

# ଘନେଇଲା ରେଡିଓଆକ୍ଟିଭ ଲିକେଜ୍‌ର ବିପଦ

ନ୍ୟୁୟର୍କ ୭।୧୨: ଋଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି। ଏହି ଯୁଦ୍ଧରେ ୟୁକ୍ରେନସ୍ଥିତ ଚେର୍ଣ୍ଣୋବିଲ ନ୍ୟୁକ୍ଲିୟର ପ୍ଲାଣ୍ଟର ସୁରକ୍ଷା କାନ୍ଥ କ୍ଷତିଗ୍ରସ୍ତ ହୋଇଛି। ଏଣୁ ରେଡିଓଆକ୍ଟିଭ ମେଟେରିଆଲ ଲିକ୍ ହେବାର ବିପଦ ଉପୁଜିଛି। ଜାତିସଂଘର ପରମାଣୁ ଦେଖରେଖ କରୁଥିବା ସଂସ୍ଥା ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଦ୍ୱାରା ଜାରି ରିପୋର୍ଟରୁ ଏହା ଜଣାପଡିଛି। ଚେର୍ଣ୍ଣୋବିଲରେ ୧୯୮୬ ବିପର୍ଯ୍ୟୟ ପରେ ଏହି ସୁରକ୍ଷା କବଚ ନିର୍ମାଣ କରାଯାଇଥିଲା, ଯାହା ରେଡିଓଆକ୍ଟିଭ ତରଙ୍ଗକୁ ରୋକିବା କାମ କରିଥାଏ। ତେବେ ଗତ ଫେବୃଆରୀରେ ଯୁଦ୍ଧ ଯୋଗୁ ହୋଇଥିବା ଡ୍ରୋନ ଆକ୍ରମଣରେ ଏହି ସୁରକ୍ଷା କାନ୍ଥ ପ୍ରଭାବିତ ହୋଇଛି। ଚେର୍ଣ୍ଣୋବିଲର ରେଡିଓଆକ୍ଟିଭ ତରଙ୍ଗ ନିୟନ୍ତ୍ରଣ କରିବା ପାଇଁ ୨୦୧୯ରେ ଷ୍ଟିଲର ଏକ ସଂରଚନା ନିର୍ମାଣ କରାଯାଇଥିଲା। ତେବେ ଆଇଏଇଏ ନିରୀକ୍ଷଣ କାଳରେ ଦେଖାଯାଇଛି ଯେ, ଯୁଦ୍ଧରେ ହୋଇଥିବା ଡ୍ରୋନ ଆକ୍ରମଣରେ ଏହି ସିଲ୍ଡ ଡ୍ୟାମେଜ ହୋଇଛି। ଏଥି ପାଇଁ ୟୁକ୍ରେନ ଏବେ ଋଷିଆକୁ ଦାୟି କରୁଛି। ତେବେ ଋଷିଆ ଏହାକୁ ଅସ୍ୱୀକାର କରୁଛି। ନିକଟରେ ଆଇଏଇଏ ନିରୀକ୍ଷଣ କାଳରେ ଏହା ଜଣାପଡିଛି ଯେ, ପ୍ରୋଟେକ୍ଟିଭ ସିଲ୍ଡର ଉପରିଭାଗ ଡ୍ୟାମେଜ ହୋଇଛି। ତେବେ ଏହା ଯୋଗୁ ନ୍ୟୁକ୍ଲିୟର ପ୍ଲାଣ୍ଟର ସେପରି କୌଣସି ଗୁରୁତର କ୍ଷୟକ୍ଷତି ହୋଇ ନାହିଁ। ସିଲ୍ଡର ମରାମତି କରିଦିଆଯାଇଛି, ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ପରମାଣୁ ସୁରକ୍ଷା ସୁନିଶ୍ଚିତ କରିବାରେ ନିୟମର ପାଳନ ଜରୁରି ବୋଲି କୁହାଯାଇଛି।



ଜାତିସଂଘ ରିପୋର୍ଟ ଅନୁସାରେ ୧୪ ଫେବୃଆରୀ ୨୦୨୪ରେ ୟୁକ୍ରେନ ଘଟଣା ସମ୍ପର୍କରେ ସୂଚନା ଦେଇ କହିଥିଲା ଯେ, ବିସ୍ଫୋରକ ୱାରହେଡଯୁକ୍ତ ଏକ ଡ୍ରୋନ ପ୍ରୋଟେକ୍ଟିଭ ସିଲ୍ଡ ଉପରେ ଖସିଥିଲା। ନିଆଁ ଲାଗିବାରୁ ସିଲ୍ଡ ଡ୍ୟାମେଜ ହୋଇଛି। ୟୁକ୍ରେନ ଅଧିକାରୀମାନେ ଦାବି କରିଛନ୍ତି

#### ରୁଷିଆକୁ ଦାୟୀକଲା ୟୁକ୍ରେନ

ଯେ, ଏହା ଏକ ଋଷୀୟ ଡ୍ରୋନ ଥିଲା। ତେବେ ଋଷିଆ ଏହି ଅଭିଯୋଗକୁ ଖଣ୍ଡନ କରିଛି। ଋଷିଆ କହିଛି ଯେ, ସେ ପରମାଣୁ ପ୍ଲାଣ୍ଟ ଉପରେ କୌଣସି ଆକ୍ରମଣ କରିନାହିଁ। ଉଲ୍ଲେଖଯୋଗ୍ୟ ଯେ ୨୬ ଏପ୍ରିଲ ୧୯୮୬ରେ ଚେର୍ଣ୍ଣୋବିଲ ନ୍ୟୁକ୍ଲିୟର ପ୍ଲାଣ୍ଟରେ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ସାରା ସହର ଧ୍ୱଂସ ହୋଇଯାଇଥିଲା। ପରମାଣୁ ରେଡିଏସନର ପ୍ରଭାବ ଋଷିଆ ଓ ୟୁରୋପ ପର୍ଯ୍ୟନ୍ତ ଦେଖା ଯାଇଥିଲା। ତେବେ ୨୦୦୦ ମସିହାରେ ଏହି ନ୍ୟୁକ୍ଲିୟର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା।

### ମୋ ସ୍ୱାମୀଙ୍କୁ ଫେରାଇଦିଅ

# ପ୍ରଧାନମନ୍ତ୍ରୀଙ୍କୁ ସାହାଯ୍ୟ ମାଗିଲେ ପାକିସ୍ତାନୀ ମହିଳା





ନୂଆଦିଲ୍ଲୀ, ୭। ୧୨: ମୋଦୀଙ୍କୁ ସହାଯ୍ୟ ମାଗିଲେ ଶତ୍ରୁ ଦେଶର ମହିଳା। ଗୁହାରି କଲେ ଏବଂ ନିବେଦନ ଶୁଣିବାକୁ କହିଲେ। ତାଙ୍କ ସ୍ୱାମୀ ତାଙ୍କୁ ଛାଡି ଦିଲ୍ଲୀର ଜଣେ ମହିଳାଙ୍କୁ ଗୋପନୀୟରେ ବିବାହ କରୁଥିବାରୁ ଜଣେ ପାକିସ୍ତାନୀ ମହିଳା ସାହାଯ୍ୟ ପ୍ରାର୍ଥନା କରିଛନ୍ତି। ଏକ ଭିଡିଓ ମେସେଜ ମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେହୁରା ମଧ୍ୟ ହୋଇଛନ୍ତି।

ରିପୋର୍ଟ ଅନୁସାରେ, କରାଚିରେ ରୁହନ୍ତି ନିକିତା ନାଗଦେବ। ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ବିକ୍ରମ ନାଗଦେବ ଇନ୍ଦୋରରେ ଦୀର୍ଘଦିନ ହେବ ରହିଆସୁଛନ୍ତି। ଦୀର୍ଘକାଳୀନ ଭିସାରେ ସେ ଭାରତରେ ରହୁଛନ୍ତି। ଉଭୟଙ୍କ ମଧ୍ୟରେ ୨୦୨୦ ମସିହା ଜାନୁଆରୀ ୨୬ ତାରିଖରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଥିଲା। ଏହାର ଠିକ୍ ମାସେ ପରେ ବିକ୍ରମ ଏବଂ ନିକିତା ଭାରତ ଆସିଯାଇଥିଲେ। କିନ୍ତୁ କିଛି ମାସରେ ଜୀବନରେ ବହୁତ କିଛି ଘଟିଥିଲା। ୨୦୨୦ ଜୁଲାଇ ୯ ତାରିଖରେ ତାଙ୍କୁ ପାକିସ୍ତାନ ପଠାଯାଇଥିଲା। ସେ ଅଟାରୀ ସୀମା ଦେଇ ପାକିସ୍ତାନ ଫେରିଯାଇଥିଲେ। କିନ୍ତୁ ସେବେଠୁ ତାଙ୍କୁ ଭାରତ ଆଣିବାକୁ ବିକ୍ରମ କୌଣସି ପ୍ରୟାସ କରୁନାହାଁନ୍ତି। ସେ ଅନେକ ଥର ସ୍ୱାମୀଙ୍କୁ କହିଥିଲେ ବି ସ୍ୱାମୀ ବାରମ୍ବାର କୌଣସି ନା କୌଣସି ବାହାନା କରି ଭାରତ ଆଣୁନାହାଁନ୍ତି। କରାଚୀରୁ ନିକିତା କହିଛନ୍ତି ଯେ, ଯଦି ନ୍ୟାୟ ନମିଳେ ତେବେ ନ୍ୟାୟବ୍ୟବସ୍ଥା ଉପରୁ ମହିଳାଙ୍କ ବିଶ୍ୱାସ ତୁଟିଯିବ। ଶାଶୂ ଘରେ ଅନେକ ମହିଳା ମାନସିକ ଏବଂ ଶାରୀରିକ ନିର୍ଯାତନା ପାଉଛନ୍ତି। ତେଣୁ ସମସ୍ତଙ୍କୁ ସେ ସମର୍ଥନ ମାଗିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ, ବିବାହ ପରେ ଶାଶୂଘର ଲୋକଙ୍କ ବ୍ୟବହାର ବଦଳିଯାଇଥିଲା। ପରେ ସେ ବିକ୍ରମ ଦିଲ୍ଲୀର ଜଣେ ମହିଳାଙ୍କୁ ପ୍ରେମ କରୁଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ସେ ଶ୍ୱଶୁରଙ୍କୁ କହିଥିଲେ। କିନ୍ତୁ କଥାକୁ ଶ୍ୱଶୁର ହାଲୁକା ଭାବେ ନେଇଥିଲେ। କୋଭିଡ୍ ବେଳେ ତାଙ୍କୁ ବିକ୍ରମ ଜବରଦସ୍ତି ପାକିସ୍ତାନ ପଠାଇ ଦେଇଥିଲେ। ତେବେ ସେ କରାଚୀରେ ରହିବା ବେଳେ ବିକ୍ରମ ଦିଲ୍ଲୀରେ ଆଉ ଥରେ ବିବାହ କରିବାକୁ ଯାଉଥିବା ଶୁଣିଥିଲେ। ଯାହା ତାଙ୍କୁ କଷ୍ଟ ଦେଇଛି। ଜାନୁଆରୀରେ ସେ ଏନେଇ ସ୍ଥାନୀୟ କୋର୍ଟରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ କିଛି ଲାଭ ହୋଇନଥିଲା। ମଧ୍ୟପ୍ରଦେଶ କୋର୍ଟରେ ମଧ୍ୟ ଏନେଇ ଏକ ମାମଲା ହୋଇଛି। ଯାହା ଏବେ ବିଚାରାଧୀନ ରହିଥିବା ସେ କହିଛନ୍ତି।

### ସେନାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ବଡ଼ ଭେଟି

# ଲଦାଖରେ ଉଦଘାଟିତ ହେଲା ‘ଶ୍ୟୋକ୍ ଟନେଲ୍’




ନୂଆଦିଲ୍ଲୀ, ୭।୧୨: ଦେଶର ସୀମା ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଲଦାଖ ଗସ୍ତ ସମୟରେ ସେ ଭାରତୀୟ ସେନାକୁ ଏକ ବଡ଼ ଭେଟି ପ୍ରଦାନ କରି ବହୁ ପ୍ରତୀକ୍ଷିତ ‘ଶ୍ୟୋକ୍ ଟନେଲ୍’ର ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ସୀମା ସଡ଼କ ସଂଗଠନ ଦ୍ୱାରା ନିର୍ମିତ ମୋଟ ୧୨୫ଟି ରଣନୈତିକ ଭିତ୍ତିଭୂମି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

ରାଜନାଥ ସିଂହ ଉଦଘାଟନ କରିଥିବା ଏହି ଶ୍ୟୋକ୍ ଟନେଲର ଲମ୍ବ ୯୮୨ ମିଟର। ଏହା ଦରବୁକ୍-ଶ୍ୟୋକ୍-ଦୌଲତ୍ ବେଗ୍ ଓଲ୍ଡି ରୋଡ୍‌ରେ ଅବସ୍ଥିତ। ଏହି ଟନେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ରଣନୈତିକ ଗୋପନୀୟତା। ଏହି ଟନେଲକୁ ଉପଗ୍ରହ ବା ସାଟେଲାଇଟ୍ ଦ୍ୱାରା ମଧ୍ୟ ଠାବ କରାଯାଇପାରିବ ନାହିଁ, ଯାହା ଶତ୍ରୁପକ୍ଷର ନଜରରୁ ସେନାର ଗତିବିଧିକୁ ଲୁଚାଇ ରଖିବାରେ ସହାୟକ ହେବ। କେବଳ ସୁରକ୍ଷା ବାହିନୀ ନୁହେଁ, ସାଧାରଣ ଲୋକଙ୍କ ଯାତାୟାତ ପାଇଁ ମଧ୍ୟ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।

ଏହି ଗସ୍ତ ସମୟରେ ପ୍ରତିରକ୍ଷା ମନ୍ତ୍ରୀ ମୋଟ ୧୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏଥିମଧ୍ୟରେ ୨୮ଟି ରାସ୍ତା ଏବଂ ଅନ୍ୟାନ୍ୟ ୯୩ଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ସଂଯୋଗକାରୀ ପଥ ସାମିଲ ରହିଛି। ଏହି ସମସ୍ତ ପ୍ରକଳ୍ପ ସୀମାନ୍ତ ଅଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ମଜଭୁତ କରିବ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏସବୁର ଉଦଘାଟନ କରିବାର ଥିଲା, କିନ୍ତୁ ଖରାପ ପାଗ ଯୋଗୁଁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ସ୍ଥଳ ପରିବର୍ତ୍ତନ କରାଯାଇଥିଲା। ଫଳରେ ଲେହର ରିଞ୍ଚେନ ଅଡିଟୋରିୟମରୁ ହିଁ ରାଜନାଥ ସିଂହ ଏହି ସମସ୍ତ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଭାରତର ସୀମା ସୁରକ୍ଷା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଉଛି।

# ବାର୍‌ରେ ଗୁଳିକାଣ୍ଡ ୧୧ ମୃତ

ନୂଆଦିଲ୍ଲୀ ୭।୧୨: ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଗୁଳିକାଣ୍ଡ। ଶନିବାର ସକାଳୁ ପ୍ରିଟୋରିଆ ନିକଟବର୍ତ୍ତୀ ସୋଲସଭିଲ୍ ଟାଉନସିପରେ ଥିବା ଏକ ବାରରେ ଗୁଳିକାଣ୍ଡ ଘଟିଛି। ଏଥିରେ ତିନି ଜଣ ପିଲାଙ୍କ ସମେତ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଏହା ଛଡା ଅନ୍ୟ ୧୪ ଜଣ ମଧ୍ୟଆହତ ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ୩ ବର୍ଷର ଝିଅ, ଜଣେ ୧୨ ବର୍ଷର ପୁଅ ଏବଂ ଜଣେ ୧୬ ବର୍ଷର ଝିଅ ରହିଛନ୍ତି। ପୋଲିସ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରିପାରିନି। ସମ୍ପୃକ୍ତ ଥିବା ତିନି ସନ୍ଦିଗ୍ଧଙ୍କ ତଲାସି ଆରମ୍ଭ କରିଛି। ପୋଲିସର କହିବା ଅନୁସାରେ, ସମସ୍ତ ମୃତ ଏବଂ ଆହତ ବ୍ୟକ୍ତି ବାର୍ ଭିତରେ ଥିଲେ। ୨୫ ଜଣଙ୍କ ଉପରକୁ ଆକ୍ରମଣକାରୀ ଗୁଳିମାଡ଼ କରିଥିଲା। ଗୁଳିକାଣ୍ଡର ଉଦ୍ଦେଶ୍ୟ ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ଜଣାପଡିଛି, ତିନି ଜଣ ବନ୍ଧୁକଧାରୀ ଏହି ଆକ୍ରମଣ କରିଥିଲେ। ଆକ୍ରମଣକାରୀମାନେ ହଠାତ୍ ବାର୍ ଭିତରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବା ଆରମ୍ଭ କରିଦେଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକାରେ ବିଶ୍ୱର ସର୍ବାଧିକ ହତ୍ୟା ମାମଲା ରହିଛି।

### ବିଦ୍ୟୁତ୍ ବିଭାଗର ନିରପେକ୍ଷତା ନେଇ ପ୍ରଶ୍ନ

# ୩ ବର୍ଷ ହେଲା ବିଜୁଳି ବିଲ୍ ଦେଇନାହାନ୍ତି ତେଜପ୍ରତାପ

ପାଟନା, ୭।୧୨: ଲାଲୁପ୍ରସାଦଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ୩ ବର୍ଷର ବିଜୁଳି ବିଲ୍ ଏବେ ବାକି ରଖିଛନ୍ତି, ଯାହାର ମୂଲ୍ୟ ହେଉଛି ୩.୬ ଲକ୍ଷ ଟଙ୍କା। ତେବେ ଚଳିତ ନିର୍ବାଚନରେ ତେଜପ୍ରତାପ ଯାଦବ ନିର୍ବାଚନ ହାରିଯାଇଛନ୍ତି, ଆଉ ତାଙ୍କ ଉପରେ ଏତେ ମାତ୍ରାରେ ବିଜୁଳି ବିଲ୍ ବାକି ରହିବା ବିହାର ରାଜନୀତିକୁ ସରଗରମ କରିଛି।

ମିଳିଥିବା ସୂଚନା ମୁତାବକ, ତେଜପ୍ରତାପ ଯାଦବ ପୂର୍ବରୁ ବିଧାୟକ ରହିଥିବାରୁ ତାଙ୍କୁ ସରକାରୀ ଘର ମିଳିଥିଲା। ହେଲେ ତା ସତ୍ତ୍ୱେ ତାଙ୍କ ବ୍ୟକ୍ତିଗତ ଘର ମଧ୍ୟ ରହିଛି। ଯେଉଁଠି କି ଏତେ ସଂଖ୍ୟକ ବିଜୁଳି ବିଲ୍ ବାକି ରହିଛି। ୨୦୨୨ ପରଠାରୁ ସେ ବିଜୁଳି ବିଲ୍ ଜମା କରିନଥିବା ସାମ୍ନାକୁ ଆସିଛି। ଶେଷଥର ପାଇଁ ୨୦୨୨ ମସିହା ଜୁଲାଇ ୨୦ ତାରିଖରେ ସେ ବିଜୁଳି ବିଲ୍ ପୈଠ କରିଥିଲେ। ଏହାପରେ ଗଲା ୩ ବର୍ଷ ହେଲା ସେ ବିଜୁଳି ବିଲ୍ ଦେଇନାହାଁନ୍ତି। ବିଦ୍ୟୁତ କମ୍ପାନୀର ତଥ୍ୟ ଅନୁଯାୟୀ, ତେଜପ୍ରତାପ ଯାଦବଙ୍କ ଉପରେ ବାକି ଥିବା ଟଙ୍କାର ପରିମାଣ ୩୨୪,୯୭୪ରୁ ଅଧିକ, ଯେଉଁଥିରେ କି ୨୩,୬୮୧ ଟଙ୍କାର ଜରିମାନା ମଧ୍ୟ ରହିଛି।



ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ତିନି ବର୍ଷ ଧରି ବିଲ୍ ଦେଇନଥିବା ସତ୍ତ୍ୱେ କାହିଁକି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ନଥିଲା, ସେନେଇ ପ୍ରଶ୍ନ ଉଠିଛି। କମ୍ପାନୀ ନିୟମ ଅନୁଯାୟୀ, ପୋଷ୍ଟପେଡ୍ ସଂଯୋଗର ବକେୟା ରାଶି ୨୫,୦୦୦ ରୁ ଅଧିକ ହେଲେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଏ। ଏହା ସତ୍ତ୍ୱେ, ତେଜ ପ୍ରତାପ ଯାଦବଙ୍କ ବିଦ୍ୟୁତ ସଂଯୋଗ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା, ଯାହା ବିଦ୍ୟୁତ୍ ବିଭାଗର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି।

### କଂଗ୍ରେସକୁ ବିଜେପିର କଡ଼ା ଜବାବ

# କଂଗ୍ରେସ ମହାନ ନେତାଙ୍କୁ କୋଣଠେସା କରିଛି

ନୂଆଦିଲ୍ଲୀ,୭।୧୨: ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରବିବାର ଏକ ଭିଡିଓ ବାର୍ତ୍ତା ଜାରି କରି କଂଗ୍ରେସ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, କଂଗ୍ରେସ ମିଥ୍ୟା ଅଭିଯୋଗ ଆଣି ବିଜେପିକୁ ବଦନାମ କରିବାକୁ ଚେଷ୍ଟା କରୁଛି। ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କହିଥିଲେ ଯେ, ବିଜେପି ପଣ୍ଡିତ ଜବାହରଲାଲ ନେହେରୁଙ୍କ ଐତିହ୍ୟକୁ ଲିଭାଇ ଦେବାକୁ ଚେଷ୍ଟା କରୁଛି। ସେ ବିଜେପି ଉପରେ ନେହେରୁଙ୍କୁ ବଦନାମ କରୁଥିବା ଏବଂ ଲୋକଙ୍କ ସ୍ମୃତିରୁ ତାଙ୍କ ନାମ ଲିଭାଇ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ। ତେବେ ନେହେରୁଙ୍କ ତଥାକଥିତ ଐତିହ୍ୟକୁ ସୁରକ୍ଷା ଦେବାର ପ୍ରୟାସରେ, କଂଗ୍ରେସ ନିଜେ ଦଳ ଭିତରେ ଏବଂ ବାହାରେ ଅନେକ ମହାନ ନେତାଙ୍କ ଅବଦାନକୁ ଅଣଦେଖା କରିଛି।

ସେ କହିଛନ୍ତି, ଉଦାହରଣ ସ୍ୱରୂପ, କଂଗ୍ରେସ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଐତିହ୍ୟକୁ କୋଣଠେସା କରି ରଖିଥିଲା। ଯଦି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ସମୟରେ କଂଗ୍ରେସ ଆଭ୍ୟନ୍ତରୀଣ ଗଣତନ୍ତ୍ର ପାଳନ କରିଥାନ୍ତା, ତେବେ ନେହେରୁଙ୍କ ଐତିହ୍ୟ ଏତେ ପ୍ରଭାବଶାଳୀ ହୋଇ ନଥାନ୍ତା। ସେହିପରି ସୁଭାଷ ଚନ୍ଦ୍ର ବୋଷଙ୍କୁ ମଧ୍ୟ ଅବହେଳା କରାଯାଇଥିଲା ଏବଂ ତାଙ୍କୁ ଅବମାନନା କରିବାର ପ୍ରୟାସ କରାଯାଇଥିଲା। ସମ୍ବିଧାନ ରଚୟିତା ଏବଂ ଡ୍ରାଫ୍ଟ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିବା ପଣ୍ଡିତ ନେହେରୁ ବାବାସାହେବ ଆମ୍ବେଦକରଙ୍କ ପ୍ରତି କିପରି ବ୍ୟବହାର କରିଥିଲେ ତାହା ଜନସାଧାରଣ ଜାଣନ୍ତି।



# ‘କଳାଧନରେ ନେତା ଅଯଥା ବିବାହ ଖର୍ଚ୍ଚ ବଢ଼ାଉଛନ୍ତି’

ଭୋପାଳ, ୭।୧୨: ବିଜେପିର ଫାୟାରବ୍ରାଣ୍ଡ ନେତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଉମା ଭାରତୀ ଦୁର୍ନୀତି ସମ୍ପର୍କରେ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ରାଜନେତାମାନେ ସେମାନଙ୍କର ଅନୈତିକ କଳାଧନରେ ବିବାହରେ ବହୁ ଖର୍ଚ୍ଚ କରନ୍ତି। ସେ କହିଛନ୍ତି, ବଡ଼ ବଡ଼ ଶିଳ୍ପପତିମାନେ ମଞ୍ଚ ସଜାଇବା ଏବଂ ନର୍ତ୍ତକୀମାନଙ୍କୁ ନିଯୁକ୍ତି ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି। ହଜାର ହଜାର ଗରିବ ଝିଅଙ୍କୁ ସେହି ଖର୍ଚ୍ଚ ଟଙ୍କାରେ ବିବାହ କରାଯାଇପାରିବ। ତେଣୁ ମୁଁ ଶିଳ୍ପପତିଙ୍କ ଘରେ ମହଙ୍ଗା ବିବାହରେ ଯୋଗଦେବା ବନ୍ଦ କରିଦେଇଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି, ମହଙ୍ଗା ବିବାହ, ଅଯଥା କାର୍ଯ୍ୟକ୍ରମ ଏବଂ ବେଆଇନ ସମ୍ପତ୍ତି ଖର୍ଚ୍ଚ କରାଯାଉଥିବାରୁ ମୁଁ ସେଭଳି ସ୍ଥାନକୁ ଯିବା ବନ୍ଦ କରିଦେଇଛି। ଏପରି ନିମନ୍ତ୍ରଣ ଗ୍ରହଣ ନକରିବାକୁ ମୁଁ ମୋ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦେଇଛି। ସେ ଦୁର୍ନୀତିଗ୍ରସ୍ତ ନେତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ନିଜକୁ ସୁଧାରନ୍ତୁ। ଯଦି ଆମେ ସୀମିତ ସମ୍ବଳ ସହିତ କାମ କରିବା ଆରମ୍ଭ ନକରିବା, ତେବେ ଦୁର୍ନୀତି ବିରୋଧରେ ଏକ ବିପ୍ଳବ ହେବ। ପୂର୍ବରୁ ସେମାନେ କହୁଥିଲେ, ବ୍ରିଟିଶ୍ ଭାରତ ଛାଡ଼। ଏବେ ଆମକୁ କହିବାକୁ ପଡିବ, ଦୁର୍ନୀତିଗ୍ରସ୍ତ ଭାରତରେ ରୁହ, କିନ୍ତୁ ନିଜ କାର୍ଯ୍ୟରେ ସୁଧାର ଆଣ।



#### ମଞ୍ଚ ସଜା ଏବଂ ନର୍ତ୍ତକୀଙ୍କ ପାଇଁ କୋଟି କୋଟି ଖର୍ଚ୍ଚ ହେଉଛି

ସମ୍ପ୍ରତି ଉମା ଭାରତୀ ତାଙ୍କ ଜନ୍ମସ୍ଥାନ ଟିକମଗଡ଼ ଗସ୍ତ କରିଥିଲେ। ସେଠାରେ ସେ “ମା କେ ନାମ ଯାତ୍ରା” ଆୟୋଜନ କରିଥିଲେ। ଏହା ପରେ, ସେ ଝାନ୍ସୀ ରୋଡରେ ଥିବା ତାଙ୍କ ଫାର୍ମହାଉସରେ ଏକ ଗଣମାଧ୍ୟମ ଆଲୋଚନା ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ। ସେ ଏହା ମଧ୍ୟ କହିଥିଲେ ଯେ, ଦୁର୍ନୀତି ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପଦରେ ରହିବାକୁ ପଡିବ। ସେ କହିଛନ୍ତି, ମୁଁ ରାଜନେତାମାନଙ୍କୁ ଲୋକ ଦେଖାଣିଆ ନ ହେବାକୁ ବାରମ୍ବାର ଅନୁରୋଧ କରିଛି। କାରଣ ସେମାନେ ଲୋକଙ୍କଠାରୁ ପୂର୍ବରୁ ସମ୍ମାନ ପାଇଛନ୍ତି। ଲୋକ ଦେଖାଣିଆ କାର୍ଯ୍ୟ ନ କଲେ ମଧ୍ୟ ସେମାନଙ୍କୁ ଲୋକେ ସମ୍ମାନ ଦେବେ।

ଉମା ଭାରତୀ କହିଛନ୍ତି, ଦେଶରେ କାହା ପାଖରେ ସବୁଠାରୁ ଅଧିକ ସୁବିଧା ଅଛି ସେ ବିଷୟରେ ପ୍ରତିଯୋଗିତା ହେବାରେ ଲାଗିଛି। ଏହା ଦ୍ୱାରା ପିଲାମାନେ ଏକ ହୀନମନ୍ୟତାର ଶିକାର ହେଉଛନ୍ତି। ଏହା ଦେଖି, ପିତାମାତାମାନେ ପ୍ରତିଯୋଗିତାରେ ଭାଗ ନେବା ଭଳି ହୋଇଯାଉଛନ୍ତି ଏବଂ ସୀମିତ ସମ୍ବଳ ଥିଲେ ମଧ୍ୟ ସେମାନଙ୍କ ପିଲାମାନଙ୍କର ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ଦୁର୍ନୀତିର ଆଶ୍ରୟ ନେଉଛନ୍ତି।

### ଜୋର ଧରିଲା ପଶ୍ଚିମବଙ୍ଗ ରାଜନୀତି

# ବାବ୍ରି ମସଜିଦ୍ ଭିତ୍ତିପ୍ରସ୍ତର ପରେ ବିଶାଳ ଗୀତାପାଠ



କୋଲକାତା, ୭।୧୨: ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଥିବା ବେଳେ ଜୋର୍ ଧରିଛି ରାଜନୈତିକ ଗତିବିଧି। ଟିଏମସିରୁ ନିଲମ୍ବିତ ବିଧାୟକ ହୁମାୟୁନ କବୀର ଗତକାଲି ମୁର୍ଶିଦାବାଦରେ ବାବ୍ରି ମସଜିଦ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଜି କୋଲକାତାର ଐତିହାସିକ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ବିରାଟ ସାମୁହିକ ଗୀତାପାଠ ଆୟୋଜନ କରାଯାଇଛି। ଏଥିରେ ବହୁ ସାଧୁସନ୍ଥଙ୍କ ସହିତ ପ୍ରାୟ ୫ ଲକ୍ଷ ଲୋକ ସାମିଲ ହୋଇଥିବା ଆୟୋଜକ ସନାତନ ସଂସ୍କୃତି ସଂସଦର କର୍ମକର୍ତ୍ତା କହିଛନ୍ତି।

ଏହି କାର୍ଯ୍ୟକ୍ରମର ନାଁ ରଖାଯାଇଛି ‘୫ ଲକ୍ଷ କଣ୍ଠେ ଗୀତାପାଠ’। ଏହା ପଶ୍ଚିମବଙ୍ଗର ଆୟୋଜିତ ସବୁଠାରୁ ବଡ଼ ସାମୂହିକ ଗୀତାପାଠ କାର୍ଯ୍ୟକ୍ରମ ବୋଲି କୁହାଯାଉଛି। ଏଥିରେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାବା ରାମଦେବଙ୍କ ସମେତ ପଶ୍ଚିମବଙ୍ଗ ରାଜ୍ୟପାଳ, ନେପାଳ ଓ ବାଂଲାଦେଶର ସାଧୁସନ୍ଥଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଆୟୋଜକ ନିମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମ ଦ୍ୱାରା ସାମ୍ପ୍ରତିକ ସଦଭାବନା ବାର୍ତ୍ତା ଯାଉଥିବା ଆୟୋଜକ କହିଛନ୍ତି।

### ନିର୍ବାଚନ ସଂସ୍କାର ଓ ଭୋଟ ଚୋରିକୁ ନେଇ ରାଜନୀତି

# ୯ରେ ଲୋକସଭାରେ ହେବ ୧୦ ଘଣ୍ଟା ଚର୍ଚ୍ଚା

ନୂଆଦିଲ୍ଲୀ ୭।୧୨: ସଂସଦର ଶୀତକାଳୀନ ଅଧିବେଶନରେ ଡିସେମ୍ବର ୯ ତାରିଖରେ ଲୋକସଭାରେ ନିର୍ବାଚନ ସଂସ୍କାର ଓ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ସମ୍ପର୍କିତ ଭୋଟ ଚୋରି ଆରୋପ ଉପରେ ଚର୍ଚ୍ଚା ହେବ। ଏଥି ପାଇଁ ୧୦ ଘଣ୍ଟା ସମୟ ଦିଆଯାଇଛି। ଏହି ଚର୍ଚ୍ଚା ଲାଗି କଂଗ୍ରେସର ୧୦ ଜଣ ବକ୍ତାଙ୍କ ତାଲିକା ସାମ୍ନାକୁ ଆସିଛି। ଏହି ବିତର୍କରେ ବିରୋଧୀ ଦଳ ନେତା ଭାବେ ରାହୁଲ ଗାନ୍ଧି ଅଂଶଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘବାଲ ଡିସେମ୍ବର ୧୦ ତାରିଖରେ ଏହାର ଜବାବ ଦେବେ।



ବିତର୍କରେ ଏସଆଇଆର ପ୍ରକ୍ରିୟାରେ ଭୋଟ ଚୋରି ଅଭିଯୋଗ, ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ଓ ବ୍ୟାପକ ନିର୍ବାଚନ ସଂସ୍କାର ଉପରେ ଖାସ ଫୋକସ ରହିବ। କଂଗ୍ରେସ ସମେତ କେତେକ ବିରୋଧୀ ଦଳ ଏହାକୁ ଜାତୀୟ ସଂକଟ ବୋଲି କହିଛନ୍ତି। ଚର୍ଚ୍ଚା ଲାଗି ମୋଟ ୧୦ ଘଣ୍ଟା ସମୟ ନିର୍ଦ୍ଧାରିତ ହୋଇଛି। ଏଥିରେ ଶାସକ ଓ ବିରୋଧୀଙ୍କୁ ସମାନ ସମାନ ସମୟ ମିଳିବ। ବିଜନେସ୍ ଆଡଭାଇଜରୀ କାଉନସିଲ (ବିଏସି) ବୈଠକରେ ଏହି ନିଷ୍ପତ୍ତି ହୋଇଛି। ନିର୍ବାଚନ ସୁଧାର ଓ ଭୋଟ ଚୋରିକୁ ନେଇ ଚର୍ଚ୍ଚା ଲାଗି କଂଗ୍ରେସ ସାଂସଦଙ୍କୁ ୮ରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ସଦନରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ଏସଆଇଆର ପ୍ରସଙ୍ଗରେ ସଂସଦରେ ଜୋରଦାର ହଙ୍ଗାମା ହୋଇଥିଲା। ଏହି ଚର୍ଚ୍ଚାରେ କଂଗ୍ରେସ ପକ୍ଷରୁ ଯେଉଁ ସମ୍ଭାବିତ ତାଲିକା ଜାରି କରାଯାଇଛି ସେଥିରେ କେ.ସି. ବେଣୁଗୋପାଲ, ମନିଷ ତିୱାରୀ, ବର୍ଷା ଗାୟକୱାଡ, ମହମ୍ମଦ ଜାଭେଦ, ଉଜ୍ୱଳ ରମଣ ସିଂହ, ଈସା ଖାନ, ରବି ମଲ୍ଲୁ, ଇମ୍ରାନ ମସୁଦ, ଗୋୱାଲ ପଦବୀ ଓ ଜ୍ୟୋତିମଣିଙ୍କ ନାମ ଦିଆଯାଇଛି।

SANCHAR ସଂଚାର

ଭାରତୀୟ ବାୟୁସେନାକୁ ମିଳିବ ବଳ

# ଜାଗୁଆର ଜେଟ୍ ଦେବ ଓମାନ

ନୂଆଦିଲ୍ଲୀ ୭।୧୨: ଓମାନ ତାର ୨୦ରୁ ଅଧିକ ଜାଗୁଆର ବିମାନଙ୍କୁ ଭାରତକୁ ଦେବାକୁ ନିଷ୍ପତ୍ତି କରିଛି। ଏହି ଯୁଦ୍ଧବିମାନ ଉଡାଣ କରିବାକୁ ନୁହେଁ ବରଂ ଏ ଗୁଡିକୁ ଭାଙ୍ଗି ଏଥିରୁ ସ୍ପେୟାରପାର୍ଟସ କଢାଯିବ। ଭାରତୀୟ ବାୟୁସେନା ପାଇଁ ଏହି ବିମାନ ଏଥି ପାଇଁ ଜରୁରି ଯେ, ଭାରତ ବିଶ୍ୱର ସେହି ବଛାବଛା ଦେଶଙ୍କ ମଧ୍ୟରେ ରହିଛି ଯେଉଁମାନେ ଏବେବି ଏହି ଆଂଗ୍ଲୋ-ଫ୍ରେଞ୍ଚ ଯୁଦ୍ଧବିମାନଙ୍କୁ ଉପଯୋଗ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜାଗୁଆର ଯୁଦ୍ଧବିମାନ ନିର୍ମାଣ କରୁଥିବା ବିଶ୍ୱର କମ୍ପାନୀମାନେ ବନ୍ଦ ହୋଇଗଲେଣି। ବ୍ରିଟେନ ଓ ଫ୍ରାନ୍ସ ନିଜ ବାୟୁସେନାରେ ରଖିଥିବା ଜାଗୁଆରକୁ କେବେଠୁ ରିଟାୟାର୍ଡ କରିସାରିଲେଣି। ଓମାନ ଏବେ ସେମାନଙ୍କୁ ବାୟୁସେନାରୁ ରିଟାୟାର କରିଛି। ଏଥିରେ ଭାରତୀୟ ବାୟୁସେନା ନିକଟରେ ଏହି ବିମାନର ସ୍ପେୟାର ପାର୍ଟସର ଅଭାବ ଥିଲା। ଆଇଏଫର ୬ଟି ଜାଗୁଆର ସ୍କ୍ୱାଡ୍ରନ ରହିଛି। ପ୍ରତି ସ୍କ୍ୱାଡ୍ରନରେ ୧୮ରୁ ୨୦ଟି ବିମାନ ଅଛନ୍ତି। ଏଣୁ ଏହି ବିମାନ ପାଇଁ ଆବଶ୍ୟକ ସ୍ପେୟାର ପାର୍ଟସ୍ ଓମାନରୁ ମିଳିବାକୁ ଥିବା ଜାଗୁଆରରୁ ବାହାର କରାଯିବ। ଭାରତକୁ ୧୯୭୯ ମସିହାରେ ଜାଗୁଆର ଯୁଦ୍ଧବିମାନ ଆସିଥିଲା। ଦୀର୍ଘ ବର୍ଷରୁ ଏହି ବିମାନଗୁଡିକ କାମ କରିଆସୁଛନ୍ତି। ତେବେ ସମୟ ସହିତ ଏହି ବିମାନ ଲାଗି ସ୍ପେୟାର ପାର୍ଟସ ଯୋଗାଡ କରିବା କଷ୍ଟକର ହେଉଛି। ଏଥିରେ ଓମାନରୁ ପୁରୁଣା ବିମାନ ମିଳିବା ଆଇଏଏଫ ଲାଗି ବେଶ୍ ସହାୟକ ସାବ୍ୟସ୍ତ ହେବ। ଜାଗୁଆରକୁ ଭାରତ ସର୍ବଦା ନିର୍ଭରଯୋଗ୍ୟ ବିମାନ ମାନି ଆସିଛି।



କୋଲକାତା: ସନାତନ ସଂସ୍କୃତି ସଂସଦ ଦ୍ୱାରା ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଆୟୋଜିତ ଗୀତାପାଠ କାର୍ଯ୍ୟକ୍ରମରେ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଯୋଗ ଦେଇଛନ୍ତି।

## ଦୁର୍ଘଟଣାରେ ଦୁଇ ମୃତ

ବାଲୁଗାଁ,୭।୧୨(ସଂଚାର ବ୍ୟୁରୋ) : ଟ୍ରାକ୍ଟର- ବାଇକ ମୁହାଁମୁହିଁ ଧକ୍କା। ଦୁଇ ମୃତ, ଜଣେ ଆହତ। ବାଇକରେ ତିନିଜଣ କ୍ରିକେଟ ଖେଳିବାକୁ ପ୍ରତାପ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ତିନିଜଣ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଘଟିଛି ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ନିକଟସ୍ଥ ବନବାସପୁର ଗ୍ରାମ ନିକଟରେ। ଖବର ପାଇ ଦୁର୍ଘଟଣା ସ୍ଥଳରେ ବାଣପୁର ପୁଲିସ ପହଞ୍ଚି ତିନି ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରି ବାଣପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ପରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି।

## ୧୦ରେ ବିଶାଳ ଶିକ୍ଷକ ସମାବେଶ

ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଡିସେମ୍ବର ୧୦ ତାରିଖରେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ବିଶାଳ ଶିକ୍ଷକ ସମାବେଶ ସଂଗଠିତ କରିବାକୁ ଯାଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍‌ମିଟ୍ ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ପୂରଣ ନିମନ୍ତେ ସରକାର ପ୍ରତିଶ୍ରୁତି ଦେଇ ସମସ୍ୟାର ସମାଧାନ ନକରିବା ପ୍ରତିବାଦରେ ଏ ମହାସମାବେଶ ଅନୁଷ୍ଠିତ ହେଉଛି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ପାଳସାହି ସରପଞ୍ଚ ବିଜେପିରେ ମିଶିଲେ

ଭଦ୍ରକ, ୭।୧୨ (ସଂଚାର ବ୍ୟୁରୋ): ଧାମନଗର ବ୍ଲକର ଧୁଶୁରିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପରେ ଧାମନଗର ବ୍ଲକ ପାଳସାହିର ବିଜେପି ତରଫରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ମୋହନ ସରକାରଙ୍କ ବିକାଶ ଧାରା, ରାଜ୍ୟ ନେତୃତ୍ୱ ଏବଂ ସର୍ବୋପରି ଧାମନଗର ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ତଥା ଉଚ୍ଚ ଶିକ୍ଷା, ଯୁବ ବ୍ୟାପାର, ସଂସ୍କୃତି ଏବଂ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳସାହି ପଞ୍ଚାୟତର ସରପଞ୍ଚ ଅଜୟ ମଳିକ, ପୂର୍ବତନ ସରପଞ୍ଚ ତଥା ବିଜେଡ଼ି ଦଳର ଯୁବ ନେତୃତ୍ୱ ସୁଶାନ୍ତ ନାୟକ, ନାଏବ ସରପଞ୍ଚଙ୍କ ସମେତ ପଞ୍ଚାୟତର ଶତାଧିକ କର୍ମୀ ବିଜେଡ଼ି ଏବଂ କଂଗ୍ରେସ ଦଳ ପରିତ୍ୟାଗ କରି ମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ନାରାୟଣ ଚନ୍ଦ୍ର ସାହୁ, କୈଳାସ ମହାପାତ୍ର, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ବାଲି ବୋଝେଇ ହାଇୱା ଜବତ

କେନ୍ଦୁଝର, ୭।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡା ଫାଣ୍ଡି ପୁଲିସ୍ ଆଜି ସକାଳେ ସାହାରପଡା ପେଟ୍ରୋଲ ପମ୍ପ ନିକଟରୁ ଦୁଇଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରିଛି। ଦୁଇଟି ହାଇୱା ଗାଡ଼ି ଠାକୁରମୁଣ୍ଡାରୁ ସାହାରପଡାକୁ ବାଲି ନେଇ ଆସୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ବାଲି ବୋଝେଇ ହାଇୱା ୨ ଗାଡ଼ିକୁ ଅଟକ ରଖି ଖଣି ବିଭାଗକୁ ସୂଚନା ଦିଆଯାଇଥିବା କହିଛନ୍ତି। ଯାଞ୍ଚ ବେଳେ ଗାଡି କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ୨ ଗାଡିକୁ ଅଟକ ରଖିଛି। ହାଇୱାର ୨ ଚାଳକ ଠାକୁରମୁଣ୍ଡାର ଗୋପ ପରେଇ ଓ ମହୁଲଡିହାର ପଦ୍ମଲୋଚନ ମହାନ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ଦୁଇଟି ବାଲି ବୋଝେଇ ହାଇୱା ଗାଡିକୁ ଜବତ କରି ପାଟଣା ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି।

● ଲୋହାରଦଗାରୁ ମିଳିଲା ଗୋଳାବାରୁଦର ଭଣ୍ଡାର

## ଦୁଇ ଜେଜେଏମ୍‌ପି ସମର୍ଥକ ଗିରଫ

ବିଶ୍ରା,୭।୧୨(ସଂଚାର ବ୍ୟୁରୋ): ନକ୍ସଲ ଓ ଉଗ୍ରବାଦୀ ବିରୋଧୀ ଅଭିଯାନରେ ଝାଡ଼ଖଣ୍ଡ ଲୋହାରଦଗା ପୁଲିସ ବଡ଼ ସଫଳତା ହାସଲ କରିଛି। ପୁଲିସ ଉଗ୍ରବାଦୀ ସଂଗଠନ ଜେଜେଏମ୍‌ପିର ଦୁଇଜଣ ସମର୍ଥକଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ପାଖରୁ ଦୁଇଟି ପିସ୍ତଲ, ୮୨ଟି ୫.୫୬ ଏମ୍‌ଏମ୍ ଇନ୍‌ସାସ୍ କାର୍ତ୍ତୁଜ ଓ ୩ଟି ୮ ଏମ୍‌ଏମ୍ କାର୍ତ୍ତୁଜ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେନହା ଥାନା ଅଞ୍ଚଳର ନସୀମ ଅନସାରୀ ଓ ଶ୍ୟାମଲାଲ ଯାଦବ। ଲୋହାରଦଗା ଏସପି ସାଦିକ ଅନ୍ୱର ରିଜଭୀ କହିଛନ୍ତି ଯେ, ଏହି ମାମଲାରେ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚଲାଣ କରାଯାଇଛି।

ଅତ୍ୟାଧୁନିକ ଟେକ୍ନୋଲୋଜିରୁ ମିଳିଲା ସଫଳତା

## ୧୧ଟି ସ୍ଥାନରେ ଚଢ଼ାଉ କରିଥିଲା ପୁଲିସ



ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ): ଝାରସୁଗୁଡା ଡକାୟତି ଘଟଣାରେ ପୁଲିସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ବିଭିନ୍ନ ରାଜ୍ୟରେ ଚଢ଼ାଉ କରି ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଆଜି ଝାରସୁଗୁଡା ଏସପି ଜି.ଆର ରାଘବେନ୍ଦ୍ର ଏନେଇ ସୂଚନା ଦେଇ କହିଛନ୍ତି ଯେ, ସାଇବର ଅପରାଧ ବିଶେଷଜ୍ଞ, ଡକାୟତଙ୍କୁ ଟ୍ରାକ କରିବାକୁ ବିଭିନ୍ନ ରାଜ୍ୟରେ ରେଡ କରିଥିଲା ପୁଲିସ। ଏହି ଅପରେସନରେ ଏକାଧିକ ଅଫିସର ଓ ବିଶେଷଜ୍ଞଙ୍କ ସହାୟତା ନିଆଯାଇଥିବା ଏସପି କହିଛନ୍ତି।ଏହି ଅବସରରେ ଏଆଇ ପରିଚାଳିତ ସିସିଟିଭି କ୍ୟାମେରା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହାଦ୍ୱାରା ପୁଲିସ ଅପରାଧୀଙ୍କ ଚେହେରା ଚିହ୍ନଟ କରିବା ସହ ନମ୍ବର ପ୍ଲେଟରୁ ଅଟୋମାଟିକ ଅପରାଧୀଙ୍କୁ ଟ୍ରାକ କରିବା ବ୍ୟବସ୍ଥାର ମଧ୍ୟ ବିନିଯୋଗ କରିଯାଇଥିଲା। ଯାହାଦ୍ୱାରା ପୁଲିସ ଡକାୟତି ଆଗମନ ଓ ଫେରାର ସହ ସେମାନେ ବ୍ୟବହାର କରିଥିବା ଗାଡିକୁ ଟ୍ରାକ କରିପାରିଥିଲା। ଏହି ଟ୍ରାକିଂରୁ ଜଣାପଡିଥିଲା ଯେ, ଡକାୟତମାନେ ଫେରାର ହୋଇଥିବା ଗାଡିରେ ଯେଉଁ ନମ୍ବର ପ୍ଲେଟ ବ୍ୟବହାର କରିଥିଲେ ତା ଜାଲ ଥିଲା। ଏଥିସହିତ ପୁଲିସ ସେମାନଙ୍କ ସିଡିଆର, ଆଏମଇଆଇ ଓ ସୋସିଆଲ ମିଡିଆ ଆନାଲିଟିକ୍ସର ବ୍ୟବହାର କରି ସେମାନେ ବ୍ୟବହାର କରୁଥିବା ପ୍ରି-ପେଡ ସିମ କେଉଁ ଭେଣ୍ଡର ନିକଟରୁ କିଣିଥିଲେ ତାଙ୍କ ପାଖରେ ପହଞ୍ଚିଥିଲା। ଏଥିରୁ ପୁଲିସ ସେମାନଙ୍କ ପୂର୍ବ ଅପରାଧ ରେକର୍ଡକୁ ମଧ୍ୟ ଯାଞ୍ଚ କରିଥିଲା। ବିଭିନ୍ନ ପ୍ରକାର ସୁରାକକୁ ଆଧାର କରି ଏକାଧିକ ପୁଲିସ ଟିମ କେନ୍ଦ୍ରାପଡା, ଅନୁଗୁଳ, ସମ୍ବଲପୁର, ଜଗତସିଂହପୁର, କଟକ, ଭୁବନେଶ୍ୱର, ଜାମଶେଦପୁର, ଗୋଆ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ବିହାରରେ ଚଢାଉ କରି ଡକାୟତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

## ପୋଖରୀରେ ବୁଡ଼ିଗଲେ ଦୁଇ ନାବାଳିକା ସାଙ୍ଗ

ଦିଗପହଣ୍ଡି, ୭।୧୨ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗାଁରେ ରବିବାର ପୂର୍ବାହ୍ନରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ଗାଁ କରଣ ସାହିର ଦୁଇ ସାଙ୍ଗ ଶ୍ରୀ ନୀଳକଣ୍ଠେଶର ମନ୍ଦିର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀ ୱାଲ ଖସଡ଼ାରେ ଖସି ଯାଇ ଆର୍.ସାଲୋନି ପାତ୍ର(୮) ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାଙ୍ଗ ଏନ. ରାଜେଶ୍ୱରୀ ପାତ୍ର ପାଣିରେ ବୁଡି ଯାଇଥିଲେ। ପୋଖରୀରେ ଗାଧୋଉଥିବା କିଛି ବ୍ୟକ୍ତି ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିବା ବେଳେ ସାଲୋନିଙ୍କ ସନ୍ଧାନ ମିଳି ନ ଥିଲା। ଖବରପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସାଲୋନି ଏବଂ ରାଜେଶ୍ୱରୀଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାଲୋନିଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ୍ୱରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

■ ତୁଟୁନି ମଣ୍ଡି ସମସ୍ୟା

## ପଡ଼ିରହିଛି ୩୦ ହଜାର ଧାନ ବସ୍ତା

ବରଗଡ଼, ୭।୧୨(ସଂଚାର ବ୍ୟୁରୋ): କେଉଁଠି ଟ୍ୟାଗ୍ ନାହିଁତ କେଉଁଠି ଟୋକନ୍ ସମସ୍ୟା, ଯାହାକୁ ନେଇ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ବରଗଡ଼ କଳାପାଣି ମଣ୍ଡିରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଚାଷୀ। ତେବେ ଜିଲ୍ଲାର କଳାପାଣି ମଣ୍ଡିରେ ଏବେ ମଧ୍ୟ ୩୦ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା ପଡ଼ିରହିଛି। ଫଳରେ ଧାନ ବିକିବା ପାଇଁ ଦିନ ଦିନ ଧରି ଚାଷୀ ମଣ୍ଡିରେ ଜଗି ବସିଛି। ତେବେ ଚଳିତ ବର୍ଷ ଖରିଫ ଋତୁ ପାଇଁ ୨୩୦ ଗୋଟି ପ୍ୟାଡି ପ୍ରୋକ୍ୟୋରମେଣ୍ଟ ରହିଥିବା ବେଳେ ୧ ଲକ୍ଷ ୬୩ ହଜାର ୭୨୭ ଜଣ ଚାଷୀ ପଞ୍ଜିକରଣ ହୋଇଛନ୍ତି । ଜିଲ୍ଲାର ୧୧୯ ଜଣ ମିଲର୍ସ ଚଳିତ ବର୍ଷ ଧାନ କିଣାବିକା ସାମିଲ ଅଛନ୍ତି । କିନ୍ତୁ ଠିକ୍ ଭାବରେ ମଣ୍ଡିକୁ ଟେକ୍ ନ ମିଳିବାରୁ ବାଧ୍ୟ ହୋଇ କିଣା ବିକାରେ ଅଚଳା ଅବସ୍ଥା ଲାଗିରହିଛି । ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏମିତି ସମାନ ଅବସ୍ଥା ଦେଖିବାକୁ ମିଳିଛି ।

# ବାରବାଟୀରେ ଏକାକୀ ଅଭ୍ୟାସ କଲେ ପାଣ୍ଡ୍ୟା



ଏକାକୀ ପ୍ରାକ୍ଟିସ୍ ପାଇଁ ବାରବାଟୀ ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ। ହାର୍ଦ୍ଦିକ

କଟକ,୭।୧୨(ସଂଚାର ବ୍ୟୁରୋ): ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ ପାଇଁ କ୍ରିକେଟ୍ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। ଉଭୟ ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ସାରିଥିବା ବେଳେ ଭାରତୀୟ ଦଳର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରବିବାର ସନ୍ଧ୍ୟାରେ ବିନା ଦର୍ଶକରେ ନେଟ୍ ବୋଲରଙ୍କ ସହ ଅଭ୍ୟାସ କରିଥିଲେ। ଅଭ୍ୟାସ ପରେ ସେ ଫଟୋ ଅପଲୋଡ୍ କରି ଏହି ସୂଚନା ଦେଇଛନ୍ତି। ଶନିବାର ରାତିରେ ହାର୍ଦ୍ଦିକ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲକୁ ନିଆଯାଇଥିଲା। ସେ ଏହି ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବେ। ରବିବାର ଅପରାହ୍ନରେ ଭାରତୀୟ ଏବଂ ଦକ୍ଷିଣ ଆଫ୍ରିକା ଦଳର ଅନ୍ୟ ଖେଳାଳିମାନେ ମଧ୍ୟ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଉଭୟ ଦଳକୁ ହୋଟେଲ୍‌ରେ ଭବ୍ୟ ସ୍ୱାଗତ କରାଯାଇଛି। ସୋମବାର ଦିନ ସାଢ଼େ ୧୧ଟାରେ ଭାରତୀୟ ଦଳର ନେଟ୍ ପ୍ରାକ୍ଟିସ୍ ବାରବାଟୀରେ ଅନୁଷ୍ଠିତ ହେବ। ଦକ୍ଷିଣ ଆଫ୍ରିକା ଟିମ୍ ସୋମବାର ସନ୍ଧ୍ୟାରେ ଫ୍ଲଡ୍ ଲାଇଟ୍ ତଳେ ଅଭ୍ୟାସ କରିବ। ଖେଳାଳିଙ୍କ ଅଭ୍ୟାସ ଦେଖିବା ପାଇଁ ଦୁଇଟି ଗ୍ୟାଲେରୀ ଖୋଲା ରଖାଯିବାର ବ୍ୟବସ୍ଥା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶର...

ଉନ୍ନତିକରଣରେ କିଛି ବି ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ କାରଣ ଏହି ଉନ୍ନତିକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ୩୧୩ କୋଟି ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ, ଆଉ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ମନ୍ଦିରର ଦେହୁରୀମାନଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ୍ୟ ନିର୍ମାଣ ହେବ। ପୂର୍ତ୍ତ ବିଭାଗ ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଓ ଜିଲ୍ଲାପାଳଙ୍କୁ ଡିପିଆର ମଧ୍ୟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ ଟାୱାର, ମାର୍କେଟ୍ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଓ ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ କୋଠରୀ, ଜୋତା ଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୋନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୀଠ ପାଇଁ ପୂର୍ବ ସରକାର ମଞ୍ଜୁର କରିଥିବା ୫୦ କୋଟି ଟଙ୍କା ସମୁଦ୍ରକୁ ଶଙ୍ଖେ ବୋଲି କହିବା ସହ କେନ୍ଦୁଝର ପ୍ରାକୃତିକ ସମ୍ପଦର ଗନ୍ତାଘର ଓ ଓଡ଼ିଶାର ହୃଦୟ ହୋଇଥିବା ବେଳେ ଏଠାରେ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି। ଖୁବ୍ ଶୀଘ୍ର ଏହି ପ୍ରକଳ୍ପର ଶିଳାନ୍ୟାସ ହେବ। ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ। ସବୁ ଶିଳ୍ପ ଓ ଖଣି ଅଞ୍ଚଳକୁ ୬ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ଥାକିଆ ବିଶିଷ୍ଟ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି। ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ଦିଗରେ ପଦକ୍ଷେପ ନିଆଯାଉଛି। କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି। ତେଣୁ ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ଓଡ଼ିଶା ପାଇଁ ହେବ ଏକ ବାସ୍ତବତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ପାଇଁ ବିକାଶର ଚିତ୍ର ଆଙ୍କି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଚଣ୍ଡିଖୋଲରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। କେନ୍ଦୁଝରର ବଡ଼ବିଲରେ ୨୩୦୦ କୋଟି ଟଙ୍କା ବ୍ୟୟରେ ଏକ ଚାରି ଲେନବିଶିଷ୍ଟ ରିଙ୍ଗ ରୋଡ ହେବ। ସେହିପରି କେନ୍ଦୁଝରରେ ମଧ୍ୟ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଆହୁରି ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଡାଟା ସେଣ୍ଟର, ବଳଭଦ୍ରପୁରରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଣ୍ଟର୍, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟି ଟଙ୍କାରେ ସାନଘାଗରାଠାରେ ଆର୍‌ପିଆର୍‌ସି ଆଦି ଅନେକ ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହ ଡିଏମ୍‌ଏଫ୍ ଓ ଓଏମ୍‌ବିଏଡିସି ଏବଂ ଅନ୍ୟାନ୍ୟ ପାଣ୍ଠିକୁ ମିଶାଇ ୩୫ ହଜାର କୋଟି ଟଙ୍କା ରହିଛି। ଏହି ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ।ଆଜି ଘଟଗାଁଠାରେ ପହଞ୍ଚିବା ପରେ ଆର୍‌ସି ପ୍ରାଥମିକ ବିଦ୍ୟାଳୟଠାରୁ ମା' ତାରିଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ରୋଡ ସୋ ଜରିଆରେ ଘଟଗାଁବାସୀ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଘଟଗାଁଠାରେ ମା ତାରିଣୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ମୁଖ୍ୟମନ୍ତ୍ରୀ ସେହିଠାରେ ହିଁ ଘଟଗାଁ ମା' ତାରିଣୀ ପୀଠର ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଯାଜପୁର ସାଂସଦ ରବି ନାରାୟଣ ବେହେରା, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରେମୁଣା ବିଧାୟକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ।

### ପୁଣି ୬୫୦...

ଯାତ୍ରୀମାନଙ୍କର ବିମାନ ବାତିଲ ହେଉଛି, ସେମାନେ ବିମାନ ବନ୍ଦର ନଆସନ୍ତୁ। ଶନିବାର ଦିନ ୮୦୦ ରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଥିଲା। ଶୁକ୍ରବାର କମ୍ପାନୀ ୧୦୦୦ ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଥିଲା। ଦେଶର ସର୍ବବୃହତ୍ତ ବିମାନ କମ୍ପାନୀ ଇଣ୍ଡିଗୋ ସବୁଠାରୁ ବଡ଼ ପରିଚାଳନାଗତ ସଙ୍କଟ ଯୋଗୁଁ ହଜାର ହଜାର ଉଡ଼ାଣ ବାତିଲ କରିଛି। ନୂତନ ନିୟମ ଅନୁଯାୟୀ ପାଇଲଟ୍ ଡ୍ୟୁଟି ଆୱାରରେ ପରିବର୍ତ୍ତନ ଏବଂ ଇଣ୍ଡିଗୋର 'ଲିନ୍-ଷ୍ଟାଫିଂ' ମଡେଲ ମିଳିତ ଭାବରେ ଏହି ଭୟଙ୍କର ସଙ୍କଟ ସୃଷ୍ଟି କରିଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଫ୍ଲାଏ ଡ୍ୟୁଟି ସମୟ ସୀମା ନିୟମକୁ ସଂଶୋଧନ କରିଛି।ନୂତନ ନିୟମ ଅନୁଯାୟୀ, ପାଇଲଟଙ୍କୁ ସାପ୍ତାହିକ ବିରତି ୩୬ ଘଣ୍ଟାରୁ ୪୮ ଘଣ୍ଟାକୁ ବୃଦ୍ଧି କରାଯାଇଥିଲା। ରାତିର ଉଡ଼ାଣ ସଂଖ୍ୟା ଦୁଇଟିକୁ ସୀମିତ କରାଯାଇଥିଲା। ନୂତନ ନିୟମ ପ୍ରତ୍ୟେକ ପାଇଲଟଙ୍କ ଦ୍ୱାରା ପରିଚାଳିତ ଉଡ଼ାଣ ସଂଖ୍ୟାକୁ ଯଥେଷ୍ଟ ହ୍ରାସ କରିଥିଲା। ଇଣ୍ଡିଗୋକୁ ଏହାର ଏୟାରବସ୍ ଏ୩୨୦ ଫ୍ଲିଟ୍ ପାଇଁ ୨୪୨୨ କ୍ୟାପଟେନ୍ ଆବଶ୍ୟକ ଥିଲା। କିନ୍ତୁ କେବଳ ୨୩୫୭ କ୍ୟାପଟେନ୍ ଥିଲେ ଏବଂ ଫାଷ୍ଟ ଅଫିସରଙ୍କ ସଂଖ୍ୟା ମଧ୍ୟ କମ ଥିଲା। ଫଳରେ ଇଣ୍ଡିଗୋ ପ୍ରତିଦିନ ଶହ ଶହ ଉଡ଼ାଣ ବାତିଲ କରିବାକୁ ବାଧ୍ୟ ହୋଇଥିଲା।

### ପ୍ରତିଷ୍ଠା ଦିବସ...

ଗୋଷ୍ଠୀ କିନ୍ତୁ ଏଥିରେ ରାଜି ନଥିବା ଜଣାଯାଇଛି। ସେମାନଙ୍କର ଯୁକ୍ତି ହେଉଛି କାମଚଳା ଢଙ୍ଗରେ ପ୍ରତିଷ୍ଠା ଦିବସ ପାଳନ ହେଉ। ଦଳ ଏବେ କ୍ଷମତାରେ ନାହିଁ। ତେଣୁ ଅଯଥାରେ ଦଳକୁ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ। ପଇସା କଥାଟାକୁ କାଳେ କିଏ ଟାଳିଦେବ ସେଥିପାଇଁ ଏହି ଗୋଷ୍ଠୀ ଖ୍ରୀଷ୍ଟମାସ ଓ ପୁଲିସ୍ ଅନୁମତିର ଆଳ ବି ବାଢୁଛନ୍ତି। ଖ୍ରୀଷ୍ଟମାସ ସମୟରେ ଧୂମଧାମରେ ଶଙ୍ଖଭବନରେ ଉତ୍ସବ ପାଳନ ହେଲେ ରାସ୍ତାଘାଟରେ ଟ୍ରାଫିକ ସ୍ଥିତି ଉପୁଜିବ ବୋଲି ସେମାନେ ମତ ଦେଇ କୌଣସି ପ୍ରକାରେ ନିଜ ଜିଦ୍ ପୂରଣ କରିବାକୁ ଲାଗି ପଡ଼ିଛନ୍ତି। ଏହାକୁ ନେଇ ଦଳ ଭିତରେ ଏବେ ଚାଲିଛି ତୁତୁ ମେଁମେଁ ସ୍ଥିତି। କେହି କାହାରିକୁ ଛାଡ଼ିବା ସ୍ଥିତିରେ ନାହାନ୍ତି। ନୂଆପଡ଼ା ଉପନିର୍ବାଚନରେ ପରାଜୟ ପରେ ବିଜେଡି ଭିତରେ କ୍ଷମତା ହସ୍ତାନ୍ତର ଓ ପରାଜୟ ତର୍ଜମାକୁ ନେଇ ଉଠିଥିବା ଅସନ୍ତୋଷ ଥମିନଥିବା ବେଳେ ଏବେ ପ୍ରତିଷ୍ଠା ଦିବସକୁ ନେଇ ଦଳର ଛାମୁଆମାନେ ଦୁଇ ଭାଗ ହୋଇଯିବା ନେତୃବୃନ୍ଦଙ୍କୁ ଚିନ୍ତାରେ ପକାଇଛି। କୌଣସି ପ୍ରକାରେ ସେମାନେ ଦୁଇ ଗୋଷ୍ଠୀ ମଧ୍ୟରେ ମିଳାମିଶା କରି ଗୋଟିଏ ମଝି ମଝିଆ ବାଟ କାଢ଼ିବାକୁ ଲାଗି ପଡ଼ିଥିବାବେଳେ ଦଳ ଭିତରେ ଚାଲିଥିବା ଏଭଳି ନାଟକକୁ ନେଇ କର୍ମୀମାନେ କିନ୍ତୁ ଆଶା ଓ ଆଶଙ୍କା ଭିତରେ ରହିଛନ୍ତି।

### ନାଇଟ୍ କ୍ଲବ୍‌ରେ...

ବିଭାଗରୁ ଅଗ୍ନିକାଣ୍ଡ ଆରମ୍ଭ ହୋଇଥାଇପାରେ, କିନ୍ତୁ ପୁଲିସ କହିଛି ଯେ ତଦନ୍ତ ରିପୋର୍ଟ ପରେ ହିଁ କାରଣ ନିଶ୍ଚିତ ହେବ। ଦୁର୍ଘଟଣାର ଖବର ପାଇ ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ଏକ ଗମ୍ଭୀର ଦୁଃଖଦ ଘଟଣା ବୋଲି ସେ କହିଛନ୍ତି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ସୁରକ୍ଷା ମାନଦଣ୍ଡରେ କୌଣସି ଅବହେଳା ଦେଖାଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସେପଟେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହତଙ୍କ ପାଇଁ ଆଶୁ ଆରୋଗ୍ୟ କାମନା ମଧ୍ୟ କରିଛନ୍ତି। ଆହତଙ୍କୁ ୫୦ ହଜାର ଟଙ୍କା ଏବଂ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ଲାଗି ଘୋଷଣା କରାଯାଇଛି।

### ବିହାରରୁ...

ସୂଚନାଯୋଗ୍ୟ ଯେ ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ୍ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପ୍ରୁଷ୍ଟି କେଳେଙ୍କାରୀ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଗତ ଅକ୍ଟୋବର ୨୯ ତାରିଖରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍‌ରେ ବିଜୟନଗରମ୍‌କୁ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୁଲିସ ଏହି ବସ୍‌ଗୁଡ଼ିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ଏହା ପରେ ଆହୁରି ୧୧୦ ଆଶାୟୀ ପ୍ରାର୍ଥୀ ଫେରାର ହୋଇ ଯାଇଥିଲେ।

### ଉପଯୁକ୍ତ ପୋଷଣ...

ପ୍ରତିଷ୍ଠା ପାଇଁ ସଂକଳ୍ପ ରହିଛି। ମଧ୍ୟପ୍ରଦେଶ ଆଗାମୀ ୨୫ ବର୍ଷ ପାଇଁ ଏକ ଯୁବ ପ୍ରଦେଶ ହୋଇ ରହିବ ଓ ବିକଶିତ ଭାରତର ପରିକଳ୍ପନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏଆଇର ବ୍ୟବହାର ଦ୍ୱାରା ଯେତେବେଳେ ପାରମ୍ପରିକ ଜ୍ଞାନକୁ ନୂତନ ଜ୍ଞାନକୌଶଳ ସହିତ ଯୋଡ଼ାଯିବ, ସେତେବେଳେ ମଧ୍ୟପ୍ରଦେଶ ତଥା ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଏକବିଂଶ ଶତାବ୍ଦୀର ନୂତନ ଦିଗ ମିଳିବ। ଏଥିପାଇଁ ସେ 'ଏଆଇ ଟ୍ୟୁଟର' ଭଳି ପଦକ୍ଷେପରେ ମଧ୍ୟପ୍ରଦେଶକୁ ଅଗ୍ରଣୀ ହେବାକୁ ଆହ୍ୱାନ ଦେଇଛନ୍ତି।ଏଥିସହ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ମଧ୍ୟପ୍ରଦେଶ ସରକାରଙ୍କ 'ସ୍କୁଲ ଚଲେଁ ହମ୍' ଅଭିଯାନ ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା, ଡ୍ରପ-ଆଉଟ ହାର ହ୍ରାସ କରିବା ଏବଂ ଆଧୁନିକ ଶିକ୍ଷଣ ପଦ୍ଧତିଗୁଡ଼ିକୁ ବିଦ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅଧିକରୁ ଅଧିକ ପିଲା ଶିକ୍ଷା ସହ ଯୋଡ଼ି ହୋଇ ଜ୍ଞାନ ଓ ସଂସ୍କାରରେ ସଶକ୍ତ ହୋଇ 'ବିକଶିତ ମଧ୍ୟପ୍ରଦେଶ' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ଦିଗରେ ଆଗେଇ ଚାଲିଛନ୍ତି। କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡଃ ମୋହନ ଯାଦବ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ଭୋପାଳର କମଳା ନେହେରୁ ସାନ୍ଦୀପନି କନ୍ୟା ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି।

### ଓଡ଼ିଶା...

କରିବ। ଏହି ପ୍ରକଳ୍ପ ପାଇଁମୋଟ ମୋଟ୍ ୧୬,୪୮୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ବର୍ଷ ଡିସେମ୍ବର ସୁଦ୍ଧା ଏହାର କାର୍ଯ୍ୟ ଶେଷ ହେବ ବୋଲି ଆଶା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏନଏଚ-୨୬ର ବର୍ତ୍ତମାନର ଦୂରତା ୫୯୭ କିମିରୁ ୪୬୫ କିମିକୁ ହ୍ରାସ ପାଇବ। ଅର୍ଥାତ୍ ଦୂରତା ପ୍ରାୟ ୧୩୨ କିମି ହ୍ରାସ ପାଇବା ସହ ପ୍ରାୟ ସାତ ଘଣ୍ଟାରୁ କମ୍ ସମୟରେ ଉଭୟ ସହର ମଧ୍ୟରେ ଯୋଗାଯୋଗ ହୋଇପାରିବ। ଫଳରେ ସାଧାରଣ ଜନତାଙ୍କ ଯାତ୍ରା ଏବଂ ମାଲ ପରିବହନକାରୀଙ୍କ ପରିବହନ ଖର୍ଚ୍ଚ ବି ହ୍ରାସ ପାଇବା ସହ ଯଥେଷ୍ଟ ଇନ୍ଧନ ବଞ୍ଚିପାରିବ। ଏହି ପ୍ରକଳ୍ପ ଏହା ପ୍ରଧାନମନ୍ତ୍ରୀଙ୍କ ଗତି ଶକ୍ତି ଦୃଷ୍ଟିକୋଣ ଅଧୀନରେ ଦ୍ରୁତ ଲଜିଷ୍ଟିକ୍ସ ଏବଂ ସୁଗମ ସଂଯୋଗୀକରଣର ଦ୍ୱାର ଖୋଲିବ। ସିଧାସଳଖ ବିଶାଖାପାଟଣା ବନ୍ଦର ଓ ଚେନ୍ନାଇ-କୋଲକାତା ଜାତୀୟ ରାଜପଥ ସହ ଏହା ଯୋଡ଼ି ହେବା ଫଳରେ ଛତିଶଗଡ଼ ଏବଂ ଓଡ଼ିଶାର ଶିଳ୍ପଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏହାଦ୍ୱାରା ବନ୍ଦର ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକ ମଧ୍ୟରେ ଉନ୍ନତ ସଂଯୋଗୀକରଣ, ଦ୍ରୁତ ରପ୍ତାନି, ସୁଗମ ଯୋଗାଣ ଶୃଙ୍ଖଳ ଏବଂ ବ୍ୟବସାୟକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ। ଏହା ଲଜିଷ୍ଟିକ୍ସ ଦକ୍ଷତା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଆଣିବ। ଏହି କରିଡର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବ। ଏହାଛଡ଼ା ରିଅଲ ଇଷ୍ଟେଟ୍ ବିକାଶ ମାଧ୍ୟମରେ ଆର୍ଥିକ ଅଭିବୃଦ୍ଧିକୁ ଏହି ପ୍ରକଳ୍ପ ତ୍ୱରାନ୍ୱିତ କରିବ।

### ଖୋଲିବ...

ସୁନ୍ଦରପଦା, ଭୁବନେଶ୍ୱର, ଇଡିପୁର, ଧଉଳି ଓ ଶିଶୁପାଳ ଭଳି ୯ଟି ଆର୍‌ଆଇ ସର୍କଲ ରହିବା ନେଇ ବି ଯୋଜନା ହୋଇଛି। ସେହିଭଳି ନୂତନ ଭାବେ ଖୋଲା ହେବାକୁ ଥିବା ରସୁଲଗଡ଼ ଅଞ୍ଚଳରେ ଗାଡ଼କଣ, ବାସୁଆଘାଇ, ଲକ୍ଷ୍ମୀସାଗର, ଗଡ଼ଗୋବିନ୍ଦପ୍ରସାଦ, ପାଣ୍ଡରାକୁ ମିଶାଇ ୯ଟି ଆର୍‌ଆଇ ସର୍କଲ ରହିବ। ଅନ୍ୟପକ୍ଷରେ ଖଣ୍ଡଗିରିରେ ହେବାକୁ ଥିବା ଆର୍‌ଆଇ ସର୍କଲରେ ପାଇକରାପୁର, ପାତ୍ରପଡ଼ା, ଜାଗମରା, ତମାଣ୍ଡୋ, ଘାଟିକିଆ ସମେତ ୧୦ଟି ସର୍କଲ ରହିବ। ଏହା ସରକାରୀ ଅନୁମୋଦନ ପାଇବା ପରେ ନୂଆ ତହସିଲ ଅଞ୍ଚଳକୁ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ଦିବ୍ୟାଙ୍ଗମାନେ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର। ସେମାନଙ୍କୁ ସମାଜରେ ଅନ୍ୟମାନଙ୍କ ଭଳି ସମାନ ସ୍ଥାନ ପ୍ରଦାନ କରିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଆଜି ସ୍ଥାନୀୟ ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ବିଦ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ -୨୦୨୫ରେ ଅତିଥିମାନେ ମତ ଦେଇଛନ୍ତି। ଦୈନିକ ଖବରକାଗଜ 'ନନ୍ଦିନୀ' ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୪ ହଜାରର ଅଧିକ ଦିବ୍ୟାଙ୍ଗ ପିଲା ଓ ଶିକ୍ଷକଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ।

## ପୁସ୍ତକ ମହୋତ୍ସବରେ ଶ୍ରୀ ଗୁରୁ ଭାଗବତ ପୁସ୍ତକ ଷ୍ଟଲ



ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ): ଗତକାଲି ସ୍ଥାନୀୟ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଶ୍ରୀ ଗୁରୁ ଭାଗବତ ଟ୍ରଷ୍ଟ ପକ୍ଷରୁ ଏକ ଷ୍ଟଲ୍ ଲଗାଯାଇଛି। ଏହି ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ପୁସ୍ତକ ଉପଲବ୍ଧ ହେଉଛି। ଏହାଛଡ଼ା ଧର୍ମଗୁରୁ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଲିଖିତ ଗୁରୁ ଭାଗବତ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ ପୁସ୍ତକ ମଧ୍ୟ ଉପଲବ୍ଧି ରହିଛି। ତେଣୁ ପୁସ୍ତକପ୍ରେମୀ ଏହି ଷ୍ଟଲ୍‌ରେ ପହଞ୍ଚି ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ ସମ୍ପର୍କରେ ଜ୍ଞାନ ହାସଲ କରିପାରିବେ ବୋଲି ଷ୍ଟଲ୍ ପକ୍ଷରୁ ନିବେଦନ କରାଯାଇଛି।

## ଧାନ ଗଦାରେ ନିଆଁ ଲାଗି ଫସଲ ନଷ୍ଟ



**ରାଇଘର,୭।୧୨ (ସଂଚାର ବ୍ୟୁରୋ):** ଧୁଙ୍ଗିଆ ଡିହି ଗ୍ରାମରେ ଧାନ ଅମଳ କରିବା ସମୟରେ ହଠାତ ନିଆଁ ଲାଗି ଧାନ ଗଦା ସହ ଅମଳ ପାଇଁ ବ୍ୟବହୃତ ଟ୍ରାକ୍ଟର ସମ୍ପୂର୍ଣ୍ଣ ଜଳି ଯାଇଥିବା ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ଧୁଙ୍ଗିଆ ଡିହି ଗ୍ରାମର ରୋହିଦାସ ଗଣ୍ଡ, ବାବୁଦାସ ଗଣ୍ଡ, ଗାନ୍ଧୀରାମ ଗଣ୍ଡ ତିନିଜଣ ମିଶି ଛତିଶଗଡ଼ରୁ ଏକ ଧାନ ଅମଳ ମେସିନ ଲାଗିଥିବା ଟ୍ରାକ୍ଟର ଆଣି ଖଳାରେ ଧାନ ଅମଳ କରୁଥିଲେ। ହଠାତ ଧାନ ଗଦା ସହ ଟ୍ରାକ୍ଟରରେ ଲାଗିଯାଇଥିଲା ନିଆଁ। ଗ୍ରାମବାସୀ ସଙ୍ଗେ ସଙ୍ଗେ ରାଇଘର ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲା। କିନ୍ତୁ ସେତେବେଳକୁ ଧାନ ଗଦା ସମ୍ପୂର୍ଣ୍ଣ ଜଳିଯାଇ ପାଉଁଶ ହୋଇଯାଇଥିଲା। ଗଦା ହୋଇଥିବା ଧାନ ନଅ ଏକର ଜମିର ବୋଲି କ୍ଷତି ହୋଇଥିବା ଚାଷୀ କହିଛନ୍ତି।

# ଉଛୁଳୁଛି ପଦ୍ମପୋଖରୀ, ଡୁବୁଛି ବିଜେଡି



ଅସ୍ତରଙ୍ଗ ରାଜନୀତିରେ ହଲଚଲ

**କାକଟପୁର/ଅସ୍ତରଙ୍ଗ,୭।୧୨ (ସଂଚାର ବ୍ୟୁରୋ):** କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକରେ ସଶକ୍ତ ହେଉଛି ବିଜେପି। ନୂତନ ଭାବେ ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା ସଂଗଠନ ଦାୟିତ୍ୱ ନେବା ପରେ ଅସ୍ତରଙ୍ଗ ବ୍ଲକ ଅଂଚଳ ପ୍ରତ୍ୟେକ ଗାଁରେ ମଜଭୁତ ହୋଇଛି ବିଜେପି। କିଛି ମାସ ହେବ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ କର୍ମୀମାନେ ବିଭିନ୍ନ ଦଳ ପରିତ୍ୟାଗ କରି ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇଙ୍କ ତତ୍ତ୍ୱାବଧାନରେ ବିଜେପିରେ ସାମିଲ ହେଉଛନ୍ତି। ଯାହାକି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଜେପି ସଂଗଠନ ଦୃଢ଼ ମଜଭୁତ ହୋଇଛି। ସରକାର ବଦଳିବା ପରେ ରାଜନୀତି ହଲଚଲ ହୋଇଥିଲା।

କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ବିଜେତା ହୋଇଥିଲେ ମଧ ନିର୍ବାଚନ ପରେ ବିଜେପି ତାର ପତିଆରା ବୃଦ୍ଧି କରି ଚାଲିଛି। କିନ୍ତୁ ଅସ୍ତରଙ୍ଗ ବ୍ଲକର ଅନେକ ପଞ୍ଚାୟତ ବିଜେଡି ପତିଆରା ଜାରି ରହିଥିଲା। ଏବେ କିନ୍ତୁ ସ୍ଥାନୀୟ ଅଞ୍ଚଳରେ ବିଜେଡି ବିଧାୟକ ବିଜେତା ହୋଇଥିଲେ ମଧ ସାଂସଦ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ସଭାପତି ଇନ୍ଦ୍ରମଣି ଜେନାଙ୍କ ବଳିଷ୍ଠ ନେତୃତ୍ୱରେ ଏବେ ଆଉ ବିଜେଡି ପାଖରେ କାଟତି ରହିନାହିଁ। କାରଣ ଅନେକ ଲୋକ ପ୍ରତିନିଧି ଶାସକ ଦଳର ଇସାରାରେ କାର୍ଯ୍ୟ କରୁଛନ୍ତି। ବିଶେଷ କରି ବିଭିନ୍ନ ପଂଚାୟତର ଆଗ ଧାଡି ପୁରୁଖା ନେତା ଦଳ ଛାଡି ପଦ୍ମ ଶିବିରକୁ ଯିବା ସହ ଅନେକ କର୍ମୀଙ୍କୁ ଟାଣୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ତାଳଦା ପଂଚାୟତ ଦୀର୍ଘ ବର୍ଷ ହେବ ବିଜେଡି ଦୁର୍ଗ ଥିବା ଗଡ଼ ରହିଥିବା ବେଳେ କିଛି ମାସ ହେବ ଆଗଧାଡି ନେତା ବିଜେପିରେ ସାମିଲ ହୋଇଛନ୍ତି। ଯଦ୍ୱାରା ବିଜେଡି ଗଡ଼ ଦୁର୍ଗ ଛିଡ଼ିକୁ ଛିଡ଼ି ଯାଇଛି।

ଆଗାମୀ ଦିନରେ ବିଜେଡି ପ୍ରତିଷ୍ଠା ଦିବସ ଥିବାରୁ ଅସ୍ତରଙ୍ଗ ବ୍ଲକ ଅଂଚଳରେ କିପରି ଭାବରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ୍ତି ଯାଜକମାନେ ତାହା ହିଁ ବିଜେଡି ନେତୃତ୍ୱ ଓ ସଂଗଠନ ଭିତ୍ତିଭୂମି ହିଁ ବୟାନ କରିବ। ଗୋଟେ ପଟେ ବିଜେପି ଦଳରେ କର୍ମୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କିନ୍ତୁ କର୍ମୀଙ୍କ ମଧ୍ୟରେ ଅନ୍ତଃକନ୍ଦଳ ଥିବା ଚର୍ଚ୍ଚା ହେଉଛି। ହଟଚମଟ ରାଜନୀତିରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଜେପି ଶକ୍ତିଶାଳୀ ହୋଇଥିବା ବେଳେ ବିଜେଡି ଗୁମୁରି କାନ୍ଦୁଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗ ଶିବିର

**କେନ୍ଦ୍ରାପଡା,୭।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମୁହିକ ଯୋଗ ଶିବିର ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରସିଦ୍ଧ ଯୋଗ ଗୁରୁ ଓ ଆଧାତ୍ମିକ ବ୍ୟକ୍ତିତ୍ୱ ଶ୍ରୀ ଶ୍ରୀ ରବିଶଙ୍କର ମହାରାଜ ଙ୍କ ଆହ୍ୱାନ କ୍ରମେ ମାନବ ଜୀବନରେ ସୁସ୍ଥ ଶରୀର, ମାନବିକ ମୂଲ୍ୟବୋଧ, ପବିତ୍ର ଭାବନାର ଜାଗରଣ ସହ ଯୌଗିକ କ୍ରିୟା ଦ୍ୱାରା ଶରୀର ସହ ଆତ୍ମାକୁ ସଂଯୋଗ କରାଇ ବ୍ୟକ୍ତିତ୍ୱର ବିକାଶ ଘଟାଇବା ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାକୁ ଉତ୍ସାହିତ କରାଯାଇ ଶିବିରର ଆୟୋଜନ ହୋଇଥିଲା । ଏହି ଶିବିରିକୁ ଜିଲ୍ଲପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ଯୋଗ ଗୁରୁ ଅଜୟ ରାଉତ ଓ ମାଇଁ ଭାରତର ଗୋଲି ତିରୁପତି ରେଡି ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅଂଶ ଗ୍ରହଣ କରିଥିବା ସ୍କୁଲ ଓ କଲେଜର ସମସ୍ତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ମାନପତ୍ର ପ୍ରଦାନ କରିଥିଲେ ।

## ଅଟୋ ସହ ମହୁଲି ମଦ ଜବତ, ୩ ମହିଳାଙ୍କ ସହ ଅଟୋ ଡ୍ରାଇଭର ଗିରଫ



**ଫୁଲବାଣୀ,୭।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡା ଠାରୁ ଫୁଲବାଣୀ ଯାଇଥିବା ମୁଖ୍ୟ ରାସ୍ତାର ସାଧନା ଛକ ଠାରେ ଫୁଲବାଣୀ ମୋବାଇଲ୍ ଅବକାରୀ ବିଭାଗ ଏକ ଅଟୋ ସହ ପ୍ରାୟ ୮୦ ଲିଟର ମହୁଲି ମଦ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ତିନି ଜଣ ମହିଳାଙ୍କ ସହ ଅଟୋ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ତିନି ମହିଳା ଓ ଡ୍ରାଇଭର ଜଣକ ଖଜୁରୀପଡା ଥାନା ଗୁଦାରୀ ଗାଁର ଫୁଲବତୀ ନାଏକ, ଲଳିତା ନାଏକ, ସରୋଜିନୀ ଦିଗାଳ ଓ ଅଟୋ ଡ୍ରାଇଭର କୁନା ଦିଗାଳ ବୋଲି ଜଣାପଡିଛି। ସୂଚନା ଅନୁସାରେ ଏକ ଅଟୋରେ ଗୁଦାରୀ ଗାଁରୁ ମହୁଲିମଦ ଧରି ଫୁଲବାଣୀ ସହରକୁ ବିକ୍ରି କରିବା ପାଇଁ ଅଟୋରେ ଆସୁଥିବା ବେଳେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଖବର ମିଳିବା ପରେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା ଙ୍କ ନେତୃତ୍ୱରେ ଏଏସଆଇ ଲକ୍ଷ୍ମୀଧର ଯାନୀଙ୍କ ସହ ଏକ ଟିମ ସାଧନା ଛକ ନିକଟରେ ଏହି ମଦ ବୋଝେଇ ଅଟୋଟିକୁ ଧରିବାରେ ସଫଳ ହୋଇଥିଲା ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ



**ପାରାଦୀପ,୭।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ଘାଟ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବର ନେବାରୁ ଜଣାଯାଏ ଯେ, ଆଜି ମଧାହ୍ନ ସମୟରେ ନାଉଗାଁ ଥାନା ଅଞ୍ଚଳର ଅରିଓଦା ଗ୍ରାମର ଦୟିତାରୀ ନାୟକଙ୍କ ୪୦ ବର୍ଷୀୟ ପୁଅ ପବିତ୍ର ନାୟକ ଆଜି ନିଜ ବଡବାପାର ମୃତ୍ୟୁ ଖବର ଶୁଣି ତିକିତ ଖାଇବାକୁ ନିଜ ବାଇକ ଯୋଗେ ଆସୁଥିବା ସମୟରେ ନାଉଗାଁ ଥାନା ଅଞ୍ଚଳର ଶିଖର ଘାଟ ନିକଟରେ ଦ୍ରୁତ ଗତିରେ ଏକ ଅଜଣା ଗାଡି ପବିତ୍ରଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ତେବେ ସେଠାରେ ପବିତ୍ର ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଉଥିବା ବେଳେ ଅଧା ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ପବିତ୍ର ଙ୍କ ମୃତ୍ୟୁ ଖବର ଶୁଣିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି!

## ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବିପତ୍ର

**ଫୁଲବାଣୀ,୭।୧୨ (ସଂଚାର ବ୍ୟୁରୋ):** ଗାଁ ମଧ ଭାଗରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ବାରଖମା ପଞ୍ଚାୟତରୁ। ପ୍ରକାଶ ଥାଉ କି ପୂର୍ବରୁ ମଧ ଗ୍ରାମବାସୀ ଜିଲ୍ଲା ଅବକାରୀ ବିଭାଗୀୟ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ମଧ ଅନେକ ଥର ଦାବି କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିନ ଥିଲା । ସେମାନେ ଉକ୍ତ ଦାବୀପତ୍ରରେ ଦର୍ଶେଇଛନ୍ତି କି, ଗାଁ ମଝିରେ ମଦ ଦୋକାନ ରହିଥିବାରୁ ଗ୍ରାମରେ ଅନେକ ବିଶୃଙ୍ଖଳା ହେବା ସହିତ ସବୁବେଳେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି । ତାଛଡା ଗ୍ରାମର ଯୁବପିଢ଼ି ଓ ବିଦ୍ୟାର୍ଥୀମାନେ ମଧ ବାଟବଣା ହୋଇ ଅବାଟକୁ ଯାଉଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ମଦ୍ୟପମାନେ ଏଠିସେଠି ମଦ ପିଇବା ସହିତ କାଚ ବୋତଲ ସବୁ ଚାଷଜମି ଓ ମୁଖ୍ୟ ରାସ୍ତାରେ ଫୋପାଡ଼ି ଦେଉଛନ୍ତି। ଫଳରେ ଚାଷଜମି ସମେତ ରାସ୍ତାରେ ମଧ ଭଙ୍ଗା କାଚ ଗୁଡିକ ଏଠିସେଠି ପଡି ରହିଛି ଫଳରେ ପାଦଚଲା ପଥିକମାନେ ମଧ କାଚରେ ପାଦ ପକେଇ ରକ୍ତାକ୍ତ ହେଉଛନ୍ତି। ତେଣୁ ଗାଁ ଭିତରେ ଥିବା ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।



# କଲେଜ ରାସ୍ତା ଶୋଚନୀୟ, ମରାମତି ପାଇଁ ଦାବି



**ନୀଳଗିରି, ୭।୧୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବଣ ଜଙ୍ଗଲ ଘେରା ବଣସୀମା ଅଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ସହିତ ଗରିବ ଲୋକମାନଙ୍କର ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ଲକ୍ଷ୍ୟରେ ଧରମପୁର ପଂଚାୟତର ବାଉଁଶ ପାଳଠାରେ ୧୯୮୩ ମସିହାରେ ବରହମପୁର +୨ କଲେଜ ପ୍ରତିଷ୍ଠା ହୋଇଥିଲା ବେଳେ ୧୯୮୯ ମସିହାରେ +୩ କଲେଜ ନିର୍ମାଣ କରାଯାଇଥିଲା। ସେଇ ଦିନଠାରୁ କଲେଜ ଯିବା ପାଇଁ ପାଦଚଲା ହିଡ଼ ରାସ୍ତା ଥିଲା। ୧୯୯୦ ମସିହାରେ ଧରମପୁର ପଞ୍ଚାୟତ ପକ୍ଷରୁ ମାଟି ମୋରମ ବିଛା ଯାଇ ହିଡ଼ ରାସ୍ତାକୁ ଚଉଡା କରାଯାଇଥିଲା। କାଦୁଅ ପଚପଚ ରାସ୍ତାରେ ଦୈନନ୍ଦିନ ଶହ ଶହ ଛାତ୍ର ଛାତ୍ରୀ କଲେଜକୁ ଆସି ଅଧୟନ କରନ୍ତି। ଗତ ୨୦୧୩-୧୪ମସିହାରେ ଧରମପୁର ପଞ୍ଚାୟତ ଅନୁଦାନ ରାଶିରେ ଉକ୍ତ ରାସ୍ତାଟି କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଯାହା ଏବେ ଫାଟି ଆଁ କରିବା ସହ ଆଣ୍ଠୁଏ ଲେଙ୍ଗାଏଁ ଖାଲ ହୋଇଛି। ଫଳରେ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, କର୍ମଚାରୀ, ବାଉଁଶପାଳ ଗାଁ ଲୋକମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି।

ରାଜନେତା ଓ ପ୍ରଶାସନର ଆଢୁଆଳରେ ଉକ୍ତ କଲେଜ ରାସ୍ତାଟି ରହି ଯାଇଛି। ଦୁଇ କଲେଜରେ ପ୍ରାୟ ୧୧ଶହରୁ ଉର୍ଦ୍ଧ ଛାତ୍ର, ଛାତ୍ରୀ ଅଧାୟନ ପାଇଁ ଆସୁଥିବାରୁ ସରକାରଙ୍କ ପକ୍ଷରୁ କଲେଜର ୫ଟି ମାଧମରେ ନବକଳେବର ହୋଇଥିଲେ ସୁଦ୍ଧା ରାସ୍ତା ଅବସ୍ଥା ସୁଧୁରୁ ପାରିନାହିଁ। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଛାତ୍ରଛାତ୍ରୀ, ଅଧାପକ ଅଧାପିକା, କର୍ମଚାରୀ ଓ ସାଧାରଣ ଲୋକେ ଦାବୀ କରିଛନ୍ତି। ଏସମ୍ପର୍କରେ +୨ ଜୁନିୟର କଲେଜର ଅଧକ୍ଷ ଡ. ଆମରନାଥ ସଙ୍ଗୁ ପଚାରିବାରୁ ରାସ୍ତା ଅବସ୍ଥା ବେହାଲ ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଠାରୁ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ରାସ୍ତା ଫଳ ଶୂନ ହୋଇଛି।

# ଲୁଚାଯାଉଛି ବିରାଜା ମୂର୍ତ୍ତି ଚୋରିର ସତ୍ୟ

### ଆର୍‌ଡିସି ରିପୋର୍ଟ ଗୁପ୍ତ ରଖିବାର ଚାପ କାହାର?

**ଯାଜପୁର,୭।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରାଚୀନ ଶକ୍ତି ପୀଠ ବିରାଜା କ୍ଷେତ୍ର। ଶତାବ୍ଦୀ ବ୍ୟାପି ଆସ୍ଥା, ଭକ୍ତି ଓ ଐତିହ୍ୟର ପୁଣ୍ୟସ୍ଥଳ। କିନ୍ତୁ ଏହି ଅବିଚଳ ଆସ୍ଥାକୁ ୨୦୦୪ ମସିହାରେ ଯେଉଁ ଚୋଟ ଲାଗିଥିଲା, ସେହି ଘାଆ ଆଜି ପର୍ଯ୍ୟନ୍ତ ସୁସ୍ଥ ହୋଇନାହିଁ। ସେପ୍ଟେମ୍ବର ୨୦୦୪ ମସିହାରେ ବିରଜା ମନ୍ଦିର ଗର୍ଭଗୃହର ସିଂହାସନ ମରାମତି ନାମରେ ମାଆଙ୍କ ପ୍ରତିମାକୁ ଅସ୍ଥାୟୀ ହଟାଯାଇଥିଲା। ୧୮ ଦିନ ପରେ ଯେତେବେଳେ ପୁନଃସ୍ଥାପନ କରାଗଲା, ସେବକ, ପୁଜାରୀ ଓ ଭକ୍ତମାନେ ପ୍ରତିମାକୁ ଦେଖି ପ୍ରଶ୍ନ କଲେ ଏହିଟା ମାଆଙ୍କ ମୂଳ ମୂର୍ତ୍ତି ନୁହେଁ। ମୁଖମଣ୍ଡଳ, ଭାବଭଙ୍ଗୀ ଓ କାରିଗରୀର ସୂକ୍ଷ୍ମ ପରିବର୍ତ୍ତନ ସ୍ଥାନୀୟ ଲୋକଙ୍କୁ ସନ୍ଦେହ ଦେଇଥିଲା। ଏହି ସନ୍ଦେହ ପରେ ହିଁ ବିରାଜା କ୍ଷେତ୍ର ମାଟିରେ ଆରମ୍ଭ ହେଲା ଅସ୍ଥିରତା। ସେହି ଘଟଣାକୁ ନେଇ ସାରା ଓଡ଼ିଶା ରାଗ, ଉତ୍ସୁକତା ଓ ଆନ୍ଦୋଳନରେ ଜଳି ଉଠିଥିଲା। ଶେଷରେ ଆର୍‌ଡ଼ିସି ତଦନ୍ତ ଆରମ୍ଭ କଲେ। ରିପୋର୍ଟ ଆଜିଯାଏ ଜନସାଧାରଣଙ୍କୁ ଦେଖାଯାଇନାହିଁ।

ସରକାର ବଦଳି ଗଲା, ମନ୍ତ୍ରୀ ବଦଳି ଗଲେ, ପରାମର୍ଶଦାତା ବଦଳି ଗଲେ କିନ୍ତୁ ବଦଳିଲା ନାହିଁ ଏମିତି କିଛି ରିପୋର୍ଟ ଉପରେ ଆରୋପିତ ଗୋପନୀୟତା। ଏବେ ପ୍ରଶ୍ନ ଯଦି ମୂର୍ତ୍ତି ଚୋରି ହୋଇନଥିଲା, ତେବେ ରିପୋର୍ଟକୁ ଲୁଚାଇବାର ଭୟ କାହିଁକି? କଣ ଭୟ କାହାର ନାମ ଥିଲା ସେହି ରିପୋର୍ଟରେ? ଜନତାଙ୍କ ଅବିଚଳ ପ୍ରଶ୍ନ ମାଆଙ୍କ ମୂଳ ମୂର୍ତ୍ତି କେଉଁଠି? ଯଦି ବଦଳ ହୋଇନାହିଁ ଆର୍‌ଡ଼ିସି ରିପୋର୍ଟ କାହିଁକି ସାର୍ବଜନୀନ କରୁନାହାଁନ୍ତି?



## ବିଶ୍ୱହିନ୍ଦୁ ପରିଷଦର ସୌର୍ଯ୍ୟ ଦିବସ

**କେନ୍ଦ୍ରାପଡା,୭।୧୨(ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ତରଫରୁ ତିନିମୁହାଣୀଠାରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତଙ୍କ ଅଧକ୍ଷତାରେ ସୌର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ କ୍ଷେତ୍ରୀୟ ସହ ସେବା ପ୍ରମୁଖ (କଲିକତା କ୍ଷେତ୍ର) ହରିଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସହ ସମ୍ପାଦକ ସନ୍ତୋଷ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗ ଦର୍ଶନ କରିବା ସହ ଉକ୍ତ କାର୍ଯ୍ୟକ୍ରମର ମହିମା ମଣ୍ଡନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଖଣ୍ଡ ରୁ ୩୦୦ ଶହରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



**ବାଲିଅନ୍ତା,୭।୧୨ (ସଂଚାର ବ୍ୟୁରୋ):** ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ସରକଣା ପଞ୍ଚାୟତରେ ୩୫୦ ଲୋକଙ୍କୁ କମ୍ବଳ ବଣ୍ଟନ କରଯାଇଛି। ସରକଣା ଗ୍ରାମ ପଞ୍ଚାୟତ କଲ୍ୟାଣମଣ୍ଡପ ସଭାକକ୍ଷରେ ଆୟୋଜିତ ସଭାରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା, ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ, ନାଏବ ସରପଞ୍ଚ ବିନାୟକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କରିଥିଲେ। ନାରାୟଣ ସାହୁ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ସରକଣା ପଞ୍ଚାୟତର ୧୫ଟି ୱାର୍ଡ଼ର ଲୋକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆଗମୀ ଦିନରେ ବାଲିଅନ୍ତା ବ୍ଲକର ଅନ୍ୟ ସବୁ ପଞ୍ଚାୟତରେ ଲୋକଙ୍କୁ କମ୍ବଳ ଓ ଶୀତ ବସ୍ତ୍ର ଯୋଗାଇ ଦିଆଯିବ ବୋଲି ସତ୍ୟପ୍ରିୟ କହିଛନ୍ତି।

## ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



**ଛତ୍ରପୁର,୭।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ଶିବିର ଆଜି ସଫଳତାର ସହ ଅନୁଷ୍ଠିତ ହୋଇଛି। ଗ୍ରାସୀମ କେମିକାଲର ସହଯୋଗରେ ହୋଇଥିବା ଏହି ସେବାମୂଳକ କାର୍ଯ୍ୟକ୍ରମର ଉଦଘାଟନ ଗ୍ରାସୀମ ୟୁନିଟ ମୁଖ୍ୟ ଅଜୟ ଗୁପ୍ତା କରିଥିଲେ। ଉଦଘାଟନ ସମାରୋହରେ ସେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ବିଶେଷ ପ୍ରଶଂସା କରିଥିଲେ। ଏହି ଅବସରରେ ସିଏସଆର୍ ମୁଖ୍ୟ ସସ୍ମିତା ବେହେରା ମଧ ଉପସ୍ଥିତି ଥିଲେ।

## ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆଭାସୀ ଆଲୋଚନାଚକ୍ର

**ନୀଳଗିରି,୭।୧୨ (ସଂଚାର ବ୍ୟୁରୋ):** ମଣିଷର ଅସହାୟତା ହିଁ ଅମଣିଷର ପରିଚୟ । ଅନୈତିକ ଉଚ୍ଚାଭିଳାଷ ଆଜି ଉନ୍ମାଦ ତିଆରି କରୁଛି । ଆଜିର ଗଳ୍ପ କାଳ୍ପନିକ ଘଟଣା ହୋଇ ରହିନାହିଁ। ନିର୍ଦ୍ଦିଷ୍ଟ ସମୟର ଅବସ୍ଥାକୁ ବୁଝିବାକୁ ପାଠକ ସମର୍ଥ ନୁହେଁ । କ୍ଷମତାର ବଳୟ, ରାଜନୈତିକ ଭ୍ରଷ୍ଟାଚାର, ସାମାଜିକ ଦୁରାଚାର ଓ ଆଧୁନିକ ଜୀବନ ବ୍ୟବସ୍ଥାର ଅସହାୟତା ଅନ୍ତର ଭିତର ଦୁଃଖକୁ ଭୋଗ କରାଉଛି । ସାମର୍ଥ୍ୟ ବିହୀନତା ହିଁ ଅସହାୟତା । ଆଜିର ସମୟ ଆତ୍ମଦୁଃଖର ସମୟ। ଆଜିର ଜୀବନ ଅସହାୟ ଜୀବନ। ଜୀବନର ସୁକୁମାରତା ଆଜି ହଜିଯାଇଛି। ଆଜିର ଗାଳ୍ପିକ ପରମ୍ପରାର ପ୍ରତିନିଧି ଓ ମୂଲ୍ୟବୋଧର ସୁରକ୍ଷକ ଅଟେ । ଗଳ୍ପ ଗୋଟାଏ ବୀବରଣୀ ହୋଇଯାଏ । ଗଳ୍ପ ଜୀବନର କଳାତ୍ମକ ବିଶ୍ଳେଷଣ। କୃତ୍ରିମତା ସ୍ୱାଭାବିକତାକୁ ନଷ୍ଟ କରେ । କୃତ୍ରିମତା ସୁନ୍ଦର ଜୀବନର ମାପକାଠି ନୁହେଁ। ଆମେ କେତେ ବ୍ୟସ୍ତ ଅନ୍ୟକୁ ଜଣାଇବାକୁ ଚାହୁଁ କିନ୍ତୁ ନିଜେ ଜାଣି ନାହୁଁ । ଆମେ ଅନେକ ସମୟରେ ଆତ୍ମ ପ୍ରତାରଣା କରୁ । ଆତ୍ମ ପ୍ରତାରଣା ମୂଲ୍ୟବୋଧର ସଂକେତ। ଆଘାତ ଶକ୍ତିଶାଳୀ ହେଲେ ଗଳ୍ପ ଅଧିକ ଗ୍ରହଣୀୟ ହୁଏ। ଆଜିର ଗଳ୍ପ ଦ୍ୱନ୍ଦ୍ୱ ଓ ଶିଳ୍ପ ପ୍ରଧାନ । କାହାଣୀ ପ୍ରଧାନ ଗଳ୍ପ ଶିଳ୍ପ ପ୍ରଧାନ ନୁହେଁ । ସର୍ବୋପରି ବିବରଣୀ ଜୀବନ ପ୍ରତି ଏକ ଦୃଷ୍ଟିଭଙ୍ଗୀ ବୋଲି ଆଜି ପୂର୍ବାହ୍ନ୧୧ଟା ସମୟରେ ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୮୧ତମ ଆଭାସୀ ଆଲୋଚନାଚକ୍ରରେ ଓଡ଼ିଆ ଗଳ୍ପର ଗଠନ କଳା ଓ ବକ୍ତବ୍ୟ ରୀତି ପ୍ରସଙ୍ଗରେ ଆଲୋଚକ ପ୍ରଫେସର ନଟବର ଶତପଥୀ ପ୍ରକାଶ କରିଥିଲେ।

ଏଥିରେ ବହୁ ପାଠକ ଯୋଗଦେଇ ଏପରି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।।



## ଜନ୍ମଦିନରେ ରକ୍ତଦାନ କଲେ ଶଶାଙ୍କ

### ଯୁବ ସମାଜକୁ ଦେଲେ ନିଆରା ବାର୍ତ୍ତା



**ମାର୍ଶାଘାଇ,୭।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଦଶିପୁର ଗ୍ରାମ ପଞ୍ଚାୟତ ଅଧୀନ ବାଲଣା ଗ୍ରାମର ସୁବାଷ ଚନ୍ଦ୍ର ସାମଲଙ୍କ ପୁତ୍ର ଶଶାଙ୍କ ଶେଖର ସାମଲ(୨୮) ନିଜର ଜନ୍ମଦିବସରେ ରକ୍ତଦାନ କରି ଜନ୍ମଦିନ ପାଳିଛନ୍ତି। ଭୁବନେଶ୍ୱରର ବାଗଚି କର୍କଟ ଡାକ୍ତରଖାନାରେ ଜଣେ ମହିଳାଙ୍କୁ ଜରୁରୀକାଳୀନ ରକ୍ତ ଆବଶ୍ୟକ ଥିବା ଜାଣିବାକୁ ପାଇଥିଲେ ଶଶାଙ୍କ। ତେଣୁ ତାଙ୍କର ଜନ୍ମଦିନରେ ସେ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି କର୍କଟ ପୀଡ଼ିତ ମହିଳାଙ୍କ ନିମନ୍ତେ ରକ୍ତଦାନ କରିଥିଲେ। ରକ୍ତଦାନ ଭଳି ମହତ ଦାନ ଜଣଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇ ପାରିବ। ଆଧୁନିକତାର ତାଳେ ତାଳେ ଯୁବ ସମାଜ ନିଜର ଜନ୍ମଦିନ ପାଳନ ପାଇଁ କିଛି ନୂଆ ପ୍ରୟାସ କରିବା ଦରକାର ଯାହା ଆମ ସମାଜ ଓ ପରିବେଶ ପାଇଁ ଗ୍ରହଣୀୟ ହେବ। ମୋର ଏହି ରକ୍ତଦାନ ପାଇଁ ଯଦି କାହାରି ମୁହଁରେ ଟେକାଇ ହସ ଫୁଟି ପାରିବ ତେବେ ଏହାଠାରୁ ବଡ଼ ଶାନ୍ତି ବୋଧହୁଏ ମୋ ପାଇଁ ଆଉ କିଛି ନାହିଁ ବୋଲି ଶଶାଙ୍କ କହିଛନ୍ତି। ନିରାଡ଼ମ୍ବର ଭାବେ ଜନ୍ମଦିନ ପାଳନ ଏମିତି ମହାନ ପ୍ରୟାସରେ କରି ସମସ୍ତଙ୍କ ଧନ୍ୟବାଦର ପାତ୍ର ହୋଇପାରିଛନ୍ତି।

## ‘ଶତରୂପା’ ପକ୍ଷରୁ ସୃଜନଶୀଳ ପ୍ରତିଯୋଗିତା



**ଯାଜପୁର,୭।୧୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ଉତ୍କଳ ଶତରୂପା ସାହିତ୍ୟାୟନ’ ପକ୍ଷରୁ ଗତ ଶନିବାର ଦିନ କଲଣ ସ୍ଥିତ ମଧୁପୁର କଲେଜ ପରିସରରେ ଏକ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡିଆ ଭାଷା ଓ ସାହିତ୍ୟର ବହୁଳ ପ୍ରଚାର ପ୍ରସାର ଓ ବିକାଶ ନିମନ୍ତେ ଏବଂ ଛାତ୍ରଛାତ୍ରୀଙ୍କ ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ସକାଶେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡିଆ ଶୃତଲିଖନ, କବିତା, ପ୍ରବନ୍ଧ, ସାଧାରଣଜ୍ଞାନ, ନୃତ୍ୟ ଓ ସଂଗୀତ ଆଦି ବିଷୟରେ ଶତାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ଧନ୍ୟବାଦ ସଭାରେ ଅଧାପକ ଡ. ସତ୍ୟପ୍ରିୟ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ବିଶିଷ୍ଟ ପ୍ରାବନ୍ଧିକ ପ୍ରାଧାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତାଭାବେ ଧର୍ମଶାଳା ସାହିତ୍ୟ ସମାଜର ସଭାପତି କାହ୍ନୁଚରଣ ଦାଶ ଓ ସମ୍ମାନିତ ଅତିଥିରୂପେ ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ଦେବତା,ଅଧାପିକା ସବିତା ମିଶ୍ର ଯୋଗଦେଇଥିଲେ।

## ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ



**ପଟ୍ଟାମୁଣ୍ଡାଇ,୭।୧୨ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଛାତ୍ରଛାତ୍ରୀ ମାନଙ୍କର କ୍ରୀଡା ପ୍ରତିଭାର ବିକାଶ ପାଇଁ ଅନୁଷ୍ଠିତ ହେଉଥିବା ବ୍ଲକ୍ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ ଏମଏନ୍ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସାଂସଦ ଖେଳ ମହୋତ୍ସବ ସଂଯୋଜକ ମିଟୁ ମନୋଜ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ସୁନାକର ବେହେରା ମୁଖ୍ୟ ଅତିଥି, ପଟ୍ଟାମୁଣ୍ଡାଇ ବି ଆରସିସି ସଙ୍ଘମିତ୍ରା ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବିଜେପି ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କ୍ରୀଡା ଛାତ୍ର ଛାତ୍ରୀ ମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ୩୦ ଗୋଟି ବିଦ୍ୟାଳୟର ୨୮୦ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିୟା, ଭଲିବଲ୍, ଜାଭଲିନ ଥ୍ରୋ, ଡିସ୍ କସ ଥ୍ରୋ ପ୍ରଭୃତି ବିଭିନ୍ନ ବିଭାଗରେ ଭାଗ ନେଇଥିଲେ।

## ପ୍ରହେଳିକା ସାଜିଛି କି ସୂଚନା ଅଧିକାର?

# ପନ୍ଦର ଶହ ପେଜ୍ ପାଇଁ ୨୫,୦୦୦ ଦିଅ

**ମହାକାଳପଡ଼ା,୭।୧୨(ସଂଚାର ବ୍ୟୁରୋ):** ସୂଚନା ଅଧିକାର ଆଇନ ଦ୍ୱାରା ମେଲ୍ ଯୋଗେ ସୂଚନା ପାଇଁ ଜଣେ ସୂଚନା ଅଧିକାର କର୍ମୀ ଆବେଦନ କରିଥିଲେ। ହେଲେ ପନ୍ଦର ଶହ ପେଜ୍, ଫଟୋ ଓ ଡ଼ାକ ଖର୍ଚ୍ଚ ବାବଦକୁ ତାଙ୍କୁ ପଚିଶି ହଜାର ଟଙ୍କା ଦାଖଲ କରିବାକୁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଚିଠି ଲେଖି ସୂଚନା ଦେଇଛନ୍ତି। ଯାହାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ କାର୍ଯ୍ୟାଳୟର କିଛି ସୂଚନା ପାଇଁ ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନରେ ଆବେଦନ କରିଥିଲେ। ବ୍ଲକ ପିଆଇଓ ସମସ୍ତ ସୂଚନା ପ୍ରଦାନ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ସୂଚିତ କରିଥିଲେ। ହେଲେ ପଞ୍ଚାୟତର ଜନ ସୂଚନା ଅଧିକାରୀ ତଥା ପିଇଓ ଆବଶ୍ୟକୀୟ ସୂଚନା ପ୍ରଦାନ ପାଇଁ ୧୫୦୦ ଜେରକ୍ସ, ଫଟୋ ଓ ଡ଼ାକ ଖର୍ଚ୍ଚ ବାବଦକୁ ମିଶାଇ ୨୫,୦୦୦ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ଚିଠି ପାଇବାର ପନ୍ଦର ଦିନ ମଧ୍ୟରେ ଦାଖଲ କରିବାକୁ ଚିଠି ଲେଖି ଜଣାଇଛନ୍ତି। ପନ୍ଦର ଦିନ ମଧ୍ୟରେ ଟଙ୍କା ଜମା ନକଲେ ଆବେଦନ ପତ୍ର ନାକଚ ହୋଇଯିବ ବୋଲି ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁବ୍ରତ।

ସେ କହିଛନ୍ତି ସେ ସମସ୍ତ ସୂଚନା ଅନଲାଇନ ଜରିଆରେ ଅର୍ଥାତ୍ ମେଲ୍ ଯୋଗେ ଆବେଦନ କରିଥିବା ବେଳେ ତାଙ୍କୁ ଜେରକ୍ସ କରି ଦେବାର ଆବଶ୍ୟକତା କ'ଣ? ପଞ୍ଚାୟତର ପିଇଓ ଅନଲାଇନରେ ତଥ୍ୟ ନଦେଇ ମନଇଛା ଅନଲାଇନରେ ତଥ୍ୟ ଦାଖଲ ପାଇଁ ଉଲ୍ଲେଖ କରିବା ସୂଚନା ଆଇନର ଉଲଙ୍ଘନ ନୁହେଁ କି? ସରକାର ସମସ୍ତ ସୂଚନା ଅନଲାଇନରେ ଉପଲବ୍ଧ କରାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପିଇଓଙ୍କ ଚିଠି ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମସ୍ତ ଆବେଦନ ତଥ୍ୟ ମେଲ୍ ଯୋଗେ ପ୍ରଦାନ କରିବାକୁ ସୁବ୍ରତ ଦାବି କରିଛନ୍ତି।

## ସିଟି salad

## ସନ୍ତୋଷ ବଢ଼ାଉଛନ୍ତି ଅସନ୍ତୋଷ

ବିଜେପିରେ ଏବେ ବିଧାୟକ ସନ୍ତୋଷ ଖଟୁଆଙ୍କୁ ନେଇ ଚର୍ଚ୍ଚା। ବାବୁ ସନ୍ତୋଷ କୁଆଡେ ଦଳ ପାଇଁ ଅସନ୍ତୋଷ ଆଣି ଦେଉଛନ୍ତି। ପୂର୍ବରୁ ବିଜେଡି ନେତ୍ରୀଙ୍କ ପ୍ରତି ଖରାପ ଶବ୍ଦ ପ୍ରୟୋଗ କରି ଦଳକୁ ଅପନିନ୍ଦା ଦେଇଥିଲେ। ଏହାକୁ ଆଳ କରି ବିନା କାରଣରେ ବିଜେଡି ନେତାମାନେ ବିଜେପିକୁ ବହେ ଗାଳି କରିଥିଲେ। କଥା ଥାନା ଫାଣ୍ଡି ପର୍ଯ୍ୟନ୍ତ ଯାଇଥିଲା। ଏପରିକି ଏହି ଘଟଣାକୁ ବିଜେଡି ଦିଲ୍ଲୀ ପର୍ଯ୍ୟନ୍ତ ନେଇଥିଲା। ଏହାପରେ ସମସ୍ତେ ଭାବିଥିଲେ ସନ୍ତୋଷ ଆଉ ଅସନ୍ତୋଷ ସୃଷ୍ଟି କରିବେ ନାହିଁ। ହେଲେ ଏଥର ବିଧାନସଭା ଅଧିବେଶନରେ ସନ୍ତୋଷଙ୍କର ପୁଣିଥରେ ଅସନ୍ତୋଷ ରୋଗ ବାହାରିଥିବା ତାଙ୍କରି ଦଳର କର୍ମୀମାନେ କହି ବୁଲୁଛନ୍ତି। ବିଧାନସଭା ଏଥର ସୁରୁଖୁରୁରେ ଚାଲିଥିଲା। ବିରୋଧି ସୁନା ପିଲା ଭଳି ଗୃହ କାର୍ଯ୍ୟରେ ଭାଗ ନେଉଥିଲେ। ହେଲେ ବାବୁ ସନ୍ତୋଷ ଆଲୋଚନା କାଳରେ ଜାତିର ପିତାଙ୍କ ପ୍ରତି ଏଭଳି ଶବ୍ଦ ପ୍ରୟୋଗ କଲେ ତାହା ଉଭୟ ବିଜେଡି ଓ କଂଗ୍ରେସକୁ ଏକ କରିଦେଲା। ଦୁଇ ଦଳ ଏହାକୁ ପ୍ରସଙ୍ଗ କରି ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ। ବିଜେପିକୁ ବହେ ଗାଳି ବି ଦେଲେ। ଏଥିରେ ସିନା ସନ୍ତୋଷଙ୍କ ନାଁଟା ପ୍ରଚାର ହେଲା, କିନ୍ତୁ ବିନା କାରଣରେ ବିଜେପିକୁ ଅପନିନ୍ଦା ସହିବାକୁ ପଡିଲା। ଯେଉଁ ସମୟରେ ବାବୁ ସନ୍ତୋଷ ଖଟୁଆ ଗାନ୍ଧୀଙ୍କୁ ଗାଳି ଦେଉଥିଲେ ସେହି ସମୟରେ ଭାରତ ଗସ୍ତରେ ଥିବା ଋଷ ରାଷ୍ଟ୍ରପତି ଗାନ୍ଧୀଙ୍କ ସମାଧିରେ ଫୁଲତୋଡା ଦେଉଥିଲେ। ଏହାକୁ କିଛି ଲୋକ ସନ୍ତୋଷଙ୍କ ଅସନ୍ତୋଷ ଉବାଚ ସହିତ ଯୋଡିବାବୁ କି ପଛାଇନଥିଲେ।



## ଶାଶୂଘର ପ୍ରତି ନିଘା ନାହିଁ

ଓଡିଆ ବୋହୂଙ୍କର ଶାଶୁ ଘର ପ୍ରତି ଟିକେ ହେଲେ ନିଘା ନାହିଁ। ଏହି କଥାଟି ଏବେ ରାଜଧାନୀରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଲୋକେ କହୁଛନ୍ତି ଓଡିଶାର ବୋହୂ ଶାଶୁଘରେ ପଶିଥିବା ଅନୁପ୍ରବେଶକାରୀମାନଙ୍କୁ ତଡିବେ କ'ଣ ସେମାନଙ୍କ ପାଇଁ ଓକିଲାତି ଆରମ୍ଭ କରିଦେଲେଣି। ଏ ବୋହୂ ହେଉଛନ୍ତି ଓଡିଶାର ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କର ହାତ ଧରିଥିବା ତୃଣମୂଳ କଂଗ୍ରେସର ବର୍ତ୍ତମାନର ସାଂସଦ ମହୁଆ ମୈତ୍ରଙ୍କର। ପିନାକୀଙ୍କୁ ବାହାହେଲା ପରେ ମହୁଆ ହେଉଛନ୍ତି ଓଡିଶା ବୋହୂ। ବୋହୂ ହିସାବରେ ସିଏ ଓଡିଶା ସପକ୍ଷରେ ବାହାରିବା କଥା। ଓଡିଶାର ଲୋକେ ବି ଆଶା କରିଥିଲେ ସଂସଦରେ ତାଙ୍କ ପାଇଁ କହିବାକୁ ଜଣେ ଦକ୍ଷ ଲୋକ ମିଳିଗଲେ। ହେଲେ ଓଡିଶା ସରକାର ତଡୁଥିବା ବଙ୍ଗଳାଦେଶୀମାନଙ୍କ ସପକ୍ଷରେ ମହୁଆ ବାହାରିବା ପରେ ଏବେ ଓଡିଶା ଲୋକଙ୍କ ଆଶା ମଉଳିବାରେ ଲାଗିଛି। ସେମାନେ ବି ବୁଝିପାରୁ ନାହାନ୍ତି ତାଙ୍କ ରାଜ୍ୟର ବୋହୂ ଏ ବଙ୍ଗଳାଦେଶୀଙ୍କ ପ୍ରତି ତେ ଦରଦ କାହିଁକି ଦେଖାଉଛନ୍ତି। ଅବଶ୍ୟ ବାହାଘର ପରେ ମହୁଆ ଏପର୍ଯ୍ୟନ୍ତ ଶାଶୁଘର ରାଜ୍ୟକୁ ଆସିନାହାନ୍ତି। ବିଦେଶରେ ବାହାଘର ପରେ କୋଲକତାରେ ଭୋଜିର ଆୟୋଜନ କରି କାମ ସାରିଦେଇଛନ୍ତି। ଯାହା ହେଲେ ବି ମହୁଆ ଓଡିଶାର ବୋହୂ ହୋଇଥିବାରୁ ତାଙ୍କ ଠାରୁ ଏଭଳି ଆଶା କରାଯାଏ ନାହିଁ ବୋଲି ଖୋଦ୍ ରାଜଧାନୀର କିଛି ବୁଦ୍ଧିଜୀବୀ ଚର୍ଚ୍ଚା ଚଳାଇଛନ୍ତି।



## ଉପଜିଲ୍ଲାପାଳଙ୍କ ଦପ୍ତରରେ ଚାଲିଛି କ'ଣ ?




ଆମେ ଗୋଟିଏ କାମରେ ଭୁବନେଶ୍ୱର କୋର୍ଟ ଆଡେ ଯାଇଥିଲୁ। ସେଠାରେ ଛିଡା ହୋଇଥିବାବେଳେ କିଛି କର୍ମଚାରୀଙ୍କ ଖରାବେଳିଆ ଆଲୋଚନା କାନରେ ପଡିଲା। ଜଣେ କହୁଥାନ୍ତି ବାବୁ ଏ ଉପଜିଲ୍ଲାପାଳଙ୍କ ଦପ୍ତରରେ ଯାହା ଚାଲିଛି ତାହା ଅଳ୍ପଦିନ ମଧ୍ୟରେ ଜଣେ ବାବୁଙ୍କ ଘର ଭାଙ୍ଗିଦେବ। ଆଉ ଜଣେ ସେଥିରେ ମୁଣ୍ଡ ଟୁଙ୍ଗାରୁଥାନ୍ତି। ଆମେ ଟିକେ କଥାଟା ବୁଝିବାପାଇଁ ଜଣେ ବାବୁଙ୍କୁ ପଚାରିଦେଲୁ। ଘର ଭାଙ୍ଗିବାକୁ ଥିବା ବାବୁ କଣ ନିଶା କାରବାର କରନ୍ତି କି ? ସେଇଠୁ ବାବୁ ଜଣଙ୍କ କହିଲେ ନାହିଁ ଆଜ୍ଞା, ନିଶା କାରବାର ପାଇଁ ନୁହେଁ, ମନୋରଞ୍ଜନ କାର୍ଯ୍ୟ ପାଇଁ ଘର ଭାଙ୍ଗିଯିବ। ଏଠାକାର ଜଣେ ବରିଷ୍ଠ ବାବୁ ଓ ଜଣେ ଠିକା ବାବୁଆଣି ଏଭଳି ମନୋରଞ୍ଜନ କାର୍ଯ୍ୟରେ ଲିପ୍ତ ଯେ କଥା ଯାଇ ବାବୁଙ୍କ ଘର ପାଖରେ ପହଞ୍ଚିଲାଣି। କେତେବେଳେ ଘରେ ପହଞ୍ଚିବ ତାହାକୁ ଅପେକ୍ଷା। ଯଦି ଏମିତି କିଛି ହେଲା ତେବେ ବାବୁଙ୍କ ଘର ଭାଙ୍ଗିବାଟା ଥୟ। ତେଣେ ଠିକା ବାବୁଆଣି ଜଣଙ୍କ ବି ବିଲେଇ ଆଖିବୁଜି ଖୀର ଖାଇଲା ଭଳି ସ୍ଥିତିରେ ଅଛନ୍ତି। ତାଙ୍କ ଘରେ ଖବର ଦେବାପାଇଁ ଦପ୍ତରର କିଛି କର୍ମଚାରୀ ଲାଗି ପଡିଛନ୍ତି। ଏମାନଙ୍କ ମନୋରଞ୍ଜନ କାର୍ଯ୍ୟକୁ କିଛି କର୍ମଚାରୀ ଦିନରେ ଜଗିବାରୁ ଦୁଇ ଜଣ ଏବେ ଅଫିସ ପରେ ଘଣ୍ଟାଏ କବାଟ କିଳା ଆଲୋଚନା ଚଳାଉଛନ୍ତି। ଏହାର ଫଟୋ କିମ୍ବା ଭିଡିଓ ପ୍ରମାଣ ପାଇଁ କର୍ମଚାରୀମାନେ ଯେଭଳି ଲାଗି ପଡିଛନ୍ତି ବରିଷ୍ଠ ବାବୁ ଓ ଠିକା ବାବୁଆଣିଙ୍କ ଘର ଭାଙ୍ଗିବା ବେଶି ଦୂର ନୁହେଁ ବୋଲି କର୍ମଚାରୀ ଜଣଙ୍କ କହିବାରୁ ଆମେ ସବୁ କିଛି ବୁଝିଲା ଭଳି ମୁଣ୍ଡ ଟୁଙ୍ଗାରି ସେଠାରୁ ପଳାଇ ଆସିଲୁ।

## ସ୍ମାର୍ଟସିଟି ଦପ୍ତରରେ କୁହୁକ ଖେଳ



କେନ୍ଦ୍ର ସରକାର ସ୍ମାର୍ଟ ସିଟି ଯୋଜନାକୁ ବନ୍ଦ କରିଦେଲଣି। ହେଲେ ଭୁବନେଶ୍ୱର ସ୍ମାର୍ଟ କିନ୍ତୁ ପୂର୍ବଭଳି ସକ୍ରିୟ। ଏଠାରେ ଏବେ କୁହୁ କ ଖେଳ ଚାଲିଥିବା ନେଇ ଆଲୋଚନା ଚାଲିଛି। ଆମେ ଟିକେ କୁକୁକ ଖେଳ ବିଷୟରେ ପଚାରି ଦେବାରୁ ଜଣେ ବାବୁ କହିଲେ, ଏଠାରେ ଥିବା ଜଣେ କର୍ମଚାରୀ ସ୍ମାର୍ଟ ସିଟିରୁ ମୋଟା ଅଙ୍କର ବେତନ ପାଉଥିଲେ। ସ୍ମାର୍ଟ ସିଟି ମୁଖିଆଙ୍କର ଭାରି ପ୍ରିୟ। ସ୍ମାର୍ଟ ସିଟିରେ କାମ କରୁଥିବା ସମୟରେ ତାଙ୍କ ନଜର ପଡିଲା ବିଏମସି ଉପରେ। ଯୋଗକୁ ବିଏମସିରେ ସେତେବେଳେ ଜଣେ ଯୋଗାଯୋଗ ଅଧିକାରୀଙ୍କର ଖୋଜା ପଡିଥିଲା। ସେଇଠୁ ଆରମ୍ଭ ହେଲା କୁହୁ କ ଖେଳ। କର୍ମଚାରୀ ଜଣଙ୍କ ଦୁଇ ନାଆରେ ଗୋଡ ଦେଲେ। ସ୍ମାର୍ଟ ସିଟିରୁ ମାସକୁ ୯୦ ହଜାର ଓ ବିଏମସିରୁ ମାସକୁ ୩୦ ହଜାର ନେଲେ। ଉଭୟ ସ୍ମାର୍ଟ ସିଟି ଓ ବିଏମ୍ସି ବାବୁମାନେ ସବୁ ଜାଣୁଥିଲେ। ହେଲେ ଏହି କରିତ୍କର୍ମା ଜଣଙ୍କ ଦୁଇ ପଟକୁ ଏଭଳି ସନ୍ତୁଷ୍ଟ କରି ରଖିଥିଲେ ଯେ କେହି ପାଟି ଖୋଲିବାକୁ ସାହସ ଜୁଟାଇ ପାରୁନଥିଲେ। ଏହାରି ଭିତରେ ବିଏମ୍ସିର କମିଶନର ବଦଳିଲେ। ନୂଆ କମିଶନର ଆସି କୁହୁ କ ଖେଳ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତୁରନ୍ତ ନିର୍ଦ୍ଦେଶ ଦେଲେ ବିଏମସି ଛାଡ। ମାମଲା ଆଗକୁ ବଢିବା ପୂର୍ବରୁ ଧୂର୍ତ୍ତ କର୍ମଚାରୀ ଜଣଙ୍କ ବିଏମସି ଛାଡି ନିଜର ମୂଳ ଜାଗାକୁ ଫେରି ଆସିଲେ। ହେଲେ ସ୍ମାର୍ଟ ସିଟିରେ ତାଙ୍କ ସନ୍ତୁଷ୍ଟିକରଣ ଯୋଗୁଁ ସ୍ମାର୍ଟ ସିଟିର ସ୍ମାର୍ଟ ବାବୁମାନେ ମୁହଁରେ ସ୍ମାର୍ଟ ତାଲା ପକାଇ ନିରବ ରହିଲେ।

## କଂଗ୍ରେସ ନେତାଙ୍କ ଅଭିଆଡ଼ି ଚିନ୍ତା



କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗର ଚିନ୍ତା ଏବେ ଅଭିଆଡି ଠିକା କର୍ମଚାରୀମାନଙ୍କୁ ନେଇ। ଠିକା ଚାକିରି କରିଥିବା ଯୁବକମାନଙ୍କୁ କେହି ଝିଅ ଦେଉନାହାନ୍ତି ବୋଲି ସେ ଖୋଲାଖୋଲି ଭାବେ ବିଧାନସଭାରେ କହିଛନ୍ତି। କଂଗ୍ରେସ ନେତା ଜଣଙ୍କ ଏକଥା କହିଲାବେଳେ ଯଦିଓ କିଛି ଲୋକ ହସୁଥିଲେ କିନ୍ତୁ ମାମଲାର ଗମ୍ଭୀରତାକୁ ଦେଖି ଅନେକ ଚୁପ୍ ରହିଥିଲେ। ରାଜ୍ୟରେ ନିଯୁକ୍ତି ସଂକ୍ରାନ୍ତରେ ଆସିଥିବା ମୁଲତବି ଆଲୋଚନାରେ ଭାଗ ନେଇ ଦାଶରଥୀ କହିଥିଲେ ଯେ ସରକାରଙ୍କର ଠିକା ଓ ଆଉଟସୋର୍ସିଂ ନିଯୁକ୍ତି ଏବେ ଅନେକ ଯୁବକଙ୍କ ପାରିବାରିକ ସ୍ଥିତିକୁ ଦୋହଲାଇ ଦେଲାଣି। ଅଳ୍ପ ଦରମା ଯୋଗୁଁ ସେମାନଙ୍କୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି। କିଛି ଯୁବକ ଅଭିଆଡି ରହିଗଲେଣି। ତେଣୁ ସରକାର ତୁରନ୍ତ ଏମାନଙ୍କୁ ସ୍ଥାୟୀ କରିବା ସହିତ ଏ ଆଉଟସୋର୍ସିଂ ବ୍ୟବସ୍ଥାର ଉଚ୍ଛେଦ କରନ୍ତୁ। ଦାଶରଥୀ ଏକଥା କହିଲାବେଳେ ଅନେକ ତାଙ୍କ ଶ୍ମଶ୍ରୁ ମୁଖ ମଣ୍ଡଳକୁ ଚାହିଁ ହସୁଥିବାବେଳେ ସଂଖ୍ୟାଧିକ ବିଧାୟକ କିନ୍ତୁ ମାମଲାର ଗମ୍ଭୀରତାକୁ ବୁଝି ଚୁପ୍ ରହିଥିଲେ। ଏବେ ଆଉଟସୋର୍ସିଂ କର୍ମଚାରୀମାନେ କହୁଛନ୍ତି, କେହି ଜଣେ ହେଲେ ତ ସେମାନଙ୍କ ମନର ବେଦନା ବୁଝିଲା। ସେଥିପାଇଁ କିଛି କର୍ମଚାରୀ ଦାଶରଥୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ଯୋଜନା ଚଳାଇଥିବା ସୂଚନା ମିଳିଛି। ତେବେ ବୈରାଗ୍ୟ ଅବତାରରେ ଥିବା ଦାଶରଥୀ ଆଗକୁ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ କ'ଣ ସବୁ ଯୁକ୍ତି ରଖୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

● ଫରେଷ୍ଟରଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ଜେଲ୍‌ଗଲେ ମାଷ୍ଟରମାଇଣ୍ଡ ଓ ଡ୍ରାଇଭର



**କାଳିଆପାଣି, ୭।୧୨ (ସଂଚାର ବ୍ୟୁରୋ):** କଟକ ବନଖଣ୍ଡ ଟମକା ରେଞ୍ଜ ଓ ସେକ୍ସନର ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ କାର୍ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଦ୍ୱରିତ ପଦକ୍ଷେପ ନେଇଛି। କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଦିବାକର ମହାନ୍ତି ସଦଳବଳ ଏକାଧିକ ସ୍ଥାନରେ ଚଢ଼ଉକରି ଏହି ଘଟଣାର ମାଷ୍ଟରମାଇଣ୍ଡ୍ ଟମକା ଥାନା ଚିତ୍ରୀ ଗାଁର ରଙ୍ଗ ବଲ୍ଲଭ ଜେନା ଓରଫ୍ ବାଦଲ(୪୨) ଓ ସେଦିନ ଗାଡ଼ି ଚଳାଉଥିବା ଡ୍ରାଇଭର ଚିନ୍ମୟ କୁମାର ନାୟକ(୨୬) କୁ ଚିତ୍ରୀରୁ ଗିରଫ କରିଥିଲେ। ଚିନ୍ମୟ ଚଳାଉଥିବା ଉକ୍ତ ପୁରୁଣା ମାରୁତି କାର୍(ଓଆର୍-୦୭ଏମ୍-୨୭୯୭) ଓ ବାଦଲ ଠାରୁ ମହିନ୍ଦ୍ରା ଏକ୍ସୟୁଭି-୩୦୦(ଓଡି-୦୪ଟି-୦୧୯୦) କାର୍ ଜବତ କରାଯାଇଛି। ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଛି। ହେଲେ ୨ ଦିନ ଧରି ପୁଲିସ ଚଢ଼ଉ ଜାରି ରହିଥିଲେ ହେଁ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଚଣ୍ଡିଖୋଲ ଇଲାକାର ଅନ୍ୟଜଣେ ପଥର ମାଫିଆ ଖସି ପଳାଇଥିବା ସୂଚନା ମିଳିଛି।

ଜିଦ୍‌ରେ ଅଟଳ ପ୍ରାଥମିକ ଶିକ୍ଷକ

# ସାମୂହିକ ଛୁଟିରେ ଯିବାକୁ ଧମକ



**ଭୁବନେଶ୍ୱର, ୭।୧୨(ସଂଚାର ବ୍ୟୁରୋ):** ଜିଦରେ ଅଟଳ ପ୍ରାଥମିକ ଶିକ୍ଷକ। ସରକାରଙ୍କ ସହ ଆଲୋଚନା ବିଫଳ ପରେ ମାସ୍ ଲିଭରେ ଯିବାକୁ ଦେଲେ ଧମକ। ତିନି ଦିନ ଧରି ଲୋୟର ପିଏମଜିରେ ଚାଲିଛି ପ୍ରାଥମିକ ଶିକ୍ଷକଙ୍କ ଅହୋରାତ୍ର ଧାରଣା। ସ୍କୁଲରେ ପାଠପଢ଼ା ଛାଡି ଆନ୍ଦୋଳନରେ ସାମିଲ ହୋଇଛନ୍ତି ରାଜ୍ୟର ପ୍ରାୟ ୬୦ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ। ଚୁଡାମୁଢ଼ି ଖାଇ ଶୀତ କାକରରେ ରାତି କାଟୁଛନ୍ତି। ପୁଣି କିଏ ସାଙ୍ଗରେ କୁନି ପିଲାଙ୍କୁ ଧରି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦୁଇ ଦଫା ଦାବିରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ ମହାସଂଘ। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ବର୍ଗଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନ୍କ୍ରିମେଣ୍ଟ ପ୍ରଦାନ କରାଯାଉ। ଏଥିସହ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କୁ ୩୫ ହଜାର ୪ଶହ ଟଙ୍କା ଗ୍ରେଡ୍ ପେ ହାରରେ ଦରମା ପ୍ରଦାନ। ମହାସଂଘର କହିବା ଅନୁସାରେ, ଯେପର୍ଯ୍ୟନ୍ତ ଦାବି ପୂରଣ ହେବନି ସେପର୍ଯ୍ୟନ୍ତ ରାଜଧାନୀରୁ ବ୍ଲକ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦରକାର ପଡିଲେ ସେମାନେ ସାମୂହିକ ଛୁଟିରେ ଯିବେ ବୋଲି ମଧ୍ୟ ଧମକ ଦେଇଛନ୍ତି।

ଦୁଇ ଦଫା ଦାବି ନେଇ ଗତକାଲି ଗଣଶିକ୍ଷା ମନ୍ତ୍ରୀ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଶିକ୍ଷକ ମହାସଂଘର ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ତେବେ ଏହା ବିଫଳ ହେବା ପରେ ଆଜି ବିଧାନସଭା ବନ୍ଦ ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛନ୍ତି ଶିକ୍ଷକମାନେ।

(ରାଜ୍ୟବ୍ୟାପୀ ଶୀତର ଥାର୍ଡ ଡିଗ୍ରି)

## ଘୁ.ଉଦୟଗିରିରେ ୪.୪ ଡିଗ୍ରି

**ଘୁ.ଉଦୟଗିରି,୭।୧୨(ସଂଚାର ବ୍ୟୁରୋ):** ଆଜି ଘୁ. ଉଦୟଗିରି ହେଉଛି ଓଡ଼ିଶାର ସବୁଠାରୁ ଥଣ୍ଡା ସହର। ଏଠାରେ ଆଜିର ତାପମାତ୍ରା ରହିଛି ୪.୪ ଡିଗ୍ରି ସେଲସିୟସ୍। ଏହା ଏବର୍ଷର ସବୁଠାରୁ କମ୍ ତାପମାନ ବୋଲି ଜଣାଯାଇଛି। ଗତ ଶୁକ୍ରବାର ପାରଦ ୧୦.୪ ଡିଗ୍ରି ଥିବା ବେଳେ ଶନିବାର ୫.୬ ଡିଗ୍ରି ରେକର୍ଡ କରାଯାଇଥିଲା। ଏଣେ ରାଉରକେଲାରେ ଆଜିର ତାପମାତ୍ରା ୭.୨ ଓ ଝାରସୁଗୁଡ଼ାରେ ୭.୬ ଡିଗ୍ରି ରହିଛି। ରାଜଧାନୀରେ ୧୧.୯ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାତି ତାପମାତ୍ର ୧୦ ଡିଗ୍ରି ତଳେ ରହିଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ତଳ ମୁହାଁ ହେବା ଆଶଙ୍କା କରିଛି ପାଣିପାଗ ବିଭାଗ। ସଞ୍ଜ ନଇଁଲେ ତାପମାତ୍ରା ଖସିବା ସହ ଶୀତର ପ୍ରକୋପ ବଢ଼ିବା ସହ ରାତିରେ ଜାଡ଼ ଆରମ୍ଭ ହୋଇଯାଉଛି।ଲଘୁଚାପ, ଘୂର୍ଣ୍ଣିବଳୟ ଯୋଗୁ ବର୍ଷା ଏବଂ ପରବର୍ତ୍ତୀ ସମୟରେ ପାଗ ମେଘୁଆ କାରଣରୁ ଏକ ସପ୍ତାହ ହେଲା ଶୀତ କମିଯାଇ ଥିବା ବେଳେ କାଲିଠାରୁ ହଠାତ ଅନୁଭୂତ ହୋଇଛି ଶୀତ। କୋହଲା ପବନରେ ଦେହ କାଲୁଆ ହୋଇ ଯାଇଥିବା ବେଳେ ରାସ୍ତାକଡ଼ରେ ବସି ବ୍ଯବସାୟ କରୁଥିବା ବ୍ଯବସାୟୀ, ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ପେଟ ପୋଷୁଥିବା ସ୍ଥାନୀୟ ଅଧିବାସୀ, ଅସହାୟ, କଚା ଘରେ ରହୁଥିବା ଲୋକଙ୍କ ପାଇଁ ପ୍ରବଳ ଶୀତ ବଢାଇ ଦେଇଛି ଚିନ୍ତା

● ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍

## ସର୍ବସାଧାରଣ ନିମନ୍ତେ ଟ୍ରାଫିକ କଟକଣା ଜାରି

**କଟକ,୭।୧୨(ସଂଚାର ବ୍ୟୁରୋ) :** ଆସନ୍ତା ୯ ତାରିଖ ଦିନ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ସେହିପରି ୮ ତାରିଖ ଦିନ ଅଭ୍ୟାସ ମ୍ୟାଚ ହେବାକୁ ଯାଉଛି। ଏହି ଦିନ ମ୍ୟାଚ୍ ଓ ଖେଳାଳିମାନଙ୍କୁ ଦେଖିବା ନିମନ୍ତେ ବାରବାଟୀ ଷ୍ଟାଡିୟମ୍ ଓ ଏହାର ଆଖପାଖରେ ବିପୁଳ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କ ସୁରକ୍ଷା ଓ ଜନସାଧାରଣଙ୍କ ସୁଗମନାଗମନ ନିମନ୍ତେ ଓଡିଶା ସହରାଞ୍ଚଳ ଆଇନ୍ ୨୦୦୩ ର ଧାରା ୨୮ ଏବଂ ପୁଲିସ କମିଶନରେଟ୍ ଭୁବନେଶ୍ୱର-କଟକ (ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର) ରେଗୁଲେଶନ ୨୦୦୮ ର ଧାରା ୩୬ ଅନୁସାରେ କଟକଣା ୮ ତାରିଖ ଦିନ ୧୨ ଘଟିକା ଠାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଏବଂ ୯ ତାରିଖ ଦିନ ସକାଳ ୮ ଘଟିକା ଠାରୁ ଭିଡ଼ ଭାଙ୍ଗିବା ପର୍ଯ୍ୟନ୍ତ ଲାଗୁ କରାଯାଉଛି। ମାତାମଠ ପଟୁ ମହାନଦୀ ରିଂ ରୋଡ଼ରେ ଆସୁଥିବା ସମସ୍ତ ଯାନବାହନ ଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡିଗୁଡିକୁ ପାର୍କିଂ କରି ପାରିବେ। କେବଳ ପାସ୍ ଥିବା ଯାନବାହନଗୁଡିକ ବାୟୋ ଡିପୋ ଗଡାର ବାମକୁ ଯାଇ ଉପର ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। ହାୱଡ଼ା ମୋଟର ଛକ ଏବଂ ମଣିସାହୁ ଛକ ଆଡୁ ଆସୁଥିବା ଯାନବାହାନ ଗୁଡିକ ଗ୍ରୀନାର୍ ହୋଟେଲ୍ ଛକରୁ ସିଧା ମଧୁସୂଦନ ଛକ ଆଡକୁ ଯାଇ ପାରିବେ ନାହିଁ, ସେମାନେ ପୁରୁଣା ଲ ହଷ୍ଟେଲ ଛକ ଦେଇ ମହାନଦୀ ରିଂ ରୋଡ୍ ରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡିଗୁଡିକୁ ପାର୍କିଂ କରି ପାରିବେ। କେବଳ ପାସ୍ ଥିବା ଗାଡି ବ୍ୟତୀତ ଅନ୍ୟ କୌଣସି ଯାନବାହନ ବିଜୁ ପଟ୍ଟନାୟକ ଛକ କିମ୍ବା ଚଣ୍ଡୀ ଛକ ଆଡୁ ବାରବାଟୀ ଷ୍ଟାଡିୟମ୍ ଆଡକୁ ଯାଇପାରିବେ ନାହିଁ। ସେମାନେ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। କୌଣସି ଯାନବାହନ ଆନନ୍ଦ ଭବନ ଛକରୁ ଭାୟା କିଲ୍ଲା ଫୋର୍ଟ ଦେଇ ବାଲିଯାତ୍ରା ପଡ଼ିଆ ଆଡକୁ ଯାଇପାରିବେ ନାହିଁ। ସେମାନେ କ୍ୟାଣ୍ଟନ୍ ମେଣ୍ଟ ଥାନା ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ଗାଡି ରଖିପାରିବେ।

## ହତ୍ୟା ପରେ ବ୍ୟକ୍ତିଙ୍କୁ ଜାଳିଦେଲେ ଦୁର୍ବୃତ୍ତ

**ଖଲ୍ଲିକୋଟ, ୭।୧୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ନିକଟସ୍ଥ ମେଦିପୁର-ଆଲିପୁର ରାସ୍ତା ସୁଲିଆ ପାହାଡ଼ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହଟି ପ୍ରାୟ ତିନି ଚାରି ଦିନ ତଳର ହୋଇଥିବା ପୋଲିସ ଅନୁମାନ କରୁଛି। ରବିବାରରେ ସେହି ରାସ୍ତା ଦେଇ ଯାଉଥିବା କିଛି ବ୍ୟକ୍ତି ଦୁର୍ଗନ୍ଧ ହେବାରୁ ସୁଲିଆ ପାହାଡ଼ ନିକଟକୁ ଯାଇ ସେଠାରେ ଏକ ଖାଲୁଆ ସ୍ଥାନରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ବ୍ୟକ୍ତିଙ୍କ ଶରୀରରେ ବିଭିନ୍ନ ଆଘାତ ଚିହ୍ନ ରହିଥିବା ବେଳେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିବା ସନ୍ଦେହ କରାଯାଉଛି। ପାରିପାର୍ଶିକ ସ୍ଥିତିକୁ ଦେଖି ଏହା ଏକ ହତ୍ୟା ଘଟଣା ବୋଲି ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ଟିଟିଲାଗଡ଼ରେ ହ୍ୟୁମାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

## ସ୍ତ୍ରୀ ଓ ମାଆଙ୍କ ପ୍ରତିକ୍ରିୟା



**ଟିଟିଲାଗଡ଼, ୭।୧୨ (ସଂଚାର ବ୍ୟୁରୋ) :** ଆମେ ଏବେ ପରିବାରରେ ପୁରୁଷ ବିହୀନ। ଯିଏ ଥିଲା ଆମ ପାଇଁ ସିଏ ନାହିଁ। ଆଗକୁ ଆମକୁ ସମୟ ଦିଅ ପୁଅ ମୃତ୍ୟୁ ରହସ୍ୟ ଉପରୁ ପରଦା ନିଶ୍ଚିତ ଉଠିବ। ମୋ ମାଆ ଯାହା ଅଭିଯୋଗ କରିଛନ୍ତି ପୂର୍ବରୁ ତାହା ହିଁ ଠିକ ତାଙ୍କ ସହ ମୁଁ ଅଛି ଆମେ ବୋହୂ ଶାଶୁ ଠିକ ଅଛୁ। କୌଣସି ବିବାଦ କିମ୍ବା କୌଣସି ମତାନ୍ତର ନାହିଁ। ଏକାଠି ବସି ଉଭୟ କାନ୍ଦି କାନ୍ଦି ଉଭୟଙ୍କ ଲୁହ ପୋଛି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ହ୍ୟୁମାନଙ୍କ ମାଆ ଏବଂ ସ୍ତ୍ରୀ। ଏହା ପୂର୍ବରୁ ହ୍ୟୁମାନଙ୍କ ସ୍ତ୍ରୀ ଶ୍ରୀୟା ମିଶ୍ର ଟିଟିଲାଗଡ ଆସି ସ୍ୱାମୀଙ୍କ ସମାଧି ସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହା ପୂର୍ବରୁ ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତି କହିଛନ୍ତି ହ୍ୟୁମାନ ସାଗରଙ୍କ ମୃତ୍ୟୁର ତଦନ୍ତ ହେଉ । ହ୍ୟୁମାନଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ମୁଖା ଖୋଲୁ । ଏଥିପାଇଁ ଟିଟିଲାଗଡ଼ ଆସିଥିବା ଓଲିଉଡର କଳାକାର, ସଂଗୀତ ନିର୍ଦ୍ଦେଶକ ପ୍ରଥମେ ହ୍ୟୁମାନଙ୍କ ଘରେ ପହଞ୍ଚିଥିଲେ । ଅଭିନେତା ଅନୁଭବ ମହାନ୍ତି ହ୍ୟୁମାନଙ୍କ ମାଆଙ୍କୁ ଦେଖାକରି ସମବେଦନା ଜଣାଇବା ସହ କହିଥିଲେ ହ୍ୟୁମାନଙ୍କ ମୃତ୍ୟୁକୁ ନେଇ ତଦନ୍ତ ନିଶ୍ଚୟ ହେବା ଉଚିତ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲିଖିତ ଭାବେ ଜଣାଇଛି । ଅଭିନେତା, ସୁପରଷ୍ଟାର, ସଙ୍ଗୀତ ନିର୍ଦ୍ଦେଶକ ସମସ୍ତେ ହ୍ୟୁମାନଙ୍କ କବରରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ସମସ୍ତେ ଗୋଟିଏ ଦାବି କରିଛନ୍ତି ହ୍ୟୁମାନଙ୍କ ଅକାଳ ମୃତ୍ୟୁର ତଦନ୍ତ ହେଉ ।

● ବିଶ୍ୱ ଶକ୍ତି ନେତା ସମ୍ମିଳନୀର ଦ୍ୱିତୀୟ ଦିନ

## ପବ୍ଲିକ- ପ୍ରାଇଭେଟ ପାର୍ଟନରସିପକୁ ଗୁରୁତ୍ୱ



**ଭୁବନେଶ୍ୱର, ୭।୧୨(ସଂଚାର ବ୍ୟୁରୋ):** ବିଶ୍ୱ ଶକ୍ତି ନେତା ସମ୍ମିଳନୀ ୨୦୨୫ ର ଦ୍ୱିତୀୟ ଦିନରେ 'ସହଭାଗିତା' ବିଷୟବସ୍ତୁ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ-ଘରୋଇ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯାହା ଶକ୍ତି ପରିବର୍ତ୍ତନରେ ସ୍ଥାୟିତ୍ୱ, ସନ୍ତୁଳନ ଏବଂ ନବଉଦ୍ଭାବନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଉପମୁଖ୍ୟମନ୍ତ୍ରୀ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧିବେଶନ ସମୟରେ ଉପସ୍ଥିତ ଥିଲେ। ମେଟ୍ରିକ୍ସ ଅଧ୍ୟକ୍ଷ ୱିଲିୟମ୍ ମୋରିସନଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏହି ଅଧିବେଶନ ଏକ ସଫଳ ପରିବର୍ତ୍ତନ ପାଇଁ ଜୀବାଶ୍ମ-ଆଧାରିତ ଇନ୍ଧନରୁ ଅଣ-ଜୀବାଶ୍ମ-ଆଧାରିତ ଶକ୍ତି ଉତ୍ସକୁ ସ୍ଥାନାନ୍ତରିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶରେ ଶକ୍ତି ପରିବର୍ତ୍ତନର ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବା ପାଇଁ ପ୍ୟାନେଲ ଗୁରୁତ୍ୱାରୋପ କରି କହିଥିଲେ ଯେ , ଏକ ଦୃଢ଼ ସାର୍ବଜନୀନ-ଘରୋଇ ସହଭାଗୀତା ମଡେଲ ଆବଶ୍ୟକ, ଯେଉଁଥିରେ ନିବେଶର ଦୃଢ଼ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାର ଏକ ଉଲ୍ଲେଖନୀୟ ଉଦାହରଣ ହେଉଛି ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା, ଡିସକମ ଢାଞ୍ଚା ଅଧୀନରେ ପ୍ରଭାବଶାଳୀ ଶକ୍ତି ପରିଚାଳନାକୁ ଏକ ସଫଳ ଉଦାହରଣ ଭାବରେ ଉପସ୍ଥାପିତ କରାଯାଇଥିଲା। ଏହି ଆଲୋଚନାରେ ଏକ ବିଶିଷ୍ଟ ପ୍ୟାନେଲ ସାମିଲ ଥିଲେ, ଯେଉଁଥିରେ ଟାଟା ପାୱାରର ସିଇଓ ଡକ୍ଟର ପ୍ରବୀର ସିହ୍ନା, ଅରୋରା ଏନର୍ଜିର ଇଣ୍ଡିଆ ମୁଖ୍ୟ ଦେବବ୍ରତ ଘୋଷ, ଆଇଫରେଷ୍ଟର ସିଇଓ ଚନ୍ଦ୍ର ଭୂଷଣ, ଇଭିପି (ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ପିଏମଓ), ରିନ୍ୟୁ, ଆଭାଡା ଗ୍ରୁପର ସଭାପତି ପ୍ରଶାନ୍ତ ଚୌବେ ସାମିଲ ଥିଲେ।

## ଦାଦାବଟି ନ ଦେବାରୁ ଇଂଜିନିୟରଙ୍କୁ ଛୁରାମାଡ଼

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ) :** ଶିଶୁପାଳଗଡ଼ର ଇଲା ସାହିରେ ଛୁରାମାଡ । ଜଣେ ସିଭିଲ ଇଂଜିନିୟରଙ୍କୁ ଛୁରାମାଡ । ଘର ସାମ୍ନାରେ ଚାରି ଜଣ ଦୁର୍ବୃତ୍ତ ଛୁରାମାଡ କରିଛନ୍ତି । ଥାନାରେ ଅଭିଯୋଗ କରିବାରୁ ଛୁରାମାଡ। ସିଭିଲ ଇଞ୍ଜିନିୟର ବିଜୟ କୁମାର ସାହୁଙ୍କୁ ଛୁରାମାଡ । ବିଜୟ ମୁମ୍ବାଇରେ କାମ କରନ୍ତି। ସେ ଭୁବନେଶ୍ୱର ଆସିଥିବା ବେଳେ ତାଙ୍କ ଘର ସାମ୍ନାରେ ଛୁରାମାଡ କରିଥିଲେ ଦୁର୍ବୃତ୍ତ । ଦାଦାବଟିକୁ କେନ୍ଦ୍ର କରି ଏଭଳି ଛୁରାମାଡ କରିଛନ୍ତି ଦୁର୍ବୃତ୍ତ। କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଆହାତ ବିଜୟ । ଛୁରା ମାଡ଼ ପରେ ରକ୍ତାକ୍ତ ଅବସ୍ଥାରେ ଥାନାକୁ ଦଉଡ଼ିଥିଲେ ସେ । ଖବର ପାଇ ଥାନା ଟିମ୍ ପହଞ୍ଚିଥିଲା । ପିସିଆର ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏନେଇ ତାଙ୍କ ପତ୍ନୀ କହିଛନ୍ତି ଯେ ଶିଶୁପାଳ ଗଡ଼ର କିଛି ଦୁର୍ବୃତ୍ତ ନିଶା ଖାଇ ଉତ୍ପାତ କରନ୍ତି । ଗତକାଲି ତାଙ୍କ ଘରକୁ ଆସୁଥିବା ଲୋକଙ୍କୁ ଟଙ୍କା ମାଗିଥିଲେ। ଏନେଇ ବିରୋଧ କରିବାରୁ ତାଙ୍କୁ ଟାର୍ଗେଟ କରିଥିଲେ । ଗତକାଲି ଏନେଇ ଥାନାରେ ରିପୋର୍ଟ ଦେଇଥିଲେ। ଥାନାରେ କାହିଁକି ରିପୋର୍ଟ କଲ ବୋଲି କହିବା ସହ ଏଭଳି ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି ବୋଲି ତାଙ୍କ ପତ୍ନୀ କହିଛନ୍ତି ।

୧୧ ବର୍ଷ କାଳ ନିଖୋଜ ପରେ ବାଂଲାଦେଶରୁ ଉଦ୍ଧାର

# ସୁରକ୍ଷିତ ଭାବେ ଘରକୁ ଫେରିଲେ ସୁଦାମ



**କୋଲକାତା/ ଭୁବନେଶ୍ୱର, ୭।୧୨(ସଂଚାର ବ୍ୟୁରୋ):** ଦୀର୍ଘ ୧୧ ବର୍ଷ ଧରି ନିଖୋଜ ଥିବା ବଡସାହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁର ସୁଦାମ ହେମ୍ବ୍ରମଙ୍କୁ ମୟୂରଭଞ୍ଜ ଜିଲ୍ଲା ପୁଲିସ୍ ଓ ପ୍ରଶାସନ ସହାୟତାରେ ସୁରକ୍ଷିତ ଭାବେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରାଯାଇଛି। ଜିଲ୍ଲା ପୁଲିସ୍, ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ଦୂତାବାସ ତଥା ବାଂଲାଦେଶ ଦୂତାବାସର ସାମୂହିକ ଉଦ୍ୟମ ଯୋଗୁଁ ନିଖୋଜ ଥିବା ସୁଦାମ ହେମ୍ବ୍ରମ ସୁରକ୍ଷିତ ଭାବେ ତାଙ୍କ ପରିବାର ସହ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁର ବାସିନ୍ଦା ସ୍ୱର୍ଗତ କିଶୋର ହେମ୍ବ୍ରମଙ୍କ ପୁତ୍ର ସୁଦାମ ଗତ ୨୦୧୨ ମସିହାଠାରୁ ନିଖୋଜ ହୋଇଯାଇଥିଲେ। ସେ ଭାରତ-ବାଂଲାଦେଶ ସୀମା ଅତିକ୍ରମ କରି ଚାପାଇ ନବାବଗଞ୍ଜ ଅଞ୍ଚଳରେ ପହଞ୍ଚିଥିଲେ। ଗତ ଅକ୍ଟୋବର ୨୮ ତାରିଖରେ ଭାରତୀୟ ଦୂତାବାସ ତଥା ବାଂଲାଦେଶ ଦୁତାବାସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ପୁଲିସକୁ ସୁଦାମଙ୍କ ସମ୍ପର୍କରେ ସୂଚନା ହସ୍ତଗତ ହୋଇଥିଲା। ବାଂଲାଦେଶ ଦୁତାବାସ, ଢାକାଙ୍କ ନିର୍ଦ୍ଦେଶ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ପୁଲିସ୍ ସୁଦାମ ହେମ୍ବ୍ରମଙ୍କ ପରିଚୟ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲା। ପରେ ଜିଲ୍ଲା ପୁଲିସ୍ ଓ ଜିଲ୍ଲା ପ୍ରଶାସନର ଏକ ମିଳିତ ଟିମ୍ ଗଠନ କରାଯାଇ ସୁଦାମଙ୍କୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ସେହି ଅନୁଯାୟୀ, ଗତ ୬ତାରିଖରେ ମୟୂରଭଞ୍ଜ ଜିଲ୍ଲା ପୁଲିସ୍, ଜିଲ୍ଲା ପ୍ରଶାସନ ଏବଂ ସୁଦାମଙ୍କ ପରିବାର ସଦସ୍ୟଙ୍କ ସମେତ ଏକ ଟିମ୍ ପଶ୍ଚିମବଙ୍ଗର ହରିଦାସପୁର/ ବେନାପୋଲେ ଲ୍ୟାଣ୍ଡ ଚେକ୍ ପୋଷ୍ଟକୁ ଗସ୍ତ କରିଥିଲେ। ସେଠାରେ ସମସ୍ତ ସରକାରୀ ଓ ସୀମା ସମ୍ବନ୍ଧୀୟ ପ୍ରକ୍ରିୟା ସମାପ୍ତ ହେବା ପରେ ଆଜି ବାଂଲାଦେଶ କର୍ତ୍ତୃପକ୍ଷ ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ପରିବାରବର୍ଗ ଦୀର୍ଘ ୧୧ ବର୍ଷ ପରେ ପୁଅକୁ ପାଇ ଜିଲ୍ଲା ପୁଲିସ ଓ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓କୁଞ୍ଜ ବିହାରୀ କର
ମହିପାଳ, କେନ୍ଦ୍ରାପଡ଼ା
ଆବିର୍ଭାବ: ତା ୦୧.୦୧.୧୯୪୬
ତିରୋଧାନ : ତା ୨୭.୧୧.୨୦୨୫
ଆପଣଙ୍କ ଆକସ୍ମିକ ବିୟୋଗକୁ ବାର ଦିନ ବିତିଗଲାଣି, ଏକଥା ବିଶ୍ୱାସ କରି ହେଉନି, ଆପଣଙ୍କ ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଏବଂ ସଦ୍‌ଗତି ପାଇ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ
ଶୋକସନ୍ତପ୍ତ :
ପୁତ୍ର-ଭବାନୀ, ଭଗବତୀ, ଜ୍ୟୋତି

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୦,୧୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୦,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୦,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୦,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୦,୧୫୦ ଓ ୧,୧୯,୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୯୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ପେଟ୍ରୋଲ ଏବଂ ଡିଜେଲ ଦାମରେ ପରିବର୍ତ୍ତନ ହୋଇଥାଏ। ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ଏୟାର ଇଣ୍ଡିଆ ସଜବାଜ




ନୂଆଦିଲ୍ଲୀ, ୭।୧୨: କ୍ରମାଗତ ପଞ୍ଚମ ଦିନ ପାଇଁ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ବାତିଲ ଜାରି ରହିଛି। ଗତଶନିବାର ଦେଶର ବିଭିନ୍ନ ବିମାନବନ୍ଦରରେ ୫୦୦ରୁ ଅଧିକ ବିମାନ ବାତିଲ ହୋଇଛି। ଉଡ଼ାଣ ବାତିଲ ଓ ବିଳମ୍ବ ହେବା କାରଣରୁ ବିମାନବନ୍ଦରଗୁଡ଼ିକରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ସହ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଇଣ୍ଡିଗୋ ଏୟାରଲାଇନ୍ସର ପ୍ରତିଦିନ ଶହଶହ ସଂଖ୍ୟାରେ ବିମାନ ବାତିଲ ହେବା ଫଳରେ ବିମାନ ଟିକଟ ମୂଲ୍ୟ ବହୁମାତ୍ରାରେ ବଢ଼ିଯାଇଛି। ଏଥିଯୋଗୁଁ ଯାତ୍ରୀମାନେ ଶୋଷଣର ଶିକାର ହେଉଛନ୍ତି।

ଏଭଳି ପରିସ୍ଥିତିରେ ଟାଟା ଗ୍ରୁପର ମାଲିକାନା ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫସି ରହିଥିବା ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ପାଇଁ ବଡ଼ ପଦକ୍ଷେପର ଘୋଷଣା କରିଛି। ଏୟାର ଇଣ୍ଡିଆ ପକ୍ଷରୁ ପ୍ରକାଶ, ଡିସେମ୍ବର ୪ ତାରିଖରୁ ସମସ୍ତ ନନ୍-ଷ୍ଟପ୍ ଘରୋଇ ବିମାନରେ ଇକୋନୋମି ଭଡ଼ା ଉପରେ ଏକ ନିଶ୍ଚିତ ସୀମା ଲାଗୁ କରାଯାଇଛି। କେବଳ ଏତିକି ନୁହେଁ ଫସି ରହିଥିବା ଯାତ୍ରୀମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଟିକେଟ ପୁନଃନିର୍ଦ୍ଧାରଣ ଏବଂ ବାତିଲକରଣ ଚାର୍ଜରେ ବଡ଼ ରିହାତି ପ୍ରଦାନ କରିଛି। ଯେଉଁ ଯାତ୍ରୀମାନେ ଡିସେମ୍ବର ୪ ତାରିଖ ଭିତରେ ଏୟାରଲାଇନ୍ସରୁ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଯାତ୍ରା ପାଇଁ ଟିକେଟ କରିଥିଲେ ସେମାନେ ରିସିଡ୍ୟୁଲିଙ୍ଗ ଫିସ୍ ବିନା ଯାତ୍ରାର ତାରିଖ ପରିବର୍ତ୍ତନ କରିପାରିବାର ସୁଯୋଗ ପ୍ରଦାନ କରାଯାଇଛି। ଯଦି ସେମାନେ ଚାହାଁନ୍ତି, ତେବେ ସେମାନେ ସେମାନଙ୍କର ଟିକେଟ ବାତିଲ କରି ପାରିବେ। ଏତଦ୍ ଦ୍ୱାରା ଯାତ୍ରୀଙ୍କୁ ଟିକେଟ ପାଇଁ ପୈଠ କରିଥିବା ସମସ୍ତ ଟଙ୍କା ଫେରସ୍ତ କରି ଦିଆଯିବ।

ଏୟାର ଇଣ୍ଡିଆ ଏହାର ଗ୍ରାହକ ସେବା କେନ୍ଦ୍ରଗୁଡ଼ିକରେ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବା ସହିତ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ କିଛି ପ୍ରମୁଖ ରୁଟରେ ଅତିରିକ୍ତ ବିମାନ ସେବା ଆରମ୍ଭ କରିଛି। ଏୟାର ଇଣ୍ଡିଆ ଏହା ବି ସ୍ପଷ୍ଟ କରି କହିଛି, ୱେବସାଇଟ୍ ଏବଂ ମୋବାଇଲ୍ ଆପ୍‌ରେ ପୂର୍ବରୁ ଥିବା ରିହାତି ଯୋଜନା ଜାରି ରହିବ। ଯେଉଁଥିରେ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ସଶସ୍ତ୍ର ବାହିନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ସାମିଲ ଅଛନ୍ତି। ଏମାନଙ୍କୁ ପୂର୍ବରୁ ନିର୍ଦ୍ଧାରିତ ଭଡ଼ା ଅପେକ୍ଷା କମ୍ ମୂଲ୍ୟରେ ଟିକେଟ ବୁକ କରିବାର ଲାଭ ମିଳିପାରିବ।

## ନୂଆବର୍ଷରେ ପରିବର୍ତ୍ତନ ହେବ ଅନେକ ନିୟମ

ନୂଆଦିଲ୍ଲୀ, ୭।୧୨: କିଛି ଦିନ ପରେ ସରିଯିବ ବର୍ଷ ୨୦୨୫। ଆଉ ୨୦୨୬ର ଆରମ୍ଭ ସହ ଅନେକ ନିୟମର ପରିବର୍ତ୍ତନ ମଧ୍ୟ ହେବ। ତେଣୁ ଆଡଭାନ୍ସ ଟ୍ୟାକ୍ସ ପୈଠ ଏବଂ ଆଧାର ପ୍ୟାନ୍ ଲିଙ୍କ କରିବା ଭଳି ଅନେକ ଜରୁରୀ କାମ ଏମାସରେ ସାରିନେବା ଭଲ। ଯଦି ଆପଣ ଏହି କାମ କରୁନାହାନ୍ତି ତେବେ ଆପଣଙ୍କୁ ଅସୁବିଧା ହୋଇପାରେ।

ଟ୍ୟାକ୍ସ ଅଡିଟ୍ ଥିବା ଟ୍ୟାକ୍ସପେୟର୍ସଙ୍କ ପାଇଁ ଇନକମ ଟ୍ୟାକ୍ସ ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ହେଉଛି ୨୦୨୫ ଡିସେମ୍ବର ୧୦ । ତେଣୁ ଏହି ତାରିଖ ମଧ୍ୟରେ ଫାଇଲ କରାଯାଇଥିବା ରିଟର୍ଣ୍ଣକୁ, ସମୟ ଅନୁସାରେ ଫାଇଲ କରାଯାଇଥିବା ରିଟର୍ଣ୍ଣ ବୋଲି ଧରାଯିବ। ଏହା ଉପରେ କୌଣସି ଲେଟ୍ ଫି' କିମ୍ବା ଜରିମାନା ଲାଗିବନି।

ଆଡଭାନ୍ସ ଟ୍ୟାକ୍ସ ଭରିବାର ଶେଷ ତାରିଖ ଡିସେମ୍ବର ୧୫। ଏହା ସେହିସବୁ ବ୍ୟକ୍ତିଙ୍କୁ ଦେବାକୁ ପଡ଼ିଥାଏ, ଯେଉଁମାନଙ୍କର ଆନୁମାନିକ ଦେୟ, ଟିଡିଏସ କାଟିବା ପରେ ୧୦ ହଜାରରୁ ଅଧିକ।

ଯଦି ଆପଣ ଏପର୍ଯ୍ୟନ୍ତ ୨୦୨୪-୨୫ ଆର୍ଥିକ ବର୍ଷର ଇନକମ ଟ୍ୟାକ୍ସ ରିଟର୍ଣ୍ଣ (ଆଇଟିଆର) ଫାଇଲ କରିନାହାନ୍ତି। ତେବେ ଲେଟ ଫି ସହ ୨୦୨୫ ଡିସେମ୍ବର ୩୧ ମଧ୍ୟରେ ଫାଇଲ କରିପାରିବେ। ଯଦି ଆପଣ ୫ ଲକ୍ଷରୁ କମ୍ ଆୟର ବିଳମ୍ବିତ ଇନକମ ଟ୍ୟାକ୍ସ ରିଟର୍ଣ୍ଣ ଫାଇଲ କରୁଛନ୍ତି ତେବେ ଆପଣଙ୍କୁ ୧ ହଜାର ଟଙ୍କା ଲେଟ ଫି' ଦେବାକୁ ହେବ। ସେହିଭଳି ୫ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ ଉପରେ ୫ ହଜାର ଟଙ୍କାର ଲେଟ ଫି ଦେବାକୁ ପଡ଼ିବ।

ସେହିଭଳି ଯଦି ଆପଣ ୨୦୨୪ ଅକ୍ଟୋବର ୧ କିମ୍ବା ତା' ପୂର୍ବରୁ ଆଧାର କାର୍ଡ କରିଛନ୍ତି, ତେବେ ଏହାକୁ ପାନ୍ ସହ ଲିଙ୍କ୍ କରିବା ଡିସେମ୍ବର ୩୧ ସୁଦ୍ଧା ବାଧ୍ୟତାମୂଳକ। ନହେଲେ ପାନ୍ କାର୍ଡ ନିଷ୍କ୍ରିୟ ହୋଇଯିବ। ବ୍ୟାଙ୍କିଂ, ନିବେଶ, ଆଇଟିଆର ଫାଇଲିଂରେ ଅସୁବିଧା ହୋଇପାରେ।




## ବଜାରକୁ ଆସିବ ଟାଟା ପଞ୍ଚ ଫେସଲିଫ୍ଟ

ନୂଆଦିଲ୍ଲୀ, ୭।୧୨: ଟାଟା ମୋଟର୍ସ ଏହାର ଲୋକପ୍ରିୟ ଏସୟୁଭି ଟାଟା ପଞ୍ଚକୁ ଏକ ନୂଆ ଫେସଲିଫ୍ଟ ମଡେଲରେ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ୨୦୨୬ ରେ ଲଞ୍ଚ ହେବ ବୋଲି ଆଶା କରାଯାଉଛି। ନିକଟରେ ପଞ୍ଚ ଫେସଲିଫ୍ଟ ପୁଣି ଥରେ ଟେଷ୍ଟିଙ୍ଗ ସମୟରେ ରାସ୍ତାରେ ଦେଖିବାକୁ ମିଳିଥିଲା। ଯାହାପରେ ଏହା ସ୍ପଷ୍ଟ ଯେ ପଞ୍ଚର ନୂଆ ମଡେଲ୍ ଡିଜାଇନ୍ ଏବଂ ଫିଚର୍ସରେ ବଡ଼ ପରିବର୍ତ୍ତନ ଆଣିବ। କମ୍ପାନୀ ଏଥିରେ ପଞ୍ଚ ଇଭି ପରି ଅନେକ ହାଇ-ଟେକ୍ ପରିବର୍ତ୍ତନ କରିଛି, ଯାହା ଏହାର ଲୁକକୁ ଆହୁରି ଆଧୁନିକ କରିଛି। ନୂଆ ପଞ୍ଚ ଫେସଲିଫ୍ଟରେ ସବୁଠାରୁ ବଡ ପରିବର୍ତ୍ତନ ଏହାର ଫ୍ରଣ୍ଟ ଡିଜାଇନରେ ଦେଖିବାକୁ ମିଳିଛି। ଏସୟୁଭିର ଫ୍ରଣ୍ଟରେ ବର୍ତ୍ତମାନ ପଞ୍ଚ ଇଭି ପରି ଏକ ହାଇ-ଟେକ୍ ଲାଇଟିଂ ସେଟଅପ୍ ରହିଛି, ଯାହା ପୂର୍ବ ଅପେକ୍ଷା ଏହାର ଲୁକ୍ କୁ ଅଧିକ ପ୍ରିମିୟମ୍ କରିଥାଏ। ଉପର ଭାଗରେ ଏଲଇଡି ଡିଆରଏଲ ଏବଂ ତଳେ ପତଳା ହରିଜେଣ୍ଟାଲ୍ ହେଡଲ୍ୟାମ୍ପ ଦେଖିବାକୁ ମିଳିବ। ଛୋଟ ସ୍ଲାଟ୍ ସହିତ ଗ୍ରିଲ୍ ର ଡିଜାଇନ୍ ମଧ୍ୟ ନୂଆ ରହିଛି। ସାଇଡ ପ୍ରୋଫାଇଲରେ ଅଧିକ ପରିବର୍ତ୍ତନ ହୋଇନାହିଁ। ନୂଆ ପଞ୍ଚର କ୍ୟାବିନରେ ମଧ୍ୟ ଅନେକ ଅପଡେଟ ମିଳିବାକୁ ଯାଉଛି।




ସବୁଠାରୁ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଛି ଏହାର ନୂଆ ୨-ସ୍ପୋକ୍ ଷ୍ଟିଅରିଂ ହ୍ୱିଲ୍, ଯାହା ଟାଟାର ନୂଆ ଏସୟୁଭିର ଏକ ହଲମାର୍କ ପାଲଟିଛି। ଏହା ବ୍ୟତୀତ ୭ ଇଞ୍ଚ ଟିଏଫଟି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଏବଂ ଏକ ନୂଆ କ୍ଲାଇମେଟ୍ କଣ୍ଟ୍ରୋଲ୍ ପ୍ୟାନେଲ୍ ମଧ୍ୟ ଦେଖିବାକୁ ମିଳେ। କ୍ୟାବିନକୁ ଅଧିକ ଆଧୁନିକ ଦେଖାଯିବା ପାଇଁ ଡ୍ୟାସବୋର୍ଡ ସେଟଅପ୍ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯିବ। ସୁରକ୍ଷା ଦୃଷ୍ଟିରୁ, ପଞ୍ଚ ଫେସଲିଫ୍ଟ ମଧ୍ୟ ଏକ ବଡ଼ ଅପଡେଟ୍ ଆଣିବାକୁ ଯାଉଛି, ଏବଂ ଏଥିରେ ୬ ଏୟାରବ୍ୟାଗକୁ ଷ୍ଟାଣ୍ଡାର୍ଡ କରାଯାଇପାରିବ। ବ୍ଲାଇଣ୍ଡ-ସ୍ପଟ୍ ମନିଟର ଏବଂ ଫ୍ରଣ୍ଟ ଭେଣ୍ଟିଲେଟେଡ୍ ସିଟ୍ ଭଳି ଫିଚର୍ସ ମଧ୍ୟ ଯୋଗ କରାଯାଇପାରିବ। ପଞ୍ଚ ପୂର୍ବରୁ ୧୦.୨୫ -ଇଞ୍ଚ ଟଚସ୍କ୍ରିନ, ୱେୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ / ଆଣ୍ଡ୍ରଏଡ୍ ଅଟୋ / ପଞ୍ଚ ୧୦.୨୫-ଇଞ୍ଚ ଟଚ୍ ସ୍କ୍ରିନ୍ ସହିତ ଆସିଥାଏ। ଆପଲ୍ କାର୍ ପ୍ଲେରେ ୱେୟାରଲେସ୍ ଚାର୍ଜିଂ, ରିୟର ଏସି ଭେଣ୍ଟ ଏବଂ ଭଏସ୍ କଣ୍ଟ୍ରୋଲ୍ ସହିତ ସନରୁଫ୍ ଭଳି ଫିଚର୍ସ ମଧ୍ୟ ରହିଛି।

ପଞ୍ଚ ଫେସଲିଫ୍ଟରେ ଇଞ୍ଜିନରେ କୌଣସି ବଡ଼ ପରିବର୍ତ୍ତନ ନାହିଁ। ଏହି ଏସୟୁଭିରେ ପୂର୍ବ ପରି ସମାନ ୧.୨-ଲିଟର ରେଭୋଟ୍ରନ୍ ପେଟ୍ରୋଲ ଇଞ୍ଜିନ୍ ମିଳିବ, ଯାହା ୮୭.୮ ବିଏଚପି ପାୱାର ଏବଂ ୧୧୫ ଏନଏମ ଟର୍କ ପ୍ରଦାନ କରେ। ଏହା ଉଭୟ ୫-ସ୍ପିଡ୍ ମାନୁଆଲ୍ ଏବଂ ୫-ସ୍ପିଡ୍ ଏଏମ୍ଟି ଗିୟରବକ୍ସ ବିକଳ୍ପ ସହିତ ପ୍ରଦାନ କରାଯିବ। ସିଏନଜି ମଡେଲରେ ମଧ୍ୟ ସମାନ ଇଞ୍ଜିନ ବ୍ୟବହାର କରାଯିବ, ଯାହା ୭୩.୫ ବିଏଚପି ପାୱାର ଏବଂ ୧୦୩ ଏନଏମ ଟର୍କ ପାଇଥାଏ। ମୋଟାମୋଟି ଭାବେ, ଟାଟା ପଞ୍ଚ ଫେସଲିଫ୍ଟ ଡିଜାଇନ୍, ଫିଚର୍ସ ଏବଂ ନିରାପତ୍ତା ଦୃଷ୍ଟିରୁ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ଯାଉଛି, ଯାହା ଏହାର ପ୍ରତିଦ୍ୱନ୍ଦ୍ୱୀ ଏସୟୁଭିରେ ଏହାକୁ ଆହୁରି ଶକ୍ତିଶାଳୀ କରିବ।

## କ୍ୱିକ୍ କମର୍ସ ଆପ୍‌ରେ ଅଧାରୁ ଅଧିକ ଜଙ୍କ୍ ଫୁଡ୍ ଅପସନ

ନୂଆଦିଲ୍ଲୀ, ୭।୧୨: ଲୋକେ ପଇସା ଦେଇ କ୍ୱିକ୍ କମର୍ସ ପ୍ଲାଟ୍‌ଫର୍ମରୁ ରୋଗ କିଣୁଛନ୍ତି। ଅର୍ଥାତ୍ ଏତେମାତ୍ରାରେ ଜଙ୍କଫୁଡ୍ (ତେଲ ମସଲା ଲୁଣି ଚଟପଟା ଖାଦ୍ୟ) କିଣୁଛନ୍ତି ଯେ ଯାହା ରୋଗ ସୃଷ୍ଟି କରିବାର ମୁଖ୍ୟ କାରଣ ହେଉଛି। ଏକ ସର୍ଭେରେ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି। ଭାରତର ସହରାଞ୍ଚଳରେ ଜଙ୍କ୍ ଫୁଡ୍ କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି। ଲୋକାଲସର୍କଲ୍ସର ଏକ ସର୍ଭେ ଅନୁଯାୟୀ, କ୍ୱିକ୍ କମର୍ସ ପ୍ଲାଟଫର୍ମରେ ବିକ୍ରି ହେଉଥିବା ଅଧାରୁ ଅଧିକ ପ୍ୟାକେଜ୍ ହୋଇଥିବା ଖାଦ୍ୟ ସାମଗ୍ରୀରେ ହାଇ ଫେଟ୍(ଉଚ୍ଚ ଚର୍ବିଯୁକ୍ତ), ସୁଗାର(ଶର୍କରା) ଏବଂ ସଲ୍ଟ(ଲବଣ) କିମ୍ବା ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡ ଅଧିକ ରହୁଛି।

୩୯% ପରିବାର ନିୟମିତ ଭାବରେ କ୍ୱିକ୍ କମର୍ସ ଆପ୍‌ରୁ ମୃଦୁ ପାନୀୟ(ସଫ୍ଟ ଡ୍ରିଙ୍କ୍ସ), ବିସ୍କୁଟ, ଚିପ୍ସ ଏବଂ ନୁଡୁଲ୍ସ ଭଳି ଜିନିଷ କିଣୁଥିବାର ସର୍ଭେରେ ଜଣାପଡ଼ିଛି। ଅର୍ଥାତ୍ ପ୍ରତି ଦଶଟି ପରିବାରରୁ ୪ଟି ପରିବାର ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ତେବେ ବଡ଼ କଥା ହେଲା ଅର୍ଡର କରୁଥିବା ଲୋକଙ୍କ ମଧ୍ୟରେ ପିଲା ଏବଂ ଯୁବକଙ୍କ ସଂଖ୍ୟା ସର୍ବାଧିକ ରହିଛି। ବିଶେଷ କରି ଜେନ୍-ଜିଙ୍କୁ ଏହା ବେଶି ଆକୃଷ୍ଟ କରୁଛି। ଯାହା ଏମାନଙ୍କ ମଧ୍ୟରେ ମୋଟାପଣ, ମଧୁମେହ ଏବଂ ହୃଦରୋଗ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। କୋଭିଡ-୧୯ ପରଠାରୁ ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡର ବିକ୍ରି ମୂଲ୍ୟ ୧୦% ରୁ ଅଧିକ ବୃଦ୍ଧି ପାଇଛି। ପିଲାଙ୍କ ଠାରୁ ଆରମ୍ଭ କରି ଯୁବବର୍ଗଙ୍କର ଏହିସବୁ ଜିନିଷପ୍ରତି ଆଗ୍ରହ ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି। ସର୍ଭେରେ ୧୦ଟି ଅଭିଭାବକଙ୍କ ମଧ୍ୟରୁ ୯ ଜଣ ଅଭିଭାବଗ ଜଙ୍କଫୁଡ୍ ଉପରେ ରେଡ୍ ୱାର୍ଣ୍ଣିଂ ଲଗାଇବାକୁ ଦାବି କରିଛନ୍ତି। ଜଙ୍ଗ ଫୁଡ୍ ନିଶାରେ ଜେନ୍ ଜିରିପୋର୍ଟ ଅନୁଯାୟୀ, ଏହି ପ୍ଲାଟଫର୍ମଗୁଡ଼ିକରେ ବିକ୍ରି ହେଉଥିବା ପ୍ରତି ଦୁଇଟି ଜିନିଷ ମଧ୍ୟରୁ ଗୋଟିଏରେ ଜଙ୍କ୍ କିମ୍ବା ଏଚଏଫଏସଏସ ଯୁକ୍ତ ଖାଦ୍ୟ ରହୁଛି। ଏହି ଜିନିଷଗୁଡ଼ିକ ପିଲାମାନେ ପ୍ରାୟତଃ ଅର୍ଡର କରନ୍ତି। ଏଥିରେ ବିସ୍କୁଟ, ଥଣ୍ଡା ପାନୀୟ, ଚିପ୍ସ, ନୁଡୁଲ୍ସ, ଚକୋଲେଟ ଏବଂ ଆଇସକ୍ରିମ ଭଳି ସାମଗ୍ରୀ ସାମିଲ୍ ରହିଛି। ସବୁଠାରୁ ବଡ଼ କଥା ହେଲା ଅନଲାଇନ୍



ପ୍ଲାଟଫର୍ମରେ ପ୍ରଚୁର ବିକଳ୍ପ ରହୁଥିବାରୁ ପିଲାମାନଙ୍କ ପାଇଁ ଏସବୁ ଦୂରେଇ ରହିବା କଷ୍ଟକର ହୋଇପଡୁଛି। ତେଣୁ ଲୋଭରେ ପଡ଼ି ସେମାନେ ଏସବୁ ଖାଦ୍ୟ ମଗାଉଛନ୍ତି।

ସର୍ଭେରେ କୁହାଯାଇଛି ଯେ କୋଭିଡ୍-୧୯ ପରେ ଜଙ୍କ୍ କିମ୍ବା ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡ୍‌ର ଚାହିଦା ଭି ଶେପ୍ଡ(ଦୁଇ ଗୁଣ ଆଧାରରେ) ଭାବରେ ବଢ଼ିବାରେ ଲାଗିଛି। ଖାସ୍ କରି ଜେନ-ଜିଙ୍କ ମଧ୍ୟରେ ଏହି ଧାରା ଅଧିକ ଦେଖାଯାଉଛି। କମ୍ ମୂଲ୍ୟରେ ଏଗୁଡ଼ିକ ଶୀଘ୍ର ପହଞ୍ଚି ଯାଉଥିବାରୁ ଜେନ୍-ଜି ଏଭଳି ଖାଦ୍ୟ ଅଧିକମାତ୍ରାରେ ମଗାଉଛନ୍ତି।

୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶର ୨୭୭ଟି ଜିଲ୍ଲାରେ ୪୨,୦୦୦ ରୁ ଅଧିକ ଲୋକଙ୍କ ଉପରେ ଲୋକାଲସର୍କଲ୍ସ ସର୍ଭେ କରିଥିଲେ। ଏଥିମଧ୍ୟରୁ ୩୯% ଅଭିଭାବକ କହିଛନ୍ତି ଯେ ସେମାନଙ୍କ ପିଲାମାନେ ନିୟମିତ ଭାବରେ ଏହି ଆପ୍ସରୁ ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ସର୍ଭେରୁ ଏହା ମଧ୍ୟ ଜଣାପଡିଛି ଯେ ଦଶ ଜଣଙ୍କ ମଧ୍ୟରୁ ୯ ଜଣ ଅଭିଭାବକ ଆପ୍ସରେ ରେଡ୍ ୱାର୍ଣ୍ଣିଂ ଲେବଲ୍ ଲାଗୁ କରିବାକୁ ଦାବି କରିଛନ୍ତି। ଯାହା ଦ୍ୱାରା ପିଲାମାନେ ସ୍ୱାସ୍ଥ୍ୟ ପାଇଁ କ'ଣ କ୍ଷତିକାରକ ତାହା ବୁଝିପାରିବେ। ତେବେ ବର୍ତ୍ତମାନ ଅଧିକାଂଶ ଆପ୍ ଏସବୁ ସାମଗ୍ରୀ ଉପରେ ଏପରି ସୂଚନା ଦେଉ ନାହାନ୍ତି।

ଗତ ବର୍ଷ, ଆଇସିଏମଆର ଏବଂ ଏନଆଇଏନ (ଆଇସିଏମଆର- ନ୍ୟାସନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ ନ୍ୟୁଟ୍ରିସନ) ଏଭଳି ଖାଦ୍ୟ ନେଇ ଚିନ୍ତା ପ୍ରକଟ କରିଥିଲା। ସଂସ୍ଥା ସ୍ପଷ୍ଟ ଭାବରେ କହିଥିଲା ଯେ ଅଲ୍ଟ୍ରା ପ୍ରୋସେସ୍ଡ ଫୁଡ୍ରେ ଫାଇବର ଏବଂ ପୋଷକ ତତ୍ୱ କମ୍ ଥାଏ, କିନ୍ତୁ ଶର୍କରା, ଲବଣ ଏବଂ ତେଲର ମାତ୍ରା ଅଧିକ ଥାଏ। ଏଗୁଡ଼ିକର ସ୍ୱାଦ ଖୁବ୍ ଚଟପଟା ଓ ସାରା ଦେଶରେ ସହଜରେ ମିଳିଯାଉଛି। ତେଣୁ ଲୋକମାନେ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରୁଛନ୍ତି। ଅର୍ଥନୈତିକ ସର୍ଭେରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଅସ୍ୱାସ୍ଥ୍ୟକର ଖାଦ୍ୟ ଭାରତର ୫୬% ରୁ ଅଧିକ ରୋଗର ମୂଳ କାରଣ। ଯେଉଁଥିରେ ଜଙ୍କଫୁଡ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ଅଲ୍ଟ୍ରା- ପ୍ରୋସେସ୍ଡ ଫୁଡ୍ ହେଉଛି ଏପରି ଖାଦ୍ୟ ଯାହାକୁ ଇଣ୍ଡଷ୍ଟ୍ରିୟାଲ ପ୍ରୋସେସିଙ୍ଗରେ ତିଆରି କରାଯାଏ। ଏଥିରେ ପ୍ରିଜରଭେଟିଭ୍, ଏମଲସିଫାୟର୍, ଆର୍ଟିଫିସିଆଲ ଫ୍ଲେବର, କଲର, ଆଡେଡ୍ ସୁଗାର, ସାଚୁରେଟେଡ୍ ଫ୍ୟାଟ୍ ଏବଂ ଲୁଣ ଭଳି ଏକାଧିକ ଉପାଦାନ ମିଶାଯାଏ। ଖାଦ୍ୟକୁ ଦୀର୍ଘ ଖରାପ ହେବାରୁ ସୁରକ୍ଷା ଦେବା ସ୍ୱାଦ ବଢ଼ାଇବା ଓ ଆକର୍ଷଣୀୟ କରାଇବା ପାଇଁ ଏସବୁ ମିଶା ଯାଇଥାଏ। ଗୋଟିଏ ଅର୍ଥରେ କହିବାକୁ ଗଲେ ଏଗୁଡ଼ିକ ସବୁ ରେଡି ଟୁ ଇଟ୍ ଖାଦ୍ୟ ହୋଇଥାଏ। ଏହାକୁ ବାରମ୍ବାର ରୋଷେଇ କରିବା କିମ୍ବା ଗରମ କରିବାକୁ ପଡ଼େ ନାହିଁ। ଏଗୁଡ଼ିକ ମଧ୍ୟରେ ଫ୍ରୋଜେନ ଫୁଡ୍(ବରଫ ଦିଆ ଖାଦ୍ୟ), ସୁଗାର ଡ୍ରିଙ୍କ୍ସ(ବିଭିନ୍ନ ପ୍ରକାର ମିଠା ପାନୀୟ), ପ୍ରୋସେସ୍ଡ ମିଟ୍(ପ୍ୟାକେଟ ମାଂସ), ଇନଷ୍ଟାଣ୍ଟ ନୁଡୁଲ୍ସ, ପିଜ୍ଜା, ବର୍ଗର, ମୋମୋ,ଫ୍ରେଞ୍ଚ ଫ୍ରାଇଜ୍,ଚିପ୍ସ, ଲୁଣିଆ ବିସ୍କୁଟ୍ ଆଦି ସାମଗ୍ରୀ,କୁକୀଜ, କେକ୍ ଓ ମଫୀନ ଭଳି ପ୍ରଡକ୍ଟ ରହିଛି। ଯାହା ଦେଖିବାକୁ ସୁନ୍ଦର ଓ ଖାଇବାକୁ ସ୍ୱାଦିଷ୍ଟ ଲାଗେ, ହେଲେ ସ୍ୱାସ୍ଥ୍ୟପ୍ରତି ହାନୀକାରକ ହୋଇଥାଏ।

# ସଚେତନତା ଅଭାବରୁ ବଢୁଛି ନିଶା ଦ୍ରବ୍ୟ କାରବାର

**ବୈଶିଙ୍ଗା,୭।୧୨ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନରେ ୨୬ ଟି ବ୍ଲକ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି। ଏତଦ ବ୍ୟତିତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି। ସରକାରୀ ନିୟମକୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟୁଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି। ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ ଏହି ନିଶା କାରବାରକୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି।

ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ବୈଶିଙ୍ଗା ପୁଲିସ ନିରବ ଦ୍ରଷ୍ଟା ପାଲଟିଛି, ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁଁ ଏଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ମାମଲାରୁ ଜଣାଯାଇଛି। କାରଣ ନିଶା ସେବନକାରୀ ଏହି ନିଶା ସେବନ କରିବାରେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇ ପଡିଛନ୍ତି ଯେ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି। ଛକା ପଞ୍ଝାରେ ଏହି କାରବାର ଚାଲିଥିବାରୁ ନିଶାଡୀଙ୍କୁ ଧରିବା ସମ୍ଭବ ହେଉନାହିଁ। ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଢାବାରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି ।

## ପ୍ରଶାସନ ନୀରବ

ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣରେ ଗୁଟୁଖା ଖାଉଥିବା ଜଣାଯାଇଛି। ଏହି ଗୁଟୁଖା ଖାଇ ନିକଟରେ ବହୁ ଯୁବକ ପ୍ରାଣ ହରାଇଥିବାର ନଜିର ରହିଥିଲେ ମଧ ସେଥିରୁ କ୍ଷାନ୍ତ ହେଉ ନଥିବା ଜଣାଯାଇଛି, କମ ବୟସର ପିଲାମାନେ ଏହି ବିଷାକ୍ତ ଗୁଟୁଖା ଖାଉଥିଲେ ମଧ ପରିବାର ପକ୍ଷରୁ ବାରଣ କରାଯାଉ ନାହିଁ। ଏଥି ନିମନ୍ତେ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ହେଉ ସଚେତନ କରାନଗଲେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏଥିରେ ସନ୍ଦେହନାହିଁ।

ସରକାର ମଦ ଦୋକାନ ବନ୍ଦ କରିବାରେ ଯେଉଁଭଳି ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ସେଭଳି ଏହାର ନିରାକରଣ ଦିଗରେ ଚେଷ୍ଟା କରିବା ସହିତ ଯୁବପିଢ଼ିଙ୍କ ନିମନ୍ତେ କିଛି ଯୋଜନା ଚିନ୍ତା କରନ୍ତୁ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇବା ପାଇଁ ଯୋଜନା ପ୍ରସ୍ତୁତ କଲେ ଅକାଳରେ ଝଡ଼ି ପଡୁଥିବା ଯୁବସମାଜ ବର୍ତି ଯାଇପାରନ୍ତେ। ଆଧାତ୍ମିକ ମାର୍ଗକୁ ଆସିବା ନିମନ୍ତେ ଯୁବ ସମାଜକୁ ସଚେତନ କରାଇ ନିଶା ମୁକ୍ତ ନକଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ।

### ପାମ୍ପଡ଼ ବିକ୍ରିରେ ଜୀବନଯୁଦ୍ଧ

## ଦୃଷ୍ଟିହୀନ ଶତ୍ରୁଘ୍ନଙ୍କ କାହାଣୀକୁ ଶୁଣି ଭାବବିହ୍ୱଳ ହେଲେ ଜିଲ୍ଲାପାଳ



**ଯାଜପୁର,୭।୧୨ (ସଂଚାର ବ୍ୟୁରୋ):** ଏକ ଭଙ୍ଗା ଘର,ପାଣିନାଳ ପାର୍ଶ୍ୱରେ ମୂଷା ଗାତରେ ଭରିଥିବା ଜରିପାଲ ଘରଟି ଦୃଷ୍ଟିହୀନ ଶତ୍ରୁଘ୍ନ ସାହୁଙ୍କ ସମଗ୍ର ପରିବାରର ବାସସ୍ଥାନ। ଚାଉଳ ଓ ଭଡ଼ା ଥିଲେ ମଧ ଚାରି ପ୍ରାଣୀର ପେଟ ଭରିବା ପାଇଁ ସେ ବର୍ଷ ବର୍ଷ ଧରି ପାମ୍ପଡ଼ ବିକି ଗାଁଗାଁ ବୁଲୁଛନ୍ତି। କେବେ ୧୦୦, କେବେ ୫୦, ତ ଅନେକ ଦିନ କିଛିମଧ ବିକ୍ରି ହୁଏନାହିଁ। ଅନ୍ଧକାର ଜୀବନରେ ସେ ତାଙ୍କ ପରିବାର ପାଇଁ ପ୍ରତିଦିନ ଏହି ଅନିଶ୍ଚିତ ଲଢ଼ାଇ ଲଢ଼ିଥାନ୍ତି। ଏମିତି ଜୀବନ ସଂଘର୍ଷର କଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମ୍ମୁଖରେ କହିବାବେଳେ ଶତ୍ରୁଘ୍ନଙ୍କ କଣ୍ଠର କୋହଭରା କଥା ଶୁଣି ଜିଲାପାଳ ମଧ ଭାବବିହ୍ୱଳ ହୋଇ କାନ୍ଦିପକାଇ ଆଗକୁ ବଢ଼ି ତାଙ୍କୁ ଭାବବିହ୍ୱଳ ହୋଇ ଆଲିଙ୍ଗନ କରି ସାନ୍ତ୍ୱନା ଦେଇଥିଲେ। ରସୁଲପୁର ବ୍ଲକର ସାମନ୍ତରାପୁର ପଞ୍ଚାୟତର ରସୁଣା ଗ୍ରାମର ଶତ୍ରୁଘ୍ନ ସାହୁ ଜନ୍ମରୁ ଦୃଷ୍ଟିହୀନ। ତାଙ୍କ କାନ୍ଧରେ ଚାରି ପ୍ରାଣୀର ବୋଝ। ସାଙ୍ଗରେ ଅଛନ୍ତି ବୁଢ଼ା ବାପା, ମା, ସ୍ତ୍ରୀ, ଛୋଟ ଝିଅ। ପାମ୍ପଡ଼ ବିକିଲେ ଖାଦ୍ୟ ମିଳେ, ବିକ୍ରି ନହେଲେ ଭୋକିଲା ରାତି। ବହୁଦିନ ଚାଉଳ ଭଜା ଗୁଣ୍ଡ କରି ଖାଇ ଦିନ କଟେ। ଶତ୍ରୁଘ୍ନଙ୍କ ଏକମାତ୍ର ଆଶା ବସୁନ୍ଧରାରେ ଜମି ଏବଂ ଆବାସ ଯୋଜନାରେ ଏକ ଛାତ। ଏହି ଆଶାକୁ ନେଇ ସେ ଜିଲାପାଳଙ୍କୁ ନିବେଦନ ପତ୍ର ସହିତ ନିଜ ହୃଦୟକଥା ଖୋଲି କହିଥିଲେ। ଶତ୍ରୁଘ୍ନଙ୍କ ଦୁଃଖ, ଭଙ୍ଗା ଘରର ଭୟାବହ ଅବସ୍ଥା, ଅସହାୟତା ସବୁକିଛି ଶୁଣି ଜିଲାପାଳ ତତ୍‌କ୍ଷଣାତ୍ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା,ଦୃଷ୍ଟିହୀନ ଶତ୍ରୁଘ୍ନଙ୍କ ଜୀବନରେ ଆସୁଥିବା ସେଇ 'ଆଶାର ଆଲୋକ' କେତେ ଶୀଘ୍ର ପହଞ୍ଚୁଛି।

## ଦିବ୍ୟାଙ୍ଗ ମହୋତ୍ସବରେ ବିଶ୍ୱଜିତ ସମ୍ମାନିତ




**ପାରାଦୀପ,୭।୧୨(ସଂଚାର ବ୍ୟୁରୋ):** ପେଶା ପଣ୍ୟବାହୀ ଜାହାଜ ଓ ପଣ୍ୟ ଆମଦାନୀ ରପ୍ତାନି କ୍ଷେତ୍ରରେ ପରିଚାଳନା କିନ୍ତୁ ନିଶା ତାଙ୍କର ଆଖି ଆଗରେ ଦେଖାଯାଉଥିବା ଦିବ୍ୟାଙ୍ଗ ମାନଙ୍କୁ ସାହାଯ୍ୟର ହାତ ବଢାଇବା। ସେହି କ୍ଷେତ୍ରରେ ସେମାନଙ୍କୁ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି ପାରାଦୀପ କାର୍ଗୋ ଇଣ୍ଟେରନେଶନାଲ ଟର୍ମିନାଲର ସାଧାରଣ ପରିଚାଳକ ବିଶ୍ୱଜିତ ମିଶ୍ର। ତାଙ୍କର ଏହି କାର୍ଯ୍ୟ ନିମନ୍ତେ ରାଜ୍ୟ ସ୍ତରୀୟ ୨୫ତମ ଦିବ୍ୟାଙ୍ଗ ମହୋତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ୟୁନିଟ ୩ ଅନ୍ଧ ମୁକ ବଧିର ବିଦ୍ୟାଳରେ ଆୟୋଜିତ ଏହି ମହୋତ୍ସବରେ ହାଇଟେକ ମେଡିକାଲ କଲେଜର ପ୍ରତିଷ୍ଠାତା ତିରୁପତି ପାଣିଗ୍ରାହୀ ତାଙ୍କୁ ସମ୍ମାନିତ କରିଛନ୍ତି। ଏହି ସମ୍ମାନ ତାଙ୍କୁ ଆଗକୁ ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଛନ୍ତି।

### ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

## କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ପ୍ରକଳ୍ପର କଲେ ସମୀକ୍ଷା

**ଯାଜପୁର,୭।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ କୁମାର ମିଶ୍ର (ଆଇଏଏସ୍) ଆଜି ଯାଜପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି।

ଶ୍ରୀ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ। ଏହା ପରେ ସଠୀପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଚାନ୍ଦମା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଦାନଗଦି ଓ ସୁକିନ୍ଦା ଅଞ୍ଚଳରେ କିଡନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଆ ଗୃହ ଓ ଏନଆରସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଓଡ଼ିଶାର ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ। କ୍ଷେତ୍ର ପରିଦର୍ଶନ ସରିବା ପରେ ବ୍ୟାସନଗର ସ୍ଥିତ ଟାଉନ୍ ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ସହ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲ୍ଲାର ମଧ ଏକ ବଡ଼ ଯୋଗଦାନ ରହିଛି। ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଞ୍ଚି ପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

### ଶ୍ରମିକ ଭବନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

## ୧୫୯ ୟୁନିଟ ରକ୍ତ ସଂଗୃହୀତ



**ପାରାଦୀପ,୭।୧୨ (ସଂଚାର ବ୍ୟୁରୋ):** ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ଓ ସାହୁ ଆସୋସିଏଟ ଅନୁକୁଲ୍ୟରେ ଆଜି ସ୍ଥାନୀୟ ଶ୍ରମିକ ଭବନରେ ୧୫୯ ଜଣ ରକ୍ତଦାତା ସ୍ୱଚ୍ଛାକୃତ ଭାବେ ସେମାନଙ୍କର ରକ୍ତ ଦାନ କରିଛନ୍ତି। ଏହି ଅନୁଷ୍ଠାନ ଚଳିତ ବର୍ଷକୁ ମିଶାଇ ୧୦ ବର୍ଷରେ ଏହି ମେଗା ରକ୍ତଦାନ ଶିବିର ଅନୁଷ୍ଠିତ କରି ଆସୁଛି। ସମାଜରେ ରକ୍ତର ଅଭାବ ପୁରାଣ କରିବା ଦିଗରେ ରକ୍ତ ପାଇଁ ଯେଭଳି କାହାର ଜୀବନ ଚାଲି ନଯାଉ, ସେନେଇ ଏହି ସଂଗଠନ ନିରବଛିନ୍ନ ଭାବେ ରେଡ଼କ୍ରସ ସହାୟତାରେ ଏହି ଶିବିର ପରିଚାଳନା କରି ଏକ ରେକର୍ଡ ସୃଷ୍ଟି କରିବା ଦିଗରେ ଅଗ୍ରସର ହେଉଛି। ସକାଳ ୧୦ଟା ଠାରୁ ଏହି ଶିବିର ଆରମ୍ଭ ହୋଇଥିବା ବେଳେ ଉଦ୍‌ଘାଟନୀ ସମୟରେ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ, ବନ୍ଦର ମୁଖ୍ୟ ଯନ୍ତ୍ରୀ ସୁଶୀଲ କୁମାର ନାହାକ , ମୁଖ୍ୟ ଚିକିତ୍ସା ଅଧିକାରୀ ଦୁର୍ଗାପ୍ରସାଦ ସେଠି , ପୂର୍ବତନ ସାଂସଦ ଡ କୁଳମଣି ସାମଲ , ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା , ୧୧ ନମ୍ବର ପାରିଷଦ ପ୍ରଭାତୀ ନାୟକ , ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା , ଦୀପ୍ତି ରଞ୍ଜନ ନାୟକ ଶଙ୍କର ରାଉତ ଓ ସୁଶୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବାକୁ ଏଠାରେ ଆସି ପହଂଚି ରକ୍ତଦାନ କରିଥିଲେ। ପ୍ରତିବର୍ଷ ରକ୍ତଦାନ କରୁଥିବା ୧୦ ବ୍ୟକ୍ତି ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଂଜିନିୟର ଅମରେଶ ନରେଶ ସାମନ୍ତଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ସିପିଆଇର ମହା ଅଧିବେଶନ ବୈଠକ




**କେନ୍ଦ୍ରାପଡା,୭।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସିପିଆଇ ପକ୍ଷରୁ ମହା ଅଧିବେଶନ ବୈଠକ ଓ ରିପୋଟିଂ ବୈଠକ ବରିଷ୍ଠ ସଭ୍ୟ ଆଦିକନ୍ଦ ରାଉଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ରମଣୀ ରଂଜନ ରାଉତରାୟ, ବରିଷ୍ଠ ସଭ୍ୟ ଅଜୟ କୁମାର ସାମଲ, ବିକାଶ ଚନ୍ଦ୍ର ବେହୁରା, ବାବାଜୀ ଧଳ, ସୀତାକାନ୍ତ ନାୟକ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ପାର୍ଟିର ମହା ଅଧିବେଶନ ନିଷ୍ପତି ଆଧାରରେ ଡିସେମ୍ବର ୨୬ ତାରିଖ ଦିନ ଉଦ୍‌ଯାପିତ ହେଉଥିବା ପାର୍ଟିର ଶତ ବାର୍ଷିକ ଉତ୍ସବକୁ ସମସ୍ତ ଶାଖା, ଜୋନ ଓ ଜିଲ୍ଲା ସ୍ତରରେ ଆଡମ୍ବରରେ ପାଳନ କରିବା ସହିତ ପାର୍ଟିର ଶହେ ବର୍ଷର ଗୌରବମୟ ଇତିହାସକୁ ଜନ ସାଧାରଣରେ ପ୍ରକାଶ କରିବା ପାଇଁ ନିଷ୍ପତି ନିଆଯାଇ ଅଛି । ଏଥି ସହିତ ଦେଶରେ ସାଂପ୍ରଦାୟୀକ ଓ ପ୍ରଚଣ୍ଡ ପ୍ରତିକ୍ରିୟା ଶୀଳ ସରକାର ବିରୋଧରେ ଜନମତ ତିଆରି କରି ଭାରତର ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ସମସ୍ତ ସଭ୍ୟମାନଙ୍କୁ ତିଆରି କରି ରଖିବା ପାଇଁ ଆଜିର ବୈଠକରେ ନିଷ୍ପତି ନିଆଯାଇଛି ।

## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବ କିମ୍‌ସ-ଶୁଭ୍ରା ଗ୍ରାମାଞ୍ଚଳ ଡାକ୍ତରଖାନା




**ବୈଶିଙ୍ଗା,୭।୧୨(ସଂଚାର ବ୍ୟୁରୋ):** ବଡସାହି ନିର୍ବାଚନ ମଣ୍ଡଳୀରେ ବେତନଟୀ, ବାରିପଦା ଓ ବଡ଼ସାହି ବ୍ଲକ ଅଞ୍ଚଳରେ ବସବାସ କରୁଥିବା ତଥା ସମାଜରେ ଉପେକ୍ଷିତ ହୋଇ ରହୁଥିବା ଗରିବ ଆଦିବାସୀ ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଭଗବାନ ପାଲଟିଥିବା ବେତନଟୀ ଥାନା ତଥା ବାରିପଦା ବ୍ଲକର ଖଡ଼ିଶୋଳ ପଞ୍ଚାୟତର କୁଞ୍ଚିଶୋଳ ମାଟିର ପୁଅ ତଥା ସ୍ୱର୍ଗତଃ ଭାଗବତ ମୁର୍ମୁ ଓ ପାର୍ବତୀ ମୁର୍ମୁଙ୍କ ବଡପୁଅ ପ୍ରାକ୍ତନ ଜାମୁ କାଶ୍ମୀର ଉପରାଜ୍ୟପାଳ, ପ୍ରାକ୍ତନ ସିଏଜି ଓ ମହାପ୍ରଭୁ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ଗିରିଶ ଚନ୍ଦ୍ର ମୁର୍ମୁ, ଶୁଭ୍ରା -ପ୍ରିୟମ୍ବଦା ଫାଉଣ୍ଡେସନର ମୁଖ୍ୟ ମୁର୍ମୁ ଓ କିମ୍ସ କିଟସର ପ୍ରତିଷ୍ଠାତା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ମିଳିତ ଉଦ୍ୟମରେ ବହୁ ଆକାଂକ୍ଷିତ, ଦୀର୍ଘ ଦିନର ସ୍ୱପ୍ନ ଆଜି ସଫଳ ହୋଇଛି।

ରବିବାର ଭଲ ରାସ୍ତା ନଥିବା, ଘନ ଜଙ୍ଗଲ ମଧରେ ଥିବା ଏକ ଆଦିବାସୀ ଗାଁରେ ଉତ୍ତମ ଚିକିତ୍ସାଳୟ ନିର୍ମାଣ କରି ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଶ୍ରୀ ମୁର୍ମୁ, ଡ. ସାମନ୍ତଙ୍କ ସମେତ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ଯୋଗଦାନ କରି ଗ୍ରାମାଞ୍ଚଳ ର ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବାରୁ ସେମାନେ ନିଜକୁ ଧନ୍ୟ ମନେ କରିବା ସହିତ ଲୋକେ ଯଦି ଉତ୍ତମ ସେବା ପାଇପାରିବେ ତାହାହେଲେ ସେହି ସେବାହିଁ ସେମାନଙ୍କ ଉଦେଶ୍ୟ ପୂରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଲୋକମାନେ ମାଗଣାରେ ଏହି ସ୍ୱାସ୍ଥ୍ୟସେବା ପାଇପାରିବେ, ଚିକିତ୍ସା ନିମନ୍ତେ କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ଦୂର ସ୍ଥାନ ମାନଙ୍କୁ ଚିକିତ୍ସା ନିମନ୍ତେ ଆଉ ଯିବାକୁ ପଡିବନାହିଁ କି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ ବୋଲି ଉଦଘାଟନ ଉତ୍ସବରେ ଅତିଥି ଗଣ ମତ ରଖିଥିଲେ। ଏହି ଅବସରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା କରାଯିବା ସହ କିମ୍ସର ବିଶେଷଜ୍ଞମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ।

## ଓଡ଼ିଶା ଫଲୋଫ ସଂସ୍ଥା ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



**ଧାମନଗର,୭।୧୨(ସଂଚାର ବ୍ୟୁରୋ):** ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ପକ୍ଷରୁ ନିହାତି ଗରିବ ଓ ବିଧବା ମହିଳା ମାନଙ୍କୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ୧୧ଟା ସମୟରେ ଶାମପୁର ସ୍ଥିତ ହାଟ ନିକଟରେ ନାରାୟଣ ପୋଥାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅନୁଷ୍ଠାନର ମୁଖ୍ୟ ତଥା ଓଡିଶା ଫଲୋଫ ସଂସ୍ଥା ବାଲେଶ୍ୱର ର ନିର୍ଦ୍ଦେଶକ ଡି ବି ହୃଦୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଯୋଗ ଦେଇ ୧୦୦ରୁ ଉର୍ଦ୍ଧ୍ୱ ପରିବାର ମାନଙ୍କୁ ଶିତବସ୍ତ୍ର ଓ କମ୍ବଳ ବଣ୍ଟନ କରିଛନ୍ତି। ଶୀତଦିନରେ ଏହା ବଣ୍ଟନ ଦ୍ୱାରା ଗରିବ ଲୋକମାନଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ସେମାନେ ଉପକୃତ ହେବେ ବୋଲି ମୁଖ୍ୟ ସୂଚନା ଦେଇଥିଲେ।

### ଜିଲ୍ଲାପାଳଙ୍କ ବୈଶିଙ୍ଗା ଥାନା ପରିଦର୍ଶନ

## ଅଁଳା ବଦଳରେ କଳମାରେ ଫାଣ୍ଡି କରାଯିବାର ମସୁଧା

**ବୈଶିଙ୍ଗା,୭।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା କୁ ଶନିବାର ଅପରାହ୍ନରେ ଅଚାନକ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ହେମକାନ୍ତ ସଏ। ଥାନା ପରିଦର୍ଶନ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ତେବେ ୧୮ ଟି ପଞ୍ଚାୟତର ଲକ୍ଷେରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଥାନାର ସୁଦୀର୍ଘ ପରିସର ଦୃଷ୍ଟିରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଅନେକ ସମୟରେ କଷ୍ଟକର ହୋଇପଡୁଥିବା ଯୋଗୁଁ ଦୀର୍ଘ ବର୍ଷ ଧରି ଏହି ଥାନାଠାରୁ ୧୩ କିମି ଦୂରରେ ଅବସ୍ଥିତ ଅଂଳା ବଜାର ନିକଟରେ ହରିପୁର ଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ "ବିକାଶ ମଞ୍ଚ" ସହିତ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଆସୁଥିବା ବେଳେ ଏବେ କିନ୍ତୁ ରାଜନୈତିକ ଚାପରେ ଏଥିରେ ପରିବର୍ତ୍ତନ କରାଯାଇ ବୈଶିଙ୍ଗା ଥାନା ଠାରୁ ୬ କିମି ଦୂରରେ ଥିବା କଳମା ଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଜିଲ୍ଲାପାଳ ଆଗ୍ରହ ପ୍ରକାଶ କରିଥିଲେ ଏବଂ ଏ ସମ୍ପର୍କୀତ କାଗଜପତ୍ର ଶନିବାର ଅନୁଧାନ କରି ଫେରି ଯାଇଥିବା ସୂଚନା ମିଳିଛି। ତେବେ ଏସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର କାରଣ ପୂର୍ବ ସରକାର ଅମଳରୁ ହରିପୁର ଠାରେ ପୋଲିସ ଫାଣ୍ଡି କରାଯିବା ପାଇଁ ବିକାଶ ମଞ୍ଚ ର ଦାବୀ କୁ ବିଚାରକୁ ନେଇ ସମସ୍ତ କାରଦ ପତ୍ର ସରକାରୀ ସ୍ତରରେ ପ୍ରସ୍ତୁତ ହୋଇ ସାରିଥିଲେ ମଧ୍ଯ କେବଳ ବିଧାୟକ ଙ୍କ ଚାପରେ କଳମା ଠାରେ ଫାଣ୍ଡି କରାଯିବା ପାଇଁ ପ୍ରଶାସନ ତତ୍ପର ହୋଇ ଉଠିଛି । ଏହା ବିରୁଦ୍ଧରେ ହରିପୁର , ଚାଞ୍ଚିପଦା , ଅଁଳା , ମେର୍ଦା ଓ ସଇତପୁର ଅଞ୍ଚଳବାସୀ ମାନ୍ୟବର ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଅସହାୟ ପରିବାରଙ୍କୁ ଶୀତବସ୍ତ୍ର ପ୍ରଦାନ




**ନାଉଗାଁ,୭।୧୨(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଗ୍ନି ବିପନ୍ନ ପରିବାରକୁ ଅଗ୍ରଣୀ ସଙ୍ଗଠନ ମା' ଶାରଳା ସାମାଜିକ ସଙ୍ଗଠନ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ମୁଗେଇ ହରିଶପୁର ଗ୍ରାମର ଶିବ ପ୍ରସାଦ ରାଉଳ, ପ୍ରଶାନ୍ତ ରାଉଳ, ଗଦାଧର ରାଉଳ, ଚକୁଳିପଡ଼ା ଗ୍ରାମର ସଚ୍ଚିଦାନନ୍ଦ ରାଉତ ରାୟ ଓ ପ୍ରଦୀପ୍ତ ରାଉତ ରାୟଙ୍କ ଘର ପୋଡି ଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ସଙ୍ଗଠନ ପକ୍ଷରୁ କମ୍ବଳ, ଲୁଗା ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ଅଧକ୍ଷା ଗୀତାଞ୍ଜଳି ବାରିକ, ସମ୍ପାଦକ ସୁଜିତ ମହାନ୍ତି, ସଦସ୍ୟ ପ୍ରମିଳା ମିଶ୍ର, ନିବେଦିତା ରାଉତ ପ୍ରମୁଖ ଉପସ୍ଥିତ ରହି ଅସହାୟ ପରିବାରକୁ ଭେଟିବା ସହିତ ବସ୍ତ୍ର ପ୍ରଦାନ କରିଥିଲେ।

### ୧୭ରୁ ମାହି ସ୍ପୋର୍ଟ୍ସ ଆନୁକୂଲ୍ୟରେ

## ନୀଳଗିରି କ୍ରିକେଟ ଲିଗ୍

**ନୀଳଗିରି,୭।୧୨(ସଂଚାର ବ୍ୟୁରୋ):** ଆସନ୍ତା ୧୭ରୁ ମାହି ସ୍ପୋର୍ଟ୍ସ ଆନୁକୂଲ୍ୟରେ ନୀଳଗିରି କ୍ରିକେଟ ଲିଗ କେ.ସି.ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁମନ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଅଶ୍ୱିନ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିତେନ୍ଦ୍ର ରାଉତ, ବିବେକ ସାହୁ, ଆନନ୍ଦ ମିଶ୍ର, ସୁଧାରଞ୍ଜନ ମହାପାତ୍ର, ଗୟାଧର ବେହେରା, ଆଦର୍ଶ ଗୌରବ ଦାସ, ବିବେକ ସାହୁ, ପପୁଲୁ ନନ୍ଦ, ନିଗମ ମହାପାତ୍ର, ତପୁ ସାହୁ ମଞ୍ଚାସିନ ଥାଇ ନିଜନିଜ ମତବ୍ୟକ୍ତ କରିଥିଲେ। ବିଗତ କିଛି ବର୍ଷ ହେବ ନୀଳଗିରି କ୍ରିକେଟ ଲିଗ(ଏନସିଏଲ) ପରିବାର ତରଫରୁ ଏକ ବିଶାଳ କ୍ରିକେଟ ଲିଗ ସ୍ଥାନୀୟ କେସି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହା ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଏହି କ୍ରିକେଟ ଲିଗ ରେ ନୀଳଗିରି, ରେମୁଣା, ବାଲେଶ୍ୱର ତଥା ସୋର ନିର୍ବାଚନ ମଣ୍ଡଳୀର ୧୫୦ ରୁ ଉର୍ଦ୍ଧ ଖେଳାଳି ମାନଙ୍କୁ ନେଇ ଆସନ୍ତା ୧୦ ତାରିଖ ବୁଧବାର ଦିନ ଖେଳାଳି ମାନଙ୍କ ବିଡିଙ୍ଗ ହେବ ଏବଂ ଆସନ୍ତା ୧୭ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଖେଳ ଚାଲିବ । ୧୨ ଓଭର ବିଶିଷ୍ଟ ଏହି କ୍ରିକେଟ ଲିଗ ରେ ୬ ଗୋଟି ଦଳ ଯଥା ମହାବୀର ୟୁନାଇଟେଡ଼୍, ହରପ୍ରିୟା ଚେଲେଞ୍ଜର, ବାବା ସର୍ବେଶ୍ୱର ଫାଇଟର୍ସ, ମୁକ୍ତି ଇଲେଭେନ,ଫାଇଭ ଏସ ଫାଇଟର୍ସ, ଓଁ ସାଇ ଷ୍ଟାର ପାୱାର ଙ୍କୁ ନେଇ ଖେଳ ଅନୁଷ୍ଠିତ ହେବାକୁ ଯାଉଅଛି। ଖେଳରେ ବିଜେତା ଦଳ ପାଇଁ ୧ ଲକ୍ଷ ୧୧ହଜାର ୧୧୧ ଟଙ୍କା ଏବଂ ରନର୍ସ ଅପ ଦଳ ପାଇଁ ୭୭ ହଜାର ୭୭୭ ଟଙ୍କା ପୁରସ୍କାର ରାଶି ଦେବାକୁ ଧାର୍ଯ୍ୟ କରାଯାଇଛି। ଖେଳର ଶୁଭାରମ୍ଭ କରିବା ପୂର୍ବରୁ ନୀଳଗିରିର ଆରାଧ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଟ୍ରଫି ସହିତ ବାଇକ ଏବଂ କାର ଯୋଗେ ସହର ପରିକ୍ରମା କରିବା ପରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ଖେଳ ର ଶୁଭ ଉଦଘାଟନ ହେବ।

### ସାପ୍ତାହିତ ଖବରକାଗଜ

## 'ନୟାଗଡ଼ ଭଏସ୍' ଉନ୍ମୋଚିତ




**ନୟାଗଡ଼,୭।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରୁ ପ୍ରକାଶିତ ହେବ ସାପ୍ତାହିକ ଖବର କାଗଜ 'ନୟାଗଡ଼ ଭଏସ୍' । ନୟାଗଡ଼ ଖଣ୍ଡପଡ଼ା ରାସ୍ତା ବରିଷ୍ଠ ନାଗରିକ ଗୋଷ୍ଠୀ କେନ୍ଦ୍ରଠାରେ ଆଜି ଏହାର ପ୍ରଥମ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ନୟାଗଡ଼ ଭଏସ୍ ସମ୍ପର୍କରେ ବିଧାୟକ ବକ୍ତବ୍ୟ ରଖିବା ସହ ସାମ୍ବାଦିକ ଲୋକଙ୍କ ସ୍ୱର ହୋଇ କାର୍ଯ୍ୟ କରୁ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଭଏସ୍ ସମ୍ପାଦକ ଧିରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ସମେତ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ଜାଗୁଳାଇ ପିଠରେ ବ୍ୟକ୍ତିତ୍ୱ ବିକାଶ ଶିବିରରେ ଯୋଗଦେବେ ଗଜପତି ମହାରାଜା




**ପାରାଦୀପ,୭।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ, ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି ଆଧାତ୍ମିକ ସାଧନା,ଗୁରୁଜନ ଓ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଏବଂ ସାମାଜିକ ଦାୟିତ୍ୱବୋଧତା ସଂପର୍କରେ ବିଶ୍ୱ ସନାତନ ଯୁବସେବା ସଂଘ ଓ ଗୁରୁକୃପା ଚାରିଟେବୁଲ ସୋସାଇଟିର ମିଳିତ ସହଯୋଗରେ ବ୍ୟକ୍ତିତ୍ୱ ବିକାଶ ଶିବିର ୨୦୨୫ ନାଉଗାଁ ବ୍ଲକ ତିହୁଡା ସ୍ଥିତ ମା ଜାଗୁଳାଇ ମନ୍ଦିର ପରିସରରେ ଆସନ୍ତା ୨୬ରୁ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଏହି ପରିପ୍ରେକ୍ଷିରେ କୃରୁକୃପା କୁଟିର ପରିସରରେ ଅନୁଷ୍ଠାନର ସଭାପତି ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଆଜି ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚିନ୍ମୟ ମିଶନ ପଟିଆଲା (ପଞ୍ଜାବର)ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଗୀତା ଆଶ୍ରମ (କଣ୍ଟାବାଡର) ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ସଭାପତି ବାବା ସତ୍ୟାନନ୍ଦ ଦାସ ମହାରାଜ ଶିକ୍ଷା ପ୍ରଦାନ କରିବେ, ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଯୋଗଦେବେ ବୋଲି ଖବର ଦାତା ସମ୍ମିଳନୀରୁ ସୂଚନା ମିଳିଛି।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ରୂପେ ପୂଜ୍ୟ ପରମ ହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଗିରିଜୀ ମହାରାଜ, ସମ୍ମାନୀତ ଅତିଥି ଭାବେ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ, ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟ ମୂର୍ତ୍ତି ଆନନ୍ଦ ଚନ୍ଦ୍ର ବେହେରା, ଜାତୀୟ ମାନବ ଅଧିକାର କମିଶନ ସଦସ୍ୟ ତଥା ପୂର୍ବତନ ମୁଖ୍ୟ ବିଚାରପତି ଡକ୍ଟର ବିଦ୍ୟୁତ୍ ରଂଜନ ଷଡଙ୍ଗୀ, ବିଜୟ କୁମାର ସାହୁ,ଇ ପ୍ରବିର ରାଉତ, ଡାକ୍ତର ପୁଷ୍ପା ମହାନ୍ତି, ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବେ।

### ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତି ସମାରୋହ

## ଭାଗବତ ବାବୁ ରାଜନୀତି ଠୁ ଦୂରରେ ରହି ଲୋକଙ୍କ ସହ ମିଶୁଥିଲେ




**କେନ୍ଦ୍ରାପଡ଼ା,୭।୧୨(ସଂଚାର ବ୍ୟୁରୋ):** ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କର ଷଷ୍ଠ ଶ୍ରାଦ୍ଧ ଦିବସ ଉପଲକ୍ଷେ ରବିବାର ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ଭାଗବତ ବାବୁଙ୍କ ସୁପୁତ୍ର ସୁଜିତ୍ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ୍ ଓ ପୂର୍ବତନ ବିଧାୟକ ଡ. ଅଲେଖ କୁମାର ଜେନା ଯୋଗ ଦେଇଥିଲେ । ଅତିଥିମାନେ ଭାଗବତ ବାବୁ ଜଣେ ସରଳ ଓ ଶାନ୍ତ ବ୍ୟକ୍ତି ଭାବେ ତାଙ୍କର କଠୋର ନିଷ୍ପତି ସମ୍ପର୍କରେ ଆଲୋକପାତ କରିଥିଲେ । ଭାଗବତବାବୁ ରାଜନୀତିରୁ ଉର୍ଦ୍ଧରେ ରହି ଜଣେ ଉଚ୍ଚକୋଟୀର ସମାଜସେବୀ ଭାବରେ ଆଜିକାଲିର ଚିରାଚରିତ ରାଜନେତାଙ୍କ ଠାରୁ ବ୍ୟତିକ୍ରମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।




# ଶୀତଦିନେ ଅତ୍ୟଧିକ ଚା' କିମ୍ବା କଫି ପିଇଲେ ବଢ଼ିଯିବ ଗଣ୍ଠିର ଯନ୍ତ୍ରଣା



ଶୀତଦିନ ଆରମ୍ଭ ହୋଇଗଲେ ଲୋକମାନେ ନିଜ ଶରୀରକୁ ଉଷ୍ମ ରଖିବା ପାଇଁ ଚା' କିମ୍ବା କଫି ପିଇଥାନ୍ତି। ଏହା ଦ୍ୱାରା ଶୋଷ କମ୍ ଲାଗିଥାଏ। ତେଣୁ ଲୋକମାନେ ପାଣି ପିଇବା କମ୍ କରି ଦେଇଥାନ୍ତି। ଏହା କାରଣରୁ ଶରୀରରୁ ଜଳୀୟ ଅଂଶ କମିବାକୁ ଲାଗେ। ଆପଣ ଜାଣିଛନ୍ତି କି ଚା' କିମ୍ବା କଫି ଅଧିକ ପରିମାଣରେ ପିଇଲେ ତାହା ଆପଣଙ୍କ ଗଣ୍ଠି ଓ ହାଡ ଉପରେ ଖରାପ ପ୍ରଭାବ ପକାଇଥାଏ। ଅଧିକ ଚା' ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ବଢ଼ିଯାଏ ଏବଂ ଶରୀର ଶୁଷ୍କ ହୋଇଯାଏ। ରାୟପୁର ଏମ୍ସ ହସ୍ପିଟାଲର ଅର୍ଥୋପେଡିକ୍ ଏବଂ ସ୍ପୋର୍ଟ୍ସ ଇନ୍‌ଜୁରୀ ସର୍ଜନ ଡାକ୍ତର ଦୁଷ୍ୟନ୍ତ ଚୌହାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କହିଛନ୍ତି ଯେ, ଥଣ୍ଡା ଦିନେ ଚା' କିମ୍ବା କଫି ଅଧିକ ପରିମାଣରେ ପିଇବା ଉଚିତ୍ ନୁହେଁ ଓ ଏଥିରୁ ବଞ୍ଚିବା ପାଇଁ କ'ଣ କରିବା ଜରୁରୀ।

ଡାକ୍ତର ଦୁଷ୍ୟନ୍ତ କହିଛନ୍ତି, "ଯଦିଓ ଆପଣ ଗରମ ଚା' ପିଉଛନ୍ତି, ଏହା ଆପଣଙ୍କ ହାଡ଼କୁ ଥଣ୍ଡା କରିପାରେ। ଏହି କଥା ଅଜବ ଲାଗିପାରେ, କିନ୍ତୁ ଏହା ପଛରେ ଏକ କାରଣ ଅଛି। ଶୀତଦିନ ଆସିବା ମାତ୍ରେ ଆମେ ନିଜକୁ ଉଷ୍ମ ରଖିବା ପାଇଁ ଅତ୍ୟଧିକ ଚା' କିମ୍ବା କଫି ପିଇବା ଆରମ୍ଭ କରିଦେଉ ଓ ଥଣ୍ଡା ଲାଗିବା କାରଣରୁ ଆମେ ପାଣି ପିଇବା କମ କରିଦେଉ ଯେଉଁଥିପାଇଁ ଶରୀର ଶୁଷ୍କ ହେବାକୁ ଲାଗେ। ଶରୀର ଶୁଷ୍କ ହେଲେ ଆଣ୍ଠୁ ମଧ୍ୟରେ ଥିବା କାର୍ଟିଲେଜ (ଦୁଇ ହାଡ଼ ମଧ୍ୟରେ କୁଶନ ଭାବରେ କାମ କରୁଥିବା ନରମ ସ୍ତର) ଶୁଖିବାକୁ ଲାଗେ। ଏହା ଦ୍ୱାରା ଦୁଇ ହାଡ଼ ପରସ୍ପର ସହ ଘସି ହୋଇ ଯନ୍ତ୍ରଣା ଦେଇଥାଏ। ତେଣୁ, ଶୀତଦିନେ ଶରୀରକୁ ଉଷ୍ମ ରଖିବା ଏବଂ ହାଡ଼ ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଚା' କିମ୍ବା କଫି ସୀମିତ ପରିମାଣରେ ପିଇବା ଉଚିତ୍।"

ଡାକ୍ତର ଚୌହାନ ଆହୁରି କହିଛନ୍ତି ଯେ, ଶୀତଦିନେ ଚା' ଏବଂ କଫି ନିଶ୍ଚିତ ଭାବରେ ପିଇବା ଉଚିତ୍। କିନ୍ତୁ ପିଇବା ପୂର୍ବରୁ ପାଣି ପ୍ରଚୁର ପରିମାଣରେ ପିଅନ୍ତୁ। ଏହା ଆପଣଙ୍କ କାର୍ଟିଲେଜଗୁଡ଼ିକ ଶୁଷ୍କ ନହୋଇ ସୁସ୍ଥ ରହିଥାଏ। ତେଣୁ ଯଦି ଆପଣ ଚା' କିମ୍ବା କଫି ପିଉଛନ୍ତି, ତେବେ ପୂର୍ବରୁ ପାଣି ପିଇବାକୁ ଭୁଲନ୍ତୁ ନାହିଁ। ଏହା କେବଳ ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବ ନାହିଁ ବରଂ ଶୀତଦିନେ ଆଣ୍ଠୁ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେବ।



# ପୁରୁଣା ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ ସାବଧାନ

ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇବାର ଅଭ୍ୟାସ ଦେଖିବାକୁ ହୁଏ ସାଧାରଣ ମନେହୁଏ, କିନ୍ତୁ ଏହାର ପ୍ରଭାବ ବହୁତ ବଡ଼। ଦୈନନ୍ଦିନ ବ୍ୟସ୍ତତାରେ ଆମେ ରାସ୍ତାରେ ପ୍ଲାଷ୍ଟିକ୍ ପାଣି ବୋତଲ କିଣିଥାଉ କିମ୍ବା ପୁରୁଣା ବୋତଲକୁ ଧୋଇ ବାରମ୍ବାର ବ୍ୟବହାର କରିଥାଉ। ଯଦି ଆପଣ ମଧ୍ୟ ସମାନ କାମ କରୁଛନ୍ତି, ତେବେ ବର୍ତ୍ତମାନ ଏହାକୁ ବନ୍ଦ କରିବାର ସମୟ ଆସିଛି। ଏହି ବୋତଲଗୁଡ଼ିକ ସାଧାରଣ ମନେହୁଏ କିନ୍ତୁ ସେଥିରେ ଲୁଚି ରହିଥିବା ବିପଦ ଆମର ସ୍ୱାସ୍ଥ୍ୟ ଏବଂ ପରିବେଶକୁ ଅନେକ କ୍ଷତି ପହଞ୍ଚାଇଥାଏ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଏହି ବୋତଲରୁ ଆମ ପାନୀୟ ଜଳରେ ମାଇକ୍ରୋପ୍ଲାଷ୍ଟିକ୍ ପହଞ୍ଚେ। ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ବହୁତ ଛୋଟ ପ୍ଲାଷ୍ଟିକ୍ କଣିକା, ଯାହା ୫ ମିମିରୁ ବି ଛୋଟ। ଆଜିର ସମୟରେ କେବଳ ପ୍ଲାଷ୍ଟିକ ବୋତଲ ନୁହେଁ ସମୁଦ୍ର, ନଦୀ, ହ୍ରଦ ଏବଂ ବାୟୁ ମଧ୍ୟ ମାଇକ୍ରୋପ୍ଲାଷ୍ଟିକରେ ପରିପୂର୍ଣ୍ଣ।

ଯେତେବେଳେ ଆମେ ଏକ ପ୍ଲାଷ୍ଟିକ୍ ବୋତଲରୁ ପାଣି ପିଇଥାଉ, ଆମେ ଅଜାଣତରେ ଏହି ମାଇକ୍ରୋସ୍କୋପିକ୍ କଣିକା ମଧ୍ୟ ଗ୍ରହଣ କରିଥାଉ। ଅନେକ ଆନ୍ତର୍ଜାତୀୟ ଅଧ୍ୟୟନରେ ବୋତଲରେ ମାଇକ୍ରୋପ୍ଲାଷ୍ଟିକ୍ ଦେଖିବାକୁ ମିଳିଛି, ଯାହା ଲୋକଙ୍କର ସ୍ୱାସ୍ଥ୍ୟକୁ ନେଇ ଗୁରୁତର ଚିନ୍ତା ସୃଷ୍ଟି କରିଛି। ପ୍ଲାଷ୍ଟିକ୍ ସହ ଜଡିତ କିଛି ରାସାୟନିକ ପଦାର୍ଥ ଶରୀରରେ ପ୍ରବେଶ କରିପାରେ ଏବଂ ଅଧିକ କ୍ଷତି ଘଟାଇପାରେ, ଯେପରିକି ହରମୋନ୍ ଅସନ୍ତୁଳନ, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ, ପ୍ରଜନନ କ୍ଷମତା ଉପରେ ପ୍ରଭାବ ଏବଂ କେତେକ କ୍ଷେତ୍ରରେ କ୍ୟାନ୍ସର ମଧ୍ୟ ହୋଇପାରେ। ତେଣୁ ଯଦି ଆପଣ ବି ପୁରୁଣା ପ୍ଲାଷ୍ଟିକ ବୋତଲରେ ପାଣି ପିଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ ନଚେତ ସ୍ୱାସ୍ଥ୍ୟ ଉପରେ ପଡିପାରେ ଅନେକ କୁପ୍ରଭାବ।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ (ଏନଆଇଏଚ) ଏ ସମ୍ପର୍କରେ ଏକ ରିପୋର୍ଟ ଜାରି କରିଛି। ତେବେ ଆସନ୍ତୁ ଜାଣିବା ଏହାକୁ ଏଡାଇବା ପାଇଁ ଆପଣ କ'ଣ କରିପାରିବେ। ସର୍ବପ୍ରଥମେ, ପ୍ଲାଷ୍ଟିକ୍ ବୋତଲକୁ ଛାଡି ଷ୍ଟିଲ୍, କିମ୍ବା କାଚ ବୋତଲ ବ୍ୟବହାର କରନ୍ତୁ। ଦ୍ୱିତୀୟତଃ, ଏକ ୱାଟର ଫିଲ୍ଟରେସନ୍ ସିଷ୍ଟମ୍ ବ୍ୟବହାର କରନ୍ତୁ ଯାହା ଜଳରେ ପ୍ରଦୂଷକକୁ ହ୍ରାସ କରିପାରିବ, ବିଶେଷକରି ମାଇକ୍ରୋପ୍ଲାଷ୍ଟିକ୍। ମାଇକ୍ରୋପ୍ଲାଷ୍ଟିକ୍ କେବଳ ଯେ ସ୍ୱାସ୍ଥ୍ୟ ପାଇଁ ତା' ନୁହେଁ ଏହି ବୋତଲ ସାମୁଦ୍ରିକ ଜୀବ, ନଦୀ ଏବଂ ସମଗ୍ର ଇକୋସିଷ୍ଟମକୁ କ୍ଷତି ପହଞ୍ଚାଇଥାଏ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମସ୍ୟାକୁ ଆହୁରି ବଢାଇଥାଏ।

# କ୍ଷତିକାରକ ହୋଇପାରେ ଆଲାରାମ୍ ଶବ୍ଦ



ପ୍ରାୟ ଲୋକ ସକାଳର ନିଦ ଭାଙ୍ଗିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଶୋଇଥାନ୍ତି। କିଛି ଲୋକ ଘଣ୍ଟାର ଆଲାରାମ୍ ଶବ୍ଦକୁ ଖୁବ୍ ତୀବ୍ର କରି ରଖିଥାନ୍ତି।ଜାଣନ୍ତି ଏହା ଆପଣଙ୍କ ପାଇଁ କ୍ଷତିକାରକ ହୋଇପାରେ ? ଆଲାର୍ମର ତୀବ୍ରକଟୁ ଶବ୍ଦ ହୃଦୟ ଉପରେ ଚାପ ପକାଇପାରେ।ଘଣ୍ଟାରେ ଆଲାରାମ୍‌ର ତୀବ୍ର ଶବ୍ଦ ହଠାତ୍ ନିଦକୁ ଭାଙ୍ଗିଦିଏ। କିନ୍ତୁ ଏହି କଟୁଶବ୍ଦ ହୃଦୟର ଗତିକୁ ଅଚାନକ୍ ବଢ଼ାଇ ଦେଇଥାଏ, ଯାହା ଘାତକ ସାବ୍ୟସ୍ତହୋଇପାରେ। ଚାଲନ୍ତୁ ଜାଣିବା ଆଲାର୍ମ କି କି କ୍ଷତି ପହଞ୍ଚାଏ ?

**ଷ୍ଟ୍ରେସ୍ ରିସ୍‌ପନ୍ସ:** ଗଭୀର ନିଦରେ ଥିବା ବେଳେ ହଠାତ୍ ଆଲାର୍ମ ବାଜିବା ଦ୍ୱାରା ଶରୀର ଫାଇଟ୍ କିମ୍ବା ଫ୍ଲାଇଟ୍ ମୋଡକୁ ଚାଲିଯାଇଥାଏ। ଏହା ଷ୍ଟ୍ରେସ୍ ହର୍‌ମୋନ୍ କର୍ଟିସୋଲ୍‌ଏବଂ ଏଣ୍ଡ୍ରୋଫିନ୍‌ସ୍ତରକୁ ହଠାତ୍ ବଢ଼ାଇଦେଇଥାଏ। ହୃଦ୍‌ସ୍ପନ୍ଦନ ଅଚାନକ୍ ବଢ଼ିବାଦ୍ୱାରା ରକ୍ତଚାପ ମଧ୍ୟ ବଢ଼ିଥାଏ। ଫଳରେ ଶରୀରରେ ରକ୍ତ ପ୍ରବାହରେ ପରିବର୍ତ୍ତନ ଆସିଥାଏ। ଲଗାତାର ଏପରି ହେବାଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦୟ ରୋଗ ଏବଂ ମେଟାବଲିଜିମ୍ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ବଢ଼ିଥାଏ।

**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ଆଲାର୍ମର ତୀବ୍ର ଶବ୍ଦ ସାରା ଦିନକୁପ୍ରଭାବିତ କରିଥାଏ। ଏପରିକି ଦିନର ଆରମ୍ଭ ମଧ୍ୟ ଚିଡଚିଡାପଣ ସହହୋଇଥାଏ। ଫଳରେ କୌଣସି କାମରେ ଧ୍ୟାନକେନ୍ଦ୍ରିତ କରିବା କଷ୍ଟ ହେବାସହ ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ। ଧୀରେ ଧୀରେ ଏହା ଆଙ୍ଗଜାଇଟିଓ ଅବସାଦ ପରି ସମସ୍ୟାର କାରଣ ସାଜିଥାଏ।

**ସ୍ଲିପ୍ ସାଇକେଲ୍‌ରେ ବାଧା:** ମଣିଷଙ୍କ ନିଦ ୯୦ ମିନିଟ୍‌ର ସାଇକେଲ୍‌ଅନୁସାରେ ଚାଲିଥାଏ। ଯେଉଁଥିରେ ହାଲ୍‌କା, ଗଭୀର ଓ ରାପିଡ୍ ଆଇମୁଭ୍‌ମେଣ୍ଟ ସାଇକେଲ ସାମିଲ୍ ରହିଥାଏ। ଗଭୀର ନିଦ ବା ରାପିଡ୍ ଆଇମୁଭ୍‌ମେଣ୍ଟ୍ ସାଇକେଲ୍‌ରେ ଅଚାନକ୍ ଉଠିବା ଦ୍ୱାରା ନିଦ ଖୁବ୍ ପ୍ରଭାବିତହୋଇଥାଏ। ଫଳରେ ସାରାଦିନ ଥକ୍କାପଣ, ଅଳସୁଆ ଓ ଶକ୍ତିହୀନ ଅନୁଭବ ହୋଇଥାଏ।

ଶ୍ରେଷ୍ଠ ବିକଳ୍ପ ଏପରି ସମସ୍ୟାକୁ ଦୂର କରିବାକୁ ସକାଳେ ଉଠିବା ପାଇଁ କଟୁ ଆଲାର୍ମରବ୍ୟବହାର ନ କରିବା ଭଲ। ଏହା ପରିବର୍ତ୍ତେ ହାଲ୍‌କା ଶବ୍ଦ ହେଉଥିବା ମୋବଇଲ୍ ଆଲାର୍ମ ବ୍ୟବହାର କରିପାରିବେ। ଏହା ଶରୀରକୁ ଅଚାନକ୍‌ଝଟକା ଦେଇ ନଥାଏ। ଏହା ବ୍ୟତୀତ ନିୟମିତ ଶୋଇବା ଓ ଉଠିବାର ସମୟକୁଫିକ୍ସ କରି ନିଅନ୍ତୁ। ଏକ ନିର୍ଦ୍ଦିଷ୍ଟ ସମୟରେ ନିଦ ଆପେ ଆପେ ଛାଡ଼ିଯିବ।

# ଅନେକ ରୋଗକୁ ଦୂର କରିଥାଏ ଭିଟାମିନ୍ 'ସି'

ଭିଟାମିନ୍ 'ସି' ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ଶରୀରକୁ ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଭିଟାମିନ୍ 'ସି' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ହୃତ୍ ପିଣ୍ଡର ସ୍ୱାସ୍ଥ୍ୟକୁ ମଜବୁତ କରିବା ଏବଂ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ଭିଟାମିନ୍ 'ସି'ରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ କେବଳ ଥଣ୍ଡାରୁ ଶୀଘ୍ର ଆରାମ ପ୍ରଦାନ କରେ ନାହିଁ ବରଂ ଅନ୍ୟାନ୍ୟ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ। ଭିଟାମିନ୍ 'ସି' ଶରୀରକୁ ଫ୍ରି ରେଡିକାଲ୍ ରୁ ରକ୍ଷା କରେ, ଶରୀରରେ କୋଲାଜେନ୍ ସୃଷ୍ଟି କରେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସକୁ ହ୍ରାସ କରେ। ଏକ ରିପୋର୍ଟ ଅନୁଯାୟୀ, ୧୯ ରୁ ୬୪ ବର୍ଷ ବୟସର ଯୁବକ ଯୁବତୀମାନେ ପ୍ରତିଦିନ ୪୦ ମିଲିଗ୍ରାମ ଭିଟାମିନ୍ 'ସି' ଆବଶ୍ୟକ କରନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟରେ ଭିଟାମିନ୍ 'ସି'ରେ ଭରପୂର ଖାଦ୍ୟକୁ ସାମିଲ କରିବା ଉଚିତ୍।

**ଥଣ୍ଡାରୁ ଆରାମ:** ଭିଟାମିନ୍ 'ସି' ଥଣ୍ଡା କାଶକୁ ସିଧାସଳଖ ପ୍ରଭାବିତ କରେ ନାହିଁ, କିନ୍ତୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ପ୍ରତିଦିନ ୨୫୦ ମିଲିଗ୍ରାମରୁ ୧ ଗ୍ରାମ ଭିଟାମିନ୍ 'ସି' ଗ୍ରହଣ କରିବା ଦ୍ୱାରା ଥଣ୍ଡା ହେବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ। ପ୍ରତିଦିନ ଭିଟାମିନ୍ 'ସି' ସେବନ କରିବା ଦ୍ୱାରା ଥଣ୍ଡାରେ ପୀଡିତ ବ୍ୟକ୍ତି ଶୀଘ୍ର ସୁସ୍ଥ ହୋଇଯାଆନ୍ତି। ଥଣ୍ଡାର ଲକ୍ଷଣ ଦେଖାଯିବା ପୂର୍ବରୁ ଯଦି ଭିଟାମିନ୍ 'ସି' ସେବନ କରାଯାଏ, ତେବେ ଏହା ଯୁବକ ଯୁବତୀମାନଙ୍କଠାରେ ଥଣ୍ଡା ହେବାର ଆଶଙ୍କା ୮ ପ୍ରତିଶତ ଏବଂ ପିଲାମାନଙ୍କଠାରେ ୧୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ।

**ହୃତ୍‌ପିଣ୍ଡ ପାଇଁ ଲାଭଦାୟକ:** ଭିଟାମିନ୍ 'ସି' ହୃଦ୍ ରୋଗ ସହିତ ଲଢ଼ିବାରେ ମଧ୍ୟ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଭିଟାମିନ୍ 'ସି' ଶରୀରରେ ଫୁଲାକୁ ହ୍ରାସ କରେ, ହେଲଦି ବ୍ଲଡ଼ ସେଲସ ବୃଦ୍ଧି କରେ ଏବଂ କୋଲେଷ୍ଟ୍ରଲ ହ୍ରାସ କରେ। ଏହା ଆପଣଙ୍କ ହୃତ୍ ପିଣ୍ଡର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ଭିଟାମିନ୍ 'ସି' ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ ଯାହା ଫ୍ରି ରେଡିକାଲ୍ ସହିତ ଲଢ଼ିବାରେ ସାହାଯ୍ୟ କରେ। ଭିଟାମିନ୍ 'ସି' ହୃଦଘାତ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ମଧ୍ୟ ହ୍ରାସ କରିଥାଏ।

**ହାଇ ବ୍ଲଡ଼ ପ୍ରେସର କଣ୍ଟ୍ରୋଲ୍:** ଭିଟାମିନ୍ 'ସି' ବ୍ଲଡ଼ ସେଲସକୁ ସୁରକ୍ଷା ଦେଇ ଏବଂ ସେମାନଙ୍କୁ ଆରାମ ଦେଇ ହାଇ ବ୍ଲଡ଼ ପ୍ରେସର ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ନାଇଟ୍ରିକ୍ ଅକ୍ସାଇଡ୍ ବୃଦ୍ଧି କରେ। ଯେଉଁଥିପାଇଁ ବ୍ଲଡ଼ ସେଲସ ପ୍ରଶସ୍ତ ହୋଇଥାଏ ଏବଂ ଶରୀରରେ ରକ୍ତ ପ୍ରବାହ ସୁଗମ ହୋଇଥାଏ। ପ୍ରାୟତଃ ଫଳ ଏବଂ ବିଭିନ୍ନ ପନିପରିବା ଭିଟାମିନ୍ 'ସି'ର ସର୍ବୋତ୍ତମ ଉତ୍ସ। ଭିଟାମିନ୍ 'ସି' ପାଇଁ, ଆପଣ ନିଜ ଖାଦ୍ୟରେ ବିଭିନ୍ନ ପ୍ରକାରର ଖଟା ଫଳ ଯେପରିକି କମଳା, ଲେମ୍ବୁ, ପିଜୁଳି, ଲଙ୍କା, ଷ୍ଟ୍ରବେରୀ, ଗୁଜବେରୀ, ବ୍ଲାକ୍ କରେଣ୍ଟ, ବ୍ରୋକୋଲି ଆଦି ସାମିଲ କରିବା ଉଚିତ୍।





# ଅଚାନକ ରକ୍ତଚାପ କମିଗଲେ

ଅଚାନକ୍ ରକ୍ତଚାପ କମିଗଲେ, ତାକୁ ନିୟନ୍ତ୍ରଣ କରିନେବା ଜରୁରି। ଏହି ସମୟରେ କିଛି ଭୁଲ୍ କରି ବସିଲେ ଜୀବନ ଉପରେ ଖୁବ୍ ପ୍ରଭାବ ପଡିଥାଏ। ବିଶେଷକରି ନିମ୍ନ ରକ୍ତଚାପରେ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ୍। ଅଚାନକ୍ ନିମ୍ନ ରକ୍ତଚାପ ହେବା ଦ୍ୱାରା ଶରୀରରେ ପ୍ରତିକ୍ରିୟା ଦେଖିବାକୁ ମିଳିଥାଏ। ନିମ୍ନ ରକ୍ତଚାପ ହେବା ଦ୍ୱାରା ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା,ଜାଳଜାଲୁଆ ଦେଖାଦେବା ଓ ଝାଳ ବାହାରିବା ପରି ଲକ୍ଷଣମାନ ଦେଖା ଦେଇଥାଏ। କିଛି ଲୋକ ହଡବଡେଇ ହେବା ସହ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଭୁଲ୍ କରି ବସନ୍ତି। ଫଳରେ ଅବସ୍ଥା ବିଗିଡି ଯାଇଥାଏ। ନିମ୍ନ ରକ୍ତଚାପ ହେବା ଖୁବ୍ ସାଧାରଣ କଥା।

ବିଶେଷକରି ଯେତେବେଳେ ଶରୀର ଦୁର୍ବଳ ହେବା ସହ କମ୍ ପାଣି ପିଇବା, ଅଧିକ ସମୟ ଯାଏ କିଛି ନ ଖାଇବା କିମ୍ବା କୌଣସି ଔଷଧ ଖାଇବା ଯୋଗୁ ରକ୍ତଚାପ କମିଯାଇଥାଏ। ଏହି ସ୍ଥିତିରେ କୌଣସି କାମ କରିବା ଅନୁଚିତ୍। କାରଣ ଏହି ସମୟରେ କିଛି କାମ କରିବା ଦ୍ୱାରା ହୃଦୟ, ମସ୍ତିଷ୍କ ଓ କିଡ୍ନୀ ଉପରେ ଚାପ ପଡିଥାଏ। ସଞ୍ଜୟଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେଜ୍ ହସ୍ପିଟାଲରେ ମ୍ୟାନେଜମେଣ୍ଟ ଏଚ୍‌ଓଡି ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ରକ୍ତଚାପ କମ୍ ଥିବା ବେଳେ ବିଶେଷକରି ୫ଟି କାମ ନ କରିବା ଉଚିତ୍। ଯେପରିକି

**ଅଚାନକ୍ ଠିଆ ହୁଅନ୍ତୁ ନାହିଁ:** ରକ୍ତଚାପ ନିମ୍ନ ହେବା ଦ୍ୱାରା ରକ୍ତର ପ୍ରବାହର ସନ୍ତୁଳନ ବିଗିଡି ଯାଇଥାଏ। ଡାକ୍ତର ରାଜେଶ ହର୍ଷବର୍ଦ୍ଧନଙ୍କ ଅନୁସାରେ ଅଚାନକ୍ ଠିଆ ହେବା ଦ୍ୱାରା ରକ୍ତ ପ୍ରବାହ ପାଦ ଆଡକୁ ତୀବ୍ର ବେଗରେ ହୋଇଥାଏ। ତେଣୁ ମସ୍ତିଷ୍କରେ ରକ୍ତ ପ୍ରବାହ କମି ଚାଲେ। ଫଳରେ ଅଚାନକ୍ ବେହୋସ୍ ହେବା ସହ ମୁଣ୍ଡରେ ଆଘାତ ଲାଗିବାର ଆଶଙ୍କା ମଧ୍ୟ ଉପୁଜିପାରେ। ତେଣୁ ଅଚାନକ୍ ରକ୍ତଚାପ କମିବା ପରେ ଆରାମ କରିବା ଜରୁରି।

**ଶରୀରକୁ ଓଜନିଆ କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ:** ନିମ୍ନ ରକ୍ତଚାପ ରହିଥିଲେ ଶରୀରକୁ ଭାରୀ କରୁଥିବା ବା ହଜମ ପାଇଁ ଅଧିକ ସମୟ ଲାଗୁଥିବା ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। କାରଣ ଖାଦ୍ୟକୁ ହଜମ ପାଇଁ ଅଧିକ ସମୟ ଲାଗିବା ଦ୍ୱାରା ରକ୍ତ ପ୍ରବାହ ପାଚନତନ୍ତ୍ର ଆଡକୁ ବଢ଼ିବା ସହ ମସ୍ତିଷ୍କକୁ ରକ୍ତ ପ୍ରବାହ କମିଥାଏ। ଫଳରେ ଶରୀର ଅଧିକ ଦୁର୍ବଳ ଲାଗିବା ସହ ଅଳସୁଆ ଅନୁଭବ ହୋଇଥାଏ। ତେଣୁ ନିମ୍ନ ରକ୍ତଚାପ ଥିବା ବେଳେ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ।

**ଅଧିକ ସମୟ ଠିଆ ହୋଇ ରୁହନ୍ତୁନି:** ଦୀର୍ଘ ସମୟ ଯାଏ ଗୋଟିଏ ଜାଗାରେ ଠିଆ ହୋଇ ରହିବା ଦ୍ୱାରା ପାଦରେ ରକ୍ତ ଜମା ହେବାର ଆଶଙ୍କା ରହିଥାଏ। ବିଶେଷକରି ନିମ୍ନ ରକ୍ତଚାପ ଥିବା ଆନେମିଆ ରୋଗୀ, ବୟସ୍କ ଲୋକ ବା ଗର୍ଭବତୀ ମହିଳାମାନଙ୍କ ପାଇଁ ଏହା ଖୁବ୍ କ୍ଷତିକାରକ। ଯଦି ଅଧିକ ସମୟ ଯାଏ ଠିଆ ହେବାକୁ ପଡେ, ତେବେ ହାଲ୍କା ହାଲ୍କା ପାଦକୁ ହଲାଇବା ଜରୁରି। ମଝିରେ ମଝିରେ ବସିପଡିବା ଉଚିତ୍। ଫଳରେ ରକ୍ତ ସଞ୍ଚାଳନ ବଜାୟ ରହିବ।

**ତୁରନ୍ତ ବ୍ୟାୟାମ କରନ୍ତୁ ନାହିଁ:** ନିମ୍ନ ରକ୍ତଚାପ ଥିବା ବେଳେ ବ୍ୟକ୍ତି ଖୁବ୍ ଦୁର୍ବଳ ରହିଥାଏ। ତେଣୁ ଏହି ସମୟରେ ବ୍ୟାୟାମ କରିବା ଦ୍ୱାରା ଶରୀର ଉପରେ ଅତିରିକ୍ତ ଚାପ ପଡିଥାଏ, ଯାହା ଶରୀର ପାଇଁ ଆଦୌ ଭଲ ନୁହେଁ। ତେଣୁ ଏହି ସମୟରେ ବ୍ୟାୟାମ ନ କରିବା ଭଲ।

**ଲୁଣ ଖାଇବା ଛାଡନ୍ତୁ ନାହିଁ:** ନିମ୍ନ ରକ୍ତଚାପ ସମୟରେ ଶରୀରକୁ ସୋଡିୟମ୍‌ର ଆବଶ୍ୟକତା ରହିଥାଏ। କିଛି ଲୋକ ଲୁଣ-ମୁକ୍ତ ଡାଏଟ୍ରେ ରହିଥାନ୍ତି, ଯାହା ନିମ୍ନ ରକ୍ତଚାପକୁ ଆହୁରି ବଢାଇଥାଏ। ବରଂ ଏହି ସମୟରେ ରୋଗୀକୁ ଲେମ୍ବୁ, ଲୁଣ ଓ ଚିନି ମିଶାଇ ପାଣି କିମ୍ବା ଲୁଣି ବିସ୍କୁଟ୍ ଖାଇବାକୁ ଦେବା ଉଚିତ୍। ଫଳରେ ରକ୍ତଚାପ ନିୟନ୍ତ୍ରଣକୁ ଆଣିବା ସହଜ ହୋଇପାରିବ।

ସଂଚାର SANCHAR

## ବିଶ୍ୱବିଜୟିନୀ ଯମୁନାରାଣୀଙ୍କୁ ଶାଶୂଘର ଗାଁ'ରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ନୀଳଗିରି,୭।୧୨ (ସଂଚାର ବ୍ୟୁରୋ):** ଭାରତୀୟ ଦଳରେ ବିଜୟର ମଙ୍ଗ ଧରିଥିବା ୪ ଜଣ ଓଡ଼ିଆ ଝିଅଙ୍କୁ ଆଜି ସାରା ବିଶ୍ୱ କରିଛି ପ୍ରଶଂସା। କ୍ରିକେଟରେ ପାକିସ୍ତାନକୁ ହରାଇବା ପରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ବର୍ଗରୁ ସେମାନଙ୍କୁ ମିଳିଛି ପ୍ରଶଂସା। ଏହି ୪ ଜଣ ଖେଳାଳିଙ୍କ ମଧ୍ୟରୁ ନୀଳଗିରି ମାଟିର ବୋହୂ ଯମୁନାରାଣୀ ଟୁଡୁଙ୍କୁ ଗାଁ ଲୋକେ ବାଜା ବଜାଇ, ବାଣ ରୋଷଣି ଫୁଟାଇ, ପୁଷ୍ପ ବର୍ଷା କରି ପାଛୋଟି ନେଇଥିଲେ। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ ଅଧୀନ ଚେକାମରା ଗାଁର ସନାତନ ସିଂ ଓ ଯାତ୍ରୀ ସିଂଙ୍କ ପୁଅ ଅଞ୍ଜନ ବର୍ଷେ ପୂର୍ବରୁ ବାରିପଦା ଅଞ୍ଚଳର ଯମୁନାରାଣୀଙ୍କୁ ବିବାହ କରିଥିଲେ।

### ନାହିଁ ନାହିଁରେ ଚାଲିଛି ବୋରିଗୁମ୍ମା ବ୍ଲକ

# ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନାହାନ୍ତି ଅଧିକାରୀ

**ବୋରିଗୁମ୍ମା, ୭।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ପ୍ରମୁଖ ବ୍ଲକ ତଥା ରାଜ୍ୟର ସର୍ବ ବୃହତମ ବ୍ଲକ ହେଉଛି ବୋରିଗୁମ୍ମା। ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଠାରୁ ମାତ୍ର ଚାଳିଶି କିମି ଦୂରରେ ଅବସ୍ଥିତ ଏହି ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ବିଭାଗ ମାନଙ୍କରେ ଅଧିକାରୀ ଓ କର୍ମଚାରୀ ମରୁଡି ଦେଖାଦେଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ଏବଂ ପ୍ରଶାସନିକ ଉଦାସୀନତା କାରଣରୁ ବର୍ଷ ବର୍ଷ ଧରି ଏହି ପଦବୀ ପୂରଣ ହୋଇପାରୁନଥିବା କୁହାଯାଇଛି। ଏହା ଫଳରେ ବୋରିଗୁମ୍ମା ବ୍ଲକରେ ପ୍ରଶାସନିକ କ୍ଷେତ୍ରରେ ଜନସାଧାରଣଙ୍କ ପାଇଁ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ରୂପେ ସକ୍ଷମ ହୋଇ ପାରିନାହିଁ।

ସୂଚନା ଅଧିକାର ତଥ୍ୟ ଆଧାରରେ ବୋରିଗୁମ୍ମା ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ବ୍ଲକ କାର୍ଯ୍ୟାଳୟ, କୃଷି ବିଭାଗ, ପ୍ରାଣୀ ବିଭାଗ, ପୋଲିସ ବିଭାଗ ସମେତ



ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବହୁ ଗୁରୁତ୍ୱ ପୂର୍ଣ୍ଣ ପଦପଦବୀ ଖାଲି ପଡ଼ିଥିବା ଦେଖିବାକୁ ମିଳୁଛି। ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ପିଇଓ ପଦବୀ ଦୀର୍ଘ ମାସ ହେବ ଖାଲି ପଡିଛି। ଏପରିକି ସମ୍ବେଦନଶୀଳ ବିଭାଗ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ସିଡିପିଓ ପଦବୀ ଦୀର୍ଘ ମାସ ହେବ ଖାଲି ପଡିଛି। ସେହିପରି ବୋରିଗୁମ୍ମା ବ୍ଲକ ଶିକ୍ଷା ବିଭାଗରେ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ପଦବୀ ୮ ମାସ ହେବ ଫାଙ୍କା ପଡ଼ିଥିବା ସହିତ ତିନିଜଣ ଏବିଓ ପଦବୀ ଖାଲି ରହିଛି, ତେଣୁ କୁନ୍ଦୁରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗିଙ୍କୁ ଅତିରିକ୍ତ ବୋରିଗୁମ୍ମା ଦାୟିତ୍ୱ ମିଳିବାରୁ ବୋରିଗୁମ୍ମା ବ୍ଲକରେ ମାତ୍ର ସପ୍ତାହରେ ଦୁଇ ଦିନ କାର୍ଯ୍ୟ କରୁଥିବାରୁ ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ଓ ବିଇଓ କାର୍ଯ୍ୟାଳୟ କାର୍ଯ୍ୟରେ ମଧ୍ୟ ବାଧାସୃଷ୍ଟି ହେଉଛି।

ଅନ୍ୟପଟେ ବୋରିଗୁମ୍ମାରେ ଗୁରୁତ୍ୱ ବହନ କରୁଥିବା ସ୍ୱାସ୍ଥ୍ୟ ବିଭାଗରେ ସର୍ବାଧିକ ଡାକ୍ତର ପଦବୀ ଖାଲି ପଡିଛି,ଯେଉଁଥିରେ ସର୍ଜରୀ ସ୍ପେସାଲିଷ୍ଟ, ନିଶ୍ଚେତକ ବିଶେଷଜ୍ଞ, ଅସ୍ଥିସଲ୍ୟ ଡାକ୍ତର, ଶିଶୁରୋଗ ବିଶେଷଜ୍ଞ ପଦବୀ ଦୀର୍ଘ ବର୍ଷ ହେବ ଖାଲିପଡ଼ିଛି । ଶେଷରେ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ପଦବୀ ଭାବେ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବୋରିଗୁମ୍ମା ଥାନା ଅଧିକାରୀ ମାତୃତ୍ୱ ଛୁଟିରେ ଯାଇ ଥିବାବେଳେ ବୋରିଗୁମ୍ମା ଥାନା ଅଧିକାରୀଙ୍କ ପଦବୀ ଫାଙ୍କା ପଡିଛି। ମୋଟାମୋଟି ଭାବରେ କହିବା କି ବୋରିଗୁମ୍ମା ବ୍ଲକରେ ବହୁ ଅଧିକାରୀ, କର୍ମଚାରୀଙ୍କ ପଦ ଫାଙ୍କା ପଡିଥିବା ବେଳେ କେବେଳ ଅତିରିକ୍ତ ଦାୟିତ୍ୱରେ ଚାଲିଛି ବ୍ଲକ।

ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସହିତ ବିଧି ବ୍ୟବସ୍ଥାରେ ବି ହୋଇଛି ପରିବର୍ତ୍ତନ। ତେବେ ଦୀର୍ଘଦିନ ଧରି ବୋରିଗୁମ୍ମା ବ୍ଲକରେ ବିଭିନ୍ନ ପଦପଦବୀ ଗୁଡିକ ଖାଲି ପଡ଼ିଥିବା ବେଳେ ତୁରନ୍ତ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ନକଲି ଓ ନିମ୍ନମାନର ଔଷଧ କାରବାର ବଢୁଛି

## ଖବର ପ୍ରକାଶ ପରେ ଭେଷଜ ବିଭାଗର ଅଚାନକ ଚଢ଼ାଉ

**କାକଟପୁର/ଅସ୍ତରଙ୍ଗ,୭।୧୨ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନୀରବତା ପାଇଁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବଜାରରେ ନକଲି ଓ ନିମ୍ନ ମାନର ଔଷଧ ବିକ୍ରି କରି ଔଷଧ ବ୍ୟବସାୟୀ ମାଲେ ମାଲ ହେଉଛନ୍ତି। ତଦାରଖ କି ଚଢ଼ାଉ ହେଉନି। ଛକ ବଜାରରେ ମାଳ ମାଳ ଔଷଧ ଦୋକାନ। ନିୟମ କାନୁନକୁ ଅଣଦେଖା କରି ଔଷଧ ଦୋକାନୀ ରୋଗୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ନଭେମ୍ବର ୨୦ତାରିଖରେ ଖବର ପ୍ରକାଶିତ ପରେ ଶନିବାର ଦିନ ପୁରୀ ଭେଷଜ ନିରୀକ୍ଷକ ଶ୍ରୀମତୀ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ, ପୁରୀ ରେଞ୍ଜ ୨ ଶ୍ରୀ ହିତେଶ କୁମାର



ବେହେରା, ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡ଼ଃ ସୁଦର୍ଶନ ବିଶ୍ୱାଳ ତତ୍ତ୍ୱବଧାନରେ କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଅଚାନକ ଔଷଧ ଦୋକାନରେ ଚଢ଼ାଉ କରାଯାଇଛି। ବିଭିନ୍ନ ଦୋକାନରୁ ୮ଟି ନମୁନା ସଂଗ୍ରହ, ଗର୍ଭ ନଷ୍ଟ ଔଷଧ ଯାଞ୍ଚ, ଲାଇସେନ୍ସ ଯାଞ୍ଚ, କାଗଜ ପତ୍ର ରେକର୍ଡ ଯାଞ୍ଚ କରାଯାଇଥିଲା। କିନ୍ତୁ ଭେଷଜ ବିଭାଗର ଚଢ଼ାଉ ଭୟ ରେ ଅନେକ ଔଷଧ ଦୋକାନୀ କୋକୁଆ ଭୟରେ ଦୋକାନ ତାଲା ପକାଇ ପଳାଇ ଯାଇଥିଲେ।

ଅସ୍ତରଙ୍ଗ ବ୍ଲକ ଟି ୧୫ଗୋଟି ପଂଚାୟତ ହୋଇଥିବା ବେଳେ ପ୍ରତ୍ୟେକ ଗାଁ ରେ ଛତୁ ଫୁଟିଲା ଭଳି ଖୋଲିଛି ମାଳ ମାଳ ଔଷଧ ଦୋକାନ। ଯାହାକି ବିଭିନ୍ନ କମ୍ପାନୀ ନକଲି ଔଷଧ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ହେଉଛି। ନକଲି ଓ ନିମ୍ନ ମାନର ଔଷଧ ସେବନ ଯୋଗୁଁ ଉପଶମ ମିଳୁନି। ଆରୋଗ୍ୟ ବଦଳରେ ଅର୍ଥ ଶ୍ରାଦ୍ଧ କରି ରୋଗୀ ଶୋଷିତ ହେଉଛି । ବିଶେଷ ଭାବରେ ଗ୍ରାମାଞ୍ଚଳରେ ନକଲି ଔଷଧ ବିକ୍ରି ଅଧିକ ହେଉଛି । କିଛି ଡାକ୍ତରଙ୍କୁ ହାତ କରି ନକଲି ଔଷଧ ବିକ୍ରି କରୁଥିବା ଦୋକାନୀ ମାନେ ବ୍ୟବସାୟ ଚଳାଇଛନ୍ତି।

## ନର୍ଲାରେ ରକ୍ତଦାନ ଶିବିର



**ନର୍ଲା,୭।୧୨ (ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦଙ୍କ ତତ୍ତ୍ୱାବଧାନରେ ରବିବାର ଦିନ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆମ ଓଡିଶା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ଥାନା ଏଏସଆଇ ଅବନୀ ଖୁରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଶିବିରର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ବିଶ୍ୱଜିତ ମହନ୍ତ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ସର୍ଗିଗୁଡାର ପୂର୍ବତନ ସରପଞ୍ଚ ନରସିଂହ କୁମାର, ବାଗପୁରର ପୂର୍ବତନ ସରପଞ୍ଚ ବରୁଣ ନାଏକ, ଯୁବନେତା ଶତୃଘ୍ନ ସେନାପତି, ଦର୍ପ ସେନାପତି, ଖଗେଶ୍ୱର ଗଉଡ଼, ବେଣୁଧର ଗୌଡ଼ ପ୍ରମୁଖ ଯୋଗଦେଇ ରକ୍ତଦାନ ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ୧୦୮ ଆମ୍ବୁଲାନ୍ସ ଟିମ୍‌କୁ ମହମ୍ମଦ ଅସଲମ ସେବା ସମ୍ମାନ

**ଲାଞ୍ଜିଗଡ଼,୭।୧୨ (ସଂଚାର ବ୍ୟୁରୋ):** ନିଜର ଉପସ୍ଥିତି ବୁଦ୍ଧି ଖଟାଇ ଆମ୍ବୁଲାନ୍ସ ମଧ୍ୟରେ ଜଣେ ଆସନ୍ନ ପ୍ରସବାଙ୍କୁ ସୁରକ୍ଷିତ ଭାବେ ପ୍ରସବ କରାଇ ସେ ବେଶ ପ୍ରଶଂସା ସାଉଁଟିଥିଲେ ୧୦୮ ଆମ୍ବୁଲାନ୍ସ ସେବାର ଫାର୍ମାସିଷ୍ଟ ମୋହିତ କୁମାର ସା। ତାଙ୍କ ସହିତ ସଞ୍ଜୀବ କୁମାର ଛତ୍ରିଆ ଓ ଅନୀଲ କୁମାର ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ସମର୍ପିତ ସେବାକୁ ସମ୍ମାନ ଜଣାଇ ଆଜି ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମହମ୍ମଦ ଅସଲମଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ଆୟୋଜିତ ସ୍ମୃତିସଭାରେ ସମ୍ମାନିତ କରାଯାଇଛି।



ମହମ୍ମଦ ଅସଲମ ସ୍ମୃତି କମିଟିର ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ,ଗାଳ୍ପିକ ଓ ଔପନ୍ୟାସିକ ଅମରେଶ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ ପ୍ରମୁଖ ଏହି ୧୦୮ ଆମ୍ବୁଲାନ୍ସ ଟିମକୁ ସମ୍ମାନିତ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଦୁଇ ମୃତ



**କନ୍ଧମାଳ,୭।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ସମ୍ବେପଦର୍ ଠାରେ ଦୃତ ଗତିରେ ଯାଉଥିବା ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବ୍ୟକ୍ତି ମୃତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଖଜୁରୀପଡ଼ା ପଟରୁ ଫୁଲବାଣୀ ୫୭ ନଂ ଜାତୀୟ ରାଜପଥରେ ଏକ କାର ଗାଡ଼ି ସନ୍ଧ୍ୟାବେଳେ ଦୃତ ଗତିରେ ଯାଉଥିବା ବେଳେ ସମ୍ବେପଦର ଘାଇ ନିକଟରେ ଜଣକୁ ଦୁର୍ଘଟଣା ଘଟାଇ ଫେରାର ହେଉଥିବା ସମୟରେ ସମ୍ବେପଦର ଶିବ ମନ୍ଦିର ନିକଟରେ ଆଉ ଜଣକୁ ଦୁର୍ଘଟଣା ଘଟାଇଛି। ଉଭୟ ଦୁଇ ଜଣ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଜଣେ ସମ୍ବେପଦର ଗ୍ରାମର ବିଦ୍ୟାଧର ସେଠୀ(୫୮) ବୋଲି ଜଣା ପଡ଼ିଥିବା ବେଳେ ଆଉ ଜଣେ ପ୍ରେମଝୋରି ଗ୍ରାମର ଉପେନ୍ଦ୍ର ଦିଗାଲ(୬୦) ବୋଲି ଜଣାପଡ଼ିଛି । ଏ ନେଇ ସ୍ଥାନୀୟ ଲୋକେ ରାସ୍ତା ରୋକ୍ କରିଥିଲେ। ଘଟଣା ସ୍ଥଳରେ ତହସିଲଦାର ଶୁଭଶ୍ରୀ ରଥ ଏବଂ ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ସମେତ ପୁଲିସ ବାହିନୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଉଭୟ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଛି ।

### ଶିଶୁ ମନ୍ଦିରର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

## ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳ ଅପରିହାର୍ଯ୍ୟ

**ସାଲେପୁର,୭।୧୨ (ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୩୬ତମ ବାର୍ଷିକ ଖେଳକୁଦ ସମାରୋହ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ଖେଳପଡିଆରେ ୩ଦିନ ଧରି ଆୟୋଜିତ ଏହି ଖେଳକୁଦ ସମାରୋହକୁ ସରପଞ୍ଚ ରଶ୍ମିତା ଦାସ ଓ ସାଲେପୁର ଉପକାରାଗାର ଅଧିକ୍ଷକ ରଶ୍ମୀପ୍ରଭା ରାୟ ଉଦଘାଟନ କରିଥିବା ବେଳେ ଆଜି ର ଉଦଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କ୍ରୀଡା ଭାସ୍ୟ ଓ କ୍ରୀଡା ନୈପୁର୍ଣ୍ଣ୍ୟ ପଦର୍ଶନ ମାଧମରେ ଶିଶୁର ବ୍ୟକ୍ତିତ୍ୱ ଓ ବିକାଶ ସାଙ୍ଗକୁ ଉଭୟ ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳ ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ପ୍ରଶାସନିକ ସଦସ୍ୟ ରମାକାନ୍ତ ନାୟକ, ଅନ୍ୟତମ ସଦସ୍ୟ ସଞ୍ଜୟ ଦଳାଇ, ଅତିଥି ଭାବେ ଯୋଗ ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ୪ଟି ବର୍ଗରେ ଆୟୋଜିତ କ୍ରୀଡାରେ କନିଷ୍ଠ ବର୍ଗରେ ନିହାର ରଞ୍ଜନ ସାହୁ, ଆୟୋଶୀ



ତ୍ରିପାଠୀ ଶିଶୁ ବର୍ଗରେ ଶ୍ରେୟାଂଶୁ ଓଝା, ଅନନ୍ୟା ଲେଙ୍କା ବାଲ ବିଭାଗରେ ସୌମ୍ୟ ପ୍ରକାଶ ଖୁଣ୍ଟିଆ, ଲିପ୍ସା ମହାନ୍ତି, କିଶୋର ବର୍ଗରେ ସ୍ୱପ୍ନ ଜିତ ଦାସ, ଚାଚିସ୍ମିତା ନାୟକ, ଅରୁନ୍ଧତୀ ସ୍ୱାଇଁ, ଏ ବର୍ଷ ର ଶ୍ରେଷ୍ଠ କ୍ରୀଡ଼ାବିତ ରୂପେ ବିବେଚିତ ହୋଇଛନ୍ତି । ଆଚାର୍ଯ୍ୟ ଅନ୍ନପୂର୍ଣ୍ଣା ସ୍ୱାଇଁ ମଞ୍ଚ ସଂଯୋଜନା କରିଥିବା ବେଳେ କ୍ରୀଡା ଆଚାର୍ଯ୍ୟ ଜ୍ଞାନ ରଞ୍ଜନ ସାମଲ କ୍ରୀଡା ବିବରଣୀ ପାଠ କରିଥିଲେ । ଏଥିରେ ୧୧୦୦ ଛାତ୍ର ଛାତ୍ରୀ ପ୍ରତିଯୋଗିତାରେ ଭାଗନେଇଥିବା ବେଳେ ଚିତାକର୍ଷକ ଶାରୀରିକ ପଦର୍ଶନ ଦେଖିବାକୁ ମିଳିଥିଲା । ଏହି ବସରରେ ବିଧାୟକ ଶ୍ରୀ ବେହେରା କ୍ରୀଡ଼ାବିତ ମାନଙ୍କୁ ପୁରସ୍କୃତ କରିଥିଲେ ।

## ଜେମ୍ସ ସ୍କୁଲରେ ବିଜ୍ଞାନ ମେଳା

**ଯାଜପୁର ରୋଡ଼,୭।୧୨ (ସଂଚାର ବ୍ୟୁରୋ):** ଯାଜପୁର ରୋଡ ସହରର ଦଳା - ଶଙ୍ଖଚିଲା ରୋଡ ନିକଟସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂରାଜୀ ମିଡିୟମ ସିନିୟର ସେକେଣ୍ଡାରୀ ଜେମ୍ସ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ଏହି ସ୍କୁଲର ଅଧ୍ୟକ୍ଷ ଶ୍ରୀ ନିରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞ ଡ଼ଃ ଭର୍ଚାସ୍ୱୀ ଓ ଡ଼ଃ ଗଣେଶ ପ୍ରମୁଖ ଯୋଗ ଦେବା ସହିତ ସଂମ୍ମାନିତ ଅତିଥି ଭାବେ ସ୍କୁଲର ପରିଚାଳକ ଡ଼ଃ ଅଭୟ ପତି ଏବଂ ସଭାପତି ଶ୍ରୀମତୀ ଅସ୍ମିତା ପତି ଯୋଗ ଦେଇ ଅନୁଷ୍ଠାନିକ ଭାବେ ଫିତା କାଟି ଉକ୍ତ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ଏହି ବିଜ୍ଞାନ ମେଳାରେ ପାଖାପାଖି ୨୦ ଟି ସ୍କୁଲର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସ୍କୁଲର ଉପାଧକ୍ଷ ସରୋଜ କୁମାର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବୋରିଗୁମ୍ମା,୭।୧୨ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ବୋରିଗୁମ୍ମା ବ୍ଲକ କଂଗ୍ରେସ ପାର୍ଟି ପକ୍ଷରୁ ରବିବାର ବୋରିଗୁମ୍ମା ସହରର ମୁଖ୍ୟ ଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ପରେ ସ୍ଥାନୀୟ ଡ଼ାକବଙ୍ଗଳାକୁ ପାଛୋଟି ନିଆଯାଇଥିଲା । ଏହି ଅବସରରେ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଦାସ ଦଳୀୟ କର୍ମକର୍ତ୍ତା ଙ୍କୁ ରାଜ୍ୟରେ କଂଗ୍ରେସ ନେତୃତ୍ୱ କୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ ଏବଂ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାକଂଗ୍ରେସ ସଭାପତି ରୂପକ ତୁରୁକ, ବୋରିଗୁମ୍ମାବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ,ଜିଲ୍ଲାପରିଷଦ ସଭ୍ୟ ପିଙ୍କୁ ଶତପଥୀ, ଦଳୀୟ ଦକ୍ଷ ଯୁବ ସଂଘଠକ ବିଜୟ ନାରାୟଣ ସାହୁ, ବିଟୁ ପଣ୍ଡା, ନିରୁ ମହାପାତ୍ର, ଅଶୋକ ଭୂୟାଁ,ମନୁ ପଟନାୟକ, ତପନ କୁମାର ଦାସ, ସୁରେଶ ଚନ୍ଦ୍ର ରାଉତ, କୈଳାସ ଚନ୍ଦ୍ର ରଥ, ସମେତ ଅନ୍ୟ କର୍ମି ମାନେ ଉପସ୍ଥିତ ଥିଲେ।

## ବାଣିଜ୍ୟ ମହୋତ୍ସବ ପାଇଁ ଭୂମି ପୂଜନ



**ଆନନ୍ଦପୁର,୭।୧୨ (ସଂଚାର ବ୍ୟୁରୋ):** ପ୍ରେସ୍ କ୍ଲବ ଆନନ୍ଦପୁର ପ୍ରାୟୋଜିତ ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମହୋତ୍ସବ ପାଇଁ ରବିବାର ଆନୁଷ୍ଠାନିକ ଭାବେ ଭୂମି ପୂଜନ କାର୍ଯ୍ୟକ୍ରମ ସମାପନ ହୋଇଛି। କ୍ଲବର ସମ୍ପାଦକ ସନ୍ତୋଷ ରାଉତଙ୍କ ସଂଯୋଜନାରେ ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ମିଶ୍ର, ସରୋଜକାନ୍ତ ପରିଡ଼ା, ଗୋପିନାଥ ପାତ୍ର, ରାଜୀବ ଲୋଚନ ଜେନା ପ୍ରମୁଖଙ୍କ ଉପସ୍ଥିତରେ ଏହି ଭୂମି ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ପାଳନ ଅବସରସରେ ଚଳିତ ବର୍ଷ ଆୟୋଜିତ ହେଉଥିବା ବାଣିଜ୍ୟ ମହୋତ୍ସବର ରୂପ ରେଖକୁ ଅଧିକ ଗୁରୁତ୍ୱ ଦିଆଯାଇ ଆନନ୍ଦପୁର ଷ୍ଟାଡିୟମ୍ ପରିସରରେ କାର୍ଯ୍ୟ ଆରମ୍ଭ ହୋଇଛି। ଡିସେମ୍ବର ୧୪ ରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ଏହି ବାଣିଜ୍ୟ ମହୋତ୍ସବ ସ୍ଥାନୀୟ ଅଧବାସୀଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରେସ୍ କ୍ଲବ ଆଶାବାଦୀ ରହିଛି। ବାଣିଜ୍ୟ ମହୋତ୍ସବ ପାଇଁ ଦୁଇ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଷ୍ଟଲର ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଦୈନିକ ମାନ୍ୟଗଣ୍ୟ ଅତିଥିମାନଙ୍କ ଉପସ୍ଥିତରେ ସଭା କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଛି।

## ସମାଜସେବୀଙ୍କ ପରଲୋକ



**ବୈଶିଙ୍ଗା,୭।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଢେଁପୌଦା ଗ୍ରାମର ବର୍ଷୀୟାନ ବ୍ୟକ୍ତି ଗଗନ ଚନ୍ଦ୍ର ସାହୁଙ୍କର୫ ତାରିଖ ଶୁକ୍ରବାର ରାତି ୧୨ ଘଣ୍ଟା ସମୟରେ ବେତନଟୀରେ ରହୁଥିବା ମଧ୍ୟମ ପୁତ୍ର ପର୍ଶୁରାମ ସାହୁଙ୍କ ଘରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ହେବାକୁ ତାଙ୍କର ୯୪ ବର୍ଷ ହୋଇଥିଲା। ତାଙ୍କର ଅନ୍ତେଷ୍ଟିକ୍ରିୟା ନିଜ ବାସସ୍ଥାନ ଢେଁପୌଦା ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ସମାପନ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ପୁଲିସ ବିଭାଗରେ ରହି ନିଃସ୍ୱାର୍ଥପର ଭାବରେ ଲୋକଙ୍କର ସେବା କରି ବେଶ ସୁନାମ ଅର୍ଜନ କରିଥିଲେ । ସେ ଜଣେ ପରୋପକାରୀ , ମିଷ୍ଟଭାଷୀ ସମାଜସେବୀ ଓ ଧର୍ମ ପରାୟଣ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ।

### ବହୁଜନ ସମାଜ ପାର୍ଟିର କର୍ମୀ ସମ୍ମିଳନୀ

## ବିଭିନ୍ନ ଦଳର ଶତାଧିକ କର୍ମୀ ବିଏସ୍‌ପିରେ ସାମିଲ

**ରାୟଗଡା,୭।୧୨ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ସ୍ତରୀୟ ବହୁଜନ ସମାଜ ପାର୍ଟି କର୍ମି ସନ୍ମିଳନୀ ସହରର ହଟେଲ ବମସି କ୍ରିଷ୍ଣା ଫାଂକ୍ସନ ହଲରେ ଗର୍ବ ଓ ଉତ୍ସାହ ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିଲ୍ଲାର ୧୧ଟି ବ୍ଲକରୁ ଆସିଥିବା ଶତାଧିକ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



କାର୍ଯ୍ୟକ୍ରମଟି ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ଟାକ୍ରୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ପ୍ରଥମେ ଭାରତୀୟ ସମ୍ବିଧାନ ନିର୍ମାତା ଡ଼. ଭି.ଆର. ଆମ୍ବେଦକର ଏବଂ ବିଏସପି ପ୍ରତିଷ୍ଠାତା ମାନ୍ୟବର କାଂସିରାମ ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଳା ଅର୍ପଣ କରାଯାଇ ମହମବତୀ ଜଳାଇ ସଭାର ଶୁଭାରମ୍ଭ କରାଯାଇଥିଲା। ସଭାକୁ ଜିଲ୍ଲା ସାଧାରଣ ସମ୍ପାଦକ ରବୀନ୍ଦ୍ର ଗରଡ଼ିଆ ସଫଳ ଭାବେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସରଜ କୁମାର ନାଏକ ଯୋଗଦେଇ ପାର୍ଟିକୁ ଗ୍ରାମସ୍ତରରେ ସୁଦୃଢ଼ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

ସମ୍ମାନୀୟ ଅତିଥି ଭାବେ ପ୍ରଭାରୀ ଜିତେନ୍ଦ୍ର ଜାଜାକା, ଜିଲ୍ଲା ପ୍ରଭାରୀ ରାମଦାସ ଟାକ୍ରୀ, ଜାଗାମ ବେନିଆ, ଶିବ ପ୍ରସାଦ ସ୍ନା, ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବକ୍ତାମାନେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଏସପିକୁ ଜନସାଧାରଣ ମଧ୍ୟରେ ପ୍ରଚାର କରି ଜିଲ୍ଲା ପରିଷଦ ସଦସ୍ୟ ପଦରେ ବିଜୟୀ ହେବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହା ସହ ପାର୍ଟି ସୁପ୍ରିମୋ ଭଉଣୀ ମାୟାବତୀଙ୍କ ଜନ୍ମଦିନକୁ ଜନ କଲ୍ୟାଣ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଜେଡି, ବିଜେପି ଓ କଂଗ୍ରେସର ଅନେକ କର୍ମୀ ଦଳ ଛାଡ଼ି ବିଏସପିରେ ସାମିଲ ହୋଇଥିଲେ।

## ଲେହେରସ ସ୍ମାର୍ଟ କ୍ରିଜି ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ



**ବ୍ରହ୍ମପୁର,୭।୧୨ (ସଂଚାର ବ୍ୟୁରୋ):** ଲେହେରସ ସ୍ମାର୍ଟ କ୍ରିଜି ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ବ୍ରହ୍ମପୁର ଗୋପାଳକୃଷ୍ଣ ରଙ୍ଗମାଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ଼.ସରିତା ଦାସ ସଂମ୍ମାନିତ ଅତିଥି ରୂପେ ହେଣ୍ଡବଲ ଆସୋସିଏସନ ଉପସଭାପତି ସୁରେଶ ଚନ୍ଦ୍ର ପାଢ଼ୀ,ମୁଖ୍ୟ ବକ୍ତା ପି. ସୁଜାତା ରାଣୀ ପଣ୍ଡା ସଂମ୍ମାନିତ ଅତିଥି ରୂପେ ସମାଜସେବୀ ରାଜେଶ କୁମାର ସାହୁ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରଜୁ ମହାରଣ ଓ ସ୍କୁଲ ଅଧକ୍ଷା ସୁଜ୍ଞାନୀ ଆଚାର୍ଯ୍ୟ ଉପସ୍ଥିତ ରହି ଉଦଘାଟନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ରେମ୍ପ ସୋ ପ୍ରତିଯୋଗିତା ହୋଇଥିଲା।

# ରାସ୍ତା ସଫେଇ କାମରେ ଦୁର୍ନୀତି ଅଭିଯୋଗ

**ତିର୍ତ୍ତୋଲ,୭।୧୨ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅଧିନସ୍ଥ ମଣିଜଙ୍ଗା- ଏରସମା ରାସ୍ତାର ଦୁଇପାର୍ଶ୍ୱ ସଫା ସହ ଆଳିଆ ସଫା ହେଉଛି । କିନ୍ତୁ ବାସ୍ତବରେ ଏହା ପୁରା ଅଲଗା । ପୁରିଯେନା ଠାରୁ ଆରମ୍ଭ କରି ଉବ୍ରିଶିଂ ପର୍ଯ୍ୟନ୍ତ ତିର୍ତ୍ତୋଲ ବ୍ଲକରେ ଯାଉଥିବାରୁ ଏକ ସ୍ଥାନୀୟ ଠିକାଦାର ଏହି କାର୍ଯ୍ୟକୁ ସ୍ଥାନୀୟ ବିଧାୟକଙ୍କ ସୁପାରିସ କ୍ରମେ କରୁଥିବା ଜଣାପଡିଛି। ପୂର୍ତ୍ତ ବିଭାଗ ତରଫରୁ ମିଳିଥିବା ସୂଚନା ଆଧାରରେ ଏଷ୍ଟିମେଣ୍ଟରେ ରାସ୍ତାର ଦୁଇ ପାର୍ଶ୍ୱ ରାସ୍ତା ଠାରୁ ଦୁଇ ମିଟର ଲେଖାଏଁ ୪ ମିଟର ସଫା କରିବା କଥା କିନ୍ତୁ ବାସ୍ତବରେ ଏହା ପୁରା ଓଲଟା ଦେଖିବାକୁ ମିଳିଛି। ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଫଳରେ



ଦୁଇ ପାର୍ଶ୍ୱ କେବଳ ଦୁଇମିଟର ସଫା ହେବା ଦେଖା ଯାଉନାହିଁ। ଯାହାକି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହେଉଥିବା ଦେଖାଦେଇଛି। ଏହି ବାବଦରେ ରାସ୍ତା ସଫେଇ ସମୟରେ ଛିଡ଼ା ହୋଇ ସଫେଇ କରାଉଥିବା ସ୍ଥାନୀୟ ଯୁବକଙ୍କୁ ଏହି କାମ ବିଷୟ ପଚାରିବା ବେଳେ ତାଙ୍କ ମୁହଁରୁ ବାହାରିଥିଲା ସ୍ଥାନୀୟ ବିଧାୟକ ତ ଆମ୍ଭ ଠାରୁ ମୋଟା ଆକାରରେ ପଣି ନେଉଛନ୍ତି। ତାପରେ ବାକିରହିଲା ପୂର୍ତ୍ତ ବିଭାଗ କଥା ତ ନ କହିବା ଭଲ, ଆଉ ଆମେ କଣ ଘରୁ ଆଣୀକି କାମ କରିବୁ ? ଏହା ଶୁଣିବା ପରେ ମଣିଜଙ୍ଗାର ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କୁ କଲ୍ କରିଥିଲେ ମଧ୍ୟ ଯନ୍ତ୍ରୀ ଫୋନ୍ ବାରମ୍ବାର କାଟିଥିଲେ । କେବଳ ସେତିକି ପୁରିଯେନା ଠାରୁ ଇବ୍ରିଶିଂ ନୁହେଁ ମଣିଜଙ୍ଗା-ଏରସମା ରାସ୍ତାର ଆରମ୍ଭରୁ ନୂଆ ପୋଖରୀ ପର୍ଯ୍ୟନ୍ତ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯଦି ଡବଲ ଇଞ୍ଜିନ ସରକାର ବିଧାୟକ ଠାରୁ ଆରମ୍ଭ କରି ଯନ୍ତ୍ରୀ ଠିକାଦାର ଙ୍କ ମିଳିତ ଉଦ୍ୟମରେ ମିଳିତ ସୋଷୋଣ ହୁଏ ତାହେଲେ ଆଉ ସଧାରଣ ଜନତା କାହାକୁ କହିବେ ଆଉ କିଏ ଶୁଣିବ ।

## ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାରିପଦା,୭।୧୨ (ସଂଚାର ବ୍ୟୁରୋ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପିଜି ୟୁନିଟ୍ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପ୍ରାୟୋଜିତ "ଜିଲ୍ଲା ସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୦୨୫" ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅତ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଏନ୍‌ଏସ୍‌ଏସ୍ ଭଳି କାର୍ଯ୍ୟକ୍ରମ ଛାତ୍ରମାନଙ୍କୁ ସମାଜ ପ୍ରତି ଦାୟିତ୍ୱବାନ୍ କରି ଦେଶ ଗଠନରେ ସହାୟକ ହେଉଛି ଏବଂ ଏହି ପ୍ରଶିକ୍ଷଣ ସେମାନଙ୍କୁ ଆଗାମୀ ଦିନରେ ନେତୃତ୍ୱ ନେବାକୁ ଗଢ଼ି ତୋଳିବ ବୋଲି କହିଥିଲେ ।

ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ଶ୍ରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ପରିବେଶ ସଂରକ୍ଷଣରେ ଯୁବକମାନଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ ।




ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିବନ୍ଧ ଓ ବିତର୍କ ପ୍ରତିଯୋଗିତା ହୋଇଥିଲା । ଏଥିସହିତ ରିଲ୍ସ ନିର୍ମାଣ, କ୍ୱିଜ୍ ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା । "ମାଇ ପ୍ଲାନ୍ ଫର୍ କ୍ୟାମ୍ପସ୍ ଭଲ୍ୟୁଣ୍ଟିଅର୍ସ" କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ନିଜ ନିଜ କ୍ୟାମ୍ପସ୍‌ରେ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସବ୍‌କଲେକ୍ଟର ଡକ୍ଟର ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିଥିଲେ । ଏହି ତିନିଦିନିଆ କାର୍ଯ୍ୟକ୍ରମ ନେତୃତ୍ୱ ବିକାଶ, ସାମାଜିକ ସଚେତନତା ଓ ଦକ୍ଷତା ବୃଦ୍ଧିରେ ଅତ୍ୟନ୍ତ ସଫଳ ହୋଇଥିଲା।